୬ ପ୍ରଥମ ଥର ଟିମ୍ ଇଣ୍ଡିଆରେ ସାମିଲ ହେଲେ ଆୟୁଷ ବଦୋନି



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008

# ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com

ଏ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

• ବର୍ଷ–୩୨ • ସଂଖ୍ୟା–୩୪୬ • ୧୩ ଜାନୁଆରୀ ୨୦୨୬, ମଙ୍ଗଳବାର • ଭୁବନେଶ୍ୱର • Vol -32 • Issue-346 • 13th January 2026, Tuesday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ସିଟ୍ ସଂଖ୍ୟା ୫୦କୁ ବଢିପାରେ !

# ୩୦୦ ସଦସ୍ୟ ବସିବା ଭଳି ନିର୍ମାଣ ହେବ ବିଧାନସଭା

ଭୁବନେଶ୍ୱର, ୧୨ ।୧
ନ୍ୟୁଜ୍ ବ୍ୟୁରୋ

ଖୁବଶୀଘ୍ର ବଢିପାରେ ଓଡ଼ିଶା ବିଧାନସଭା ସିଟ୍ ସଂଖ୍ୟା । ଏବେ ବିଧାନସଭାରେ ୧୪୭ଟି ସିଟ୍ ଅଛି, ତେବେ ଡିଲିମିଟେସନ (ସୀମାପୁନଃ ନିର୍ଦ୍ଧାରଣ) ପରେ ଏହି ସଂଖ୍ୟା ୨୦୦କୁ ବଢିପାରେ । ଆଗାମୀ ୫୦/୧୦୦ ବର୍ଷକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରାଯାଉଛି। ନୂଆ ବିଧାନସଭା ନିର୍ମାଣ ହେଲେ ସେଥିରେ ୩ ଶହ ବିଧାୟକ ବସିବାର ବ୍ୟବସ୍ଥା ରହିବ। ଏହି ବଡ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେଣ୍ଟ୍ରାଲ ଭିଷ୍ଟା ଢାଞ୍ଚାରେ ନୂଆ ଲୋକସେବା ଭବନ ଏବଂ ନୂଆ ବିଧାନସଭା ସୌଧ ନିର୍ମାଣ କରାଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ଏଭଳି ଅତ୍ୟାଧୁନିକ ପ୍ରକଳ୍ପର ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ । ୭୧.୧୩ ଏକର ଜମିରେ ଏହା ନିର୍ମାଣ କରାଯିବ। ଏନେଇ ମାଷ୍ଟରପ୍ଲାନ ଅନୁମୋଦନ ହୋଇସାରିଛି ।



ଏଥିପାଇଁ ଖର୍ଚ୍ଚ ହେବ ସମୁଦାୟ ୩୬୨୩ କୋଟି ଟଙ୍କା । ନୂଆ ଲୋକସେବା ଭବନରେ ହେବ ଭୂତଳ ପାର୍କିଂ ।

ସୋମବାର ଲୋକସେବା ଭବନ କନଫରେନ୍ସ ହଲରେ ଜାତୀୟ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ସେହିପରି ୯୫୨ କୋଟି ଟଙ୍କା ବ୍ୟୟରେ ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଏଲିଭେଟେଡ଼ କରିଡ଼ର ପ୍ରକଳ୍ପର ଶୁଭ ଦିଆଯାଇଛି । ଯେଉଁଥିରେ ଜୟଦେବ ବିହାର, କଳିଙ୍ଗ ହସ୍ପିଟାଲ ଛକ, ଡମଣା ଛକ ଓ କିଟ୍ ଛକରେ ନିର୍ମାଣ ହେବ ଫ୍ଲାଏ ଓଭର । ଜୟଦେବ ବିହାର ଛକରେ ୪ ଲେନ ବିଶିଷ୍ଟ କେବୁଲ ଷ୍ଟେ ବ୍ରିଜ କରିବାକୁ ଯୋଜନା ରହିଛି। ରାସ୍ତାର ଦୁଇ ପାର୍ଶ୍ୱରେ ଲାଗିବ ୨୨ ହଜାର ୪୧୦ ଗଛ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୬୭୦୧ କୋଟି ଟଙ୍କାର ୭୧ଟି ପ୍ରକଳ୍ପର ଲୋକାର୍ପଣ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ରାଜ୍ୟର ସଡକ ସୁରକ୍ଷା ଓ ବିକାଶ କ୍ଷେତ୍ରରେ ଆଜି ଏକ ଐତିହାସିକ ଦିନ। ସାରା ରାଜ୍ୟରେ ଏବେ ଜାତୀୟ ସଡକ ସୁରକ୍ଷା ମାସ ପାଳିତ ହେଉଥିବା ବେଳେ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସଡକ ସୁରକ୍ଷା ପାଇଁ ଅନେକ ଯୁଗାନ୍ତକାରୀ ପଦକ୍ଷେପ ଆରମ୍ଭ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଆଗକୁ ଧସେଇ ପଶି ଆସିଲେ ଯୁବକ

ଭୁବନେଶ୍ୱର, ୧୨ ।୧
ନ୍ୟୁଜ୍ ବ୍ୟୁରୋ

ପ୍ରୋଟୋକଲ ଭାଙ୍ଗି ମୁଖ୍ୟମନ୍ତ୍ରୀଙ୍କ ଆଗକୁ ପଶି ଆସିଲେ ଯୁବକ । ସୋମବାର ଜାତୀୟ ଯୁବ ଦିବସ ପାଳନ ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର ସରକାରୀ କାର୍ଯ୍ୟକ୍ରମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ବେଳେ ପ୍ରୋଟୋକଲ ଭାଙ୍ଗି ହଠାତ ଜଣେ ଯୁବକ ତାଙ୍କ ନିକଟକୁ ଧସେଇ ପଶିଆସିଥିଲେ। ତେବେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ୍ ସଂପୃକ୍ତ ଯୁବକକୁ କାବୁ କରି ନେଇଥିଲେ। ଯୁବକ ଜଣକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ମିଳିଥିବା ସୂଚନା ଅନୁସାରେ ଯୁବକ ଜଣଙ୍କ କୌଣସି ଏକ ସଂସ୍ଥାରେ ଚାକିରି କରିଥିଲେ। ସେଠାରୁ ଚାକିରି ହରାଇବା ପରେ ବେକାର ହୋଇ ରହିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଚାକିରି ପାଇଁ ଏକ ଆବେଦନପତ୍ର ଲେଖି ପ୍ରତ୍ୟକ୍ଷ ଭାବେ ଦେବା ଉଦ୍ଦେଶ୍ୟରେ ଯୁବକ ଜଣଙ୍କ ଆସିଥିବା କୁହାଯାଉଛି। ଏ ସମ୍ପର୍କରେ ପୋଲିସ୍ ପକ୍ଷରୁ ଅନୁସନ୍ଧାନ ଜାରି ରହିଛି। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିଦିଆଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଦୀକ୍ଷାନ୍ତ ଭବନରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାତୀୟ ଯୁବ ଦିବସ ପାଳନ ଅବସରରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ପ୍ରଧାନମନ୍ତ୍ରୀ ମୋଦୀ-ଜର୍ମାନ ଚାନସେଲରଙ୍କ ମଧ୍ୟରେ ଦ୍ୱି-ପାକ୍ଷିକ ଆଲୋଚନା



ଅହମ୍ମଦାବାଦ, ୧୨ ।୧

ଗାନ୍ଧୀନଗରର ମହାତ୍ମା ମନ୍ଦିର କନଭେନସନ ସେଣ୍ଟରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଜର୍ମାନ ଚାନସେଲର ଫ୍ରେଡ୍ରିଚ୍ ମର୍ଜ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ସଂପନ୍ନ ହୋଇଛି। ଆଲୋଚନା ପରେ ପ୍ରଧାନମନ୍ତ୍ରୀ କହିଛନ୍ତି, "ଭାରତ ଏବଂ ଜର୍ମାନୀ ଘନିଷ୍ଠ ବନ୍ଧୁ ଓ ସହଯୋଗୀ। ସେଥିପାଇଁ ଏବେ ଭାରତରେ ୨,୦୦୦ ରୁ ଅଧିକ ଜର୍ମାନ କମ୍ପାନୀ ଅଛନ୍ତି। ଏହା ଭାରତ ପ୍ରତି ଜର୍ମାନୀର ଅଟଳ ବିଶ୍ୱାସକୁ ପ୍ରତିଫଳିତ କରୁଛି । ଭାରତ ଏବଂ ଜର୍ମାନୀ ନୂତନ ପ୍ରକଳ୍ପଗୁଡ଼ିକୁ ଆଗକୁ ବଢ଼ାଉଛନ୍ତି। ଏହାସହିତ ଉଭୟ ପ୍ରତ୍ୟେକ କ୍ଷେତ୍ରରେ ଏକାଠି କାମ କରୁଛନ୍ତି। ଏହି ଅବସରରେ ସ୍ୱାକ୍ଷରିତ ଏମଓୟୁ ଏହାକୁ ଆହୁରି ମଜଭୁତ କରିବ।

ସୋମବାର ପୂର୍ବାହ୍ନରେ ଉଭୟ ନେତା ପ୍ରଥମେ ଅହମ୍ମଦାବାଦର ସାବରମତୀ ଆଶ୍ରମରେ ପହଞ୍ଚି ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାବରମତୀ ଆଶ୍ରମ ବୁଲିବା ପରେ, ମୋଦୀ ଏବଂ ମର୍ଜ ସାବରମତୀ ନଦୀକୂଳକୁ ଯାଇଥିଲେ। ସେଠାରେ ସେମାନେ ଅନ୍ତର୍ଜାତୀୟ ଗୁଡ଼ି ମହୋତ୍ସବରେ ଅଂଶଗ୍ରହଣ କରିଥିଲେ ଏବଂ ଏକାଠି ଗୁଡ଼ି ଉଡ଼ାଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ତିନି ଦିନିଆ ଗୁଜୁରାଟ ଗସ୍ତ ଶେଷ କରି ନୂଆଦିଲ୍ଲୀ ଫେରିଆସିଛନ୍ତି।

## ଥାଲାପତି ବିଜୟଙ୍କୁ ସିବିଆଇ ଜେରା

ଚେନ୍ନାଇ, ୧୨ ।୧

ସାଉଥ ସୁପରଷ୍ଟାର ତଥା ଟିଭିକେ ସୁପ୍ରିମୋ ବିଜୟଙ୍କୁ ଜେରା କରିଛି ସିବିଆଇ। ବିଜୟଙ୍କୁ ସୋମବାର ଦୀର୍ଘ ୭ଘଣ୍ଟା ଧରି ମାରାଥନ ଜେରା କରିଥିବାର ସୂଚନା ମିଳିଛି।

ସାଉଥ ସୁପରଷ୍ଟାର ତଥା ତାମିଲନାଡୁର ନବନିର୍ମିତ ରାଜନୈତିକ ଦଳ ଟିଭିକେର ମୁଖ୍ୟ ଥାଲାପତି ବିଜୟ ଓରଫ ଜୋଶେଫ ବିଜୟ ଚନ୍ଦ୍ରଶେଖରଙ୍କୁ ଜେରା କରିଛି ସିବିଆଇ । ବିଜୟଙ୍କୁ ଦିଲ୍ଲୀରେ ଜରା କରାଯାଇଛି ।

କରୁର ଦଳାଚକଟା ଘଟଣାରେ ତାଙ୍କୁ ଜେରା କରାଯାଇଥିବା ସୂଚନା ମିଳିଛି । ବିଜୟ ନୂଆଦଳ ଘୋଷଣା ପରେ ଗତବର୍ଷ ସେପ୍ଟେମ୍ବର ୨୭ରେ କରୁରରେ ଏକ ସଭା ଆୟୋଜନ କରିଥିଲେ । ଏହି ସଭାରେ ବିଜୟଙ୍କ ସମର୍ଥକ ମାନେ ପ୍ରବଳ ମାତ୍ରାରେ ଯୋଗ ଦେଇଥିଲେ । ଫଳରେ ଦଳାଚକଟା ଘଟି ୪୧ଜଣଙ୍କର ମୃତ୍ୟୁ ହୋଇଥିଲା ।

## ପୋଲାଭରମ ପ୍ରକଳ୍ପ ନେଇ ତେଲଙ୍ଗାନା ରିଟ୍ ପିଟିସନ ଗ୍ରହଣଯୋଗ୍ୟ ନୁହେଁ

ନୂଆଦିଲ୍ଲୀ, ୧୨ ।୧

ଆନ୍ଧ୍ରପ୍ରଦେଶ ଏବଂ ଏହାର ଏଜେନ୍ସି ଗୁଡ଼ିକୁ ପୋଲାଭରମ୍-ବାନାକାଚେର୍ଲା/ ନଲ୍ଲମାଲାସାଗର ଲିଙ୍କ୍ ପ୍ରକଳ୍ପ ସମ୍ବନ୍ଧୀୟ କାର୍ଯ୍ୟକଳାପରୁ ଆଗକୁ ବଢ଼ିବାରୁ ରୋକିବାକୁ ତେଲଙ୍ଗାନା ସରକାରଙ୍କ ଦ୍ୱାରା ଦାୟର ରିଟ୍ ପିଟିସନକୁ ସୁପ୍ରିମକୋର୍ଟ ସୋମବାର ପ୍ରଥମ ଦୃଷ୍ଟିରୁ ଗ୍ରହଣଯୋଗ୍ୟ ନୁହେଁ ବୋଲି ଦର୍ଶାଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ସମସ୍ତ ପ୍ରଭାବିତ ରାଜ୍ୟମାନଙ୍କୁ ନେଇ ମାମଲା ମାଧ୍ୟମରେ ବିବାଦର ସମାଧାନ ଅଧିକ ଉପଯୁକ୍ତ ହେବ। ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଆବେଦନର ଶୁଣାଣି କରି ତେଲଙ୍ଗାନାକୁ ମାମଲା ଦାୟର କରିବା ସମେତ ଆଇନରେ ଉପଲବ୍ଧ ଅନ୍ୟ ଯେକୌଣସି ଉପଯୁକ୍ତ ପ୍ରତିକାର ପାଇବା



ଏବଂ ବର୍ତ୍ତମାନର କାର୍ଯ୍ୟପନ୍ଥାରେ ଆଗ୍ରହୀ ସମସ୍ତ ବିବାଦ ଉଠାଇବା ପାଇଁ ସ୍ୱାଧୀନତା ପ୍ରଦାନ କରିଛନ୍ତି।

ଖଣ୍ଡପୀଠ ତାଙ୍କ ରାୟରେ କହିଛନ୍ତି ଯେ, ପ୍ରଥମ ଦୃଷ୍ଟିରୁ ରିଟ୍ ପିଟିସନକୁ କାର୍ଯ୍ୟକାରୀ କରାଯାଇ ପାରିବ ନାହିଁ ବୋଲି ବିଚାର କରାଯାଉଛି। ଆବେଦନକାରୀଙ୍କୁ ଆଇନ ଅନୁଯାୟୀ ଉପଯୁକ୍ତ ପ୍ରତିକାର ପାଇବା ଏବଂ ତୁରନ୍ତ ଆବେଦନରେ ନିଆଯାଇଥିବା ସମସ୍ତ ବିବାଦ ଉଠାଇବାର ସ୍ୱାଧୀନତା ଦିଆଯାଇଛି।

ତେଲଙ୍ଗାନା ସରକାରଙ୍କ ପକ୍ଷରୁ ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭୀ ସମ୍ବିଧାନର ଧାରା ୩୨ ର ଆବେଦନକୁ ଯଥାର୍ଥ ବୋଲି ଦର୍ଶାଇବାକୁ ଚେଷ୍ଟା କରିଥିଲେ। ସିଂଘଭୀ ଦର୍ଶାଇଥିଲେ ଯେ ତେଲଙ୍ଗାନା ଗୋଦାବରୀ ନଦୀ ଜଳ ଆବଣ୍ଟନକୁ ନିୟନ୍ତ୍ରଣ କରୁଥିବା ଟ୍ରିବ୍ୟୁନାଲ ଆୱାର୍ଡର ସ୍ପଷ୍ଟ ଉଲ୍ଲଂଘନ ଦୃଷ୍ଟିରୁ ରିଟ୍ ପିଟିସନ୍ ଦାଖଲ କରିଛି। ଗୋଦାବରୀ ଜଳ ବ୍ୟବହାର ନେଇ ଏକ ନିର୍ଦ୍ଦିଷ୍ଟ ସୀମା ରହିଛି, ଏହାଠାରୁ ଅଧିକ ଜଳ ବ୍ୟବହାର ଅବୈଧ। ତେବେ କୋର୍ଟ କହିଥିଲେ ଏହି ବିବାଦ କେବଳ ତେଲଙ୍ଗାନା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ସୀମିତ ନୁହେଁ। କର୍ଣ୍ଣାଟକ ଓ ମହାରାଷ୍ଟ୍ର ପରି ଅନ୍ୟ ରାଜ୍ୟ ମଧ୍ୟ ଅଛନ୍ତି। କିନ୍ତୁ ରିଟ୍ ପିଟିସନରେ ସେମାନଙ୍କୁ ପକ୍ଷଭୁକ୍ତ କରାଯାଇନାହିଁ। ବରିଷ୍ଠ ଓକିଲ ମୁକୁଲ ରୋହତଗୀ ଆନ୍ଧ୍ର ପ୍ରଦେଶ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିଲେ। ଏହି ବିବାଦ ଆନ୍ଧ୍ର ପ୍ରଦେଶର ଗୋଦାବରୀ ନଦୀର ବଳକା ଜଳକୁ ପୋଲାଭରମ୍ (ପୃଷ୍ଠା ୭ରେ)

## ଲୋକସଭାରେ ଇ-ସିଗାରେଟ ଟାଣିବା ପ୍ରସଙ୍ଗ

# ତଦନ୍ତ ଚୂଡ଼ାନ୍ତ ପର୍ଯ୍ୟାୟରେ

ନୂଆଦିଲ୍ଲୀ, ୧୨ ।୧

ଲୋକସଭାରେ ଇ-ସିଗାରେଟ୍ ଟାଣିବା ପ୍ରସଙ୍ଗରେ ସୋମବାର ବାଚସ୍ପତି ଓମ୍ ବିର୍ଲା ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ରଖିଛନ୍ତି। ଗୃହରେ ଇ-ସିଗାରେଟ ଟାଣିବା ମାମଲାରେ ତଦନ୍ତ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ କୌଣସି ପ୍ରକାର ସଂସଦୀୟ ନିୟମର ଉଲ୍ଲଂଘନ ହୋଇଥିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ବାଚସ୍ପତି କହିଛନ୍ତି। ଉକ୍ତ ପ୍ରସଙ୍ଗରେ ଟିପ୍ପଣୀ ରଖି ବାଚସ୍ପତି ବିର୍ଲା କହିଛନ୍ତି, ସଂସଦର ସମ୍ମାନ ଏବଂ ଶୃଙ୍ଖଳାରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ। ଗୃହର ପବିତ୍ରତା ନଷ୍ଟ କରିବାର ଅଧିକାର କାହାର ବି ନାହିଁ।

ତଦନ୍ତ ଶେଷ ହେବାପରେ ଯିଏ ବି ସଂସଦୀୟ ନିୟମ ଉଲ୍ଲଂଘନ କରିଥିବା ଜଣାପଡ଼ିବ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ବାଚସ୍ପତି



ଚେତାଇ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ବିଜେପି ସାଂସଦ ଅନୁରାଗ ଠାକୁର ଲୋକସଭାରେ ଏହି ପ୍ରସଙ୍ଗ ଉଠାଇବାପରେ ଏହାକୁ ନେଇ ବଡ଼ ଧରଣର ବିବାଦ ହୋଇଥିଲା। ଗୃହରେ ଇ-ସିଗାରେଟ୍ ବ୍ୟବହାର ପାଇଁ ଅନୁମତି ଅଛି କି ବୋଲି ସେ ପ୍ରଶ୍ନ କରିବାରୁ ଏହାକୁ ନେଇ ବିବାଦ ଉପୁଜିଥିଲା।

ଠାକୁର ଅଭିଯୋଗ କରିଥିଲେ ଯେ ଦେଶରେ ଇ-ସିଗାରେଟ୍ ନିଷିଦ୍ଧ ହୋଇଥିଲେ ସୁଦ୍ଧା କିଛି ଟିଏମ୍‌ସି ସାଂସଦ ଲଗାତାର ଭାବେ ଗୃହରେ ଇ-ସିଗାରେଟ୍ ଟାଣୁଛନ୍ତି। ଏହି ଅଭିଯୋଗ ଉପରେ ଜବାବ ରଖି ବାଚସ୍ପତି କହିଥିଲେ ଯେ ଏଭଳି କୌଣସି ଅନୁମତି ପ୍ରଦାନ କରାଯାଇନାହିଁ। ବାଚସ୍ପତି କହିଛନ୍ତି, ଏକ ନିର୍ଦ୍ଦିଷ୍ଟ ଧୁମପାନ କକ୍ଷ ରହିଥିବାବେଳେ ଗୃହରେ ଧୁମପାନ ଏବଂ ଇ-ସିଗାରେଟ ଟାଣିବା ଗ୍ରହଣୀୟ ନୁହେଁ। ତଦନ୍ତର ଏକ ଅଂଶବିଶେଷ ଭାବେ ଫରେନ୍ସିକ ନମୁନା ସଂଗ୍ରହ କରି ଟେଷ୍ଟ ପାଇଁ ପଠାଯାଇଛି। ତଦନ୍ତ କମିଟି ରିପୋର୍ଟକୁ ଅପେକ୍ଷା କରିଛି। ରିପୋର୍ଟ ଆସିବାପରେ ଏହି ମାମଲାରେ ଜେରା ପାଇଁ ତଦନ୍ତ କମିଟି ସାଂସଦଙ୍କୁ ସମନ୍ କରିବ ବୋଲି ସେ କହିଛନ୍ତି।

## ଆଜିର ମୁଖ୍ୟ ଖବର

- ପୋଲିସ ଏସଆଇ ମହାକେଳେଙ୍କାରୀ ମାମଲା , ୧୦ ଆଶାୟୀ ଛାତ୍ରଙ୍କୁ ସିବିଆଇ ସମନ।
- ଯାନବାହନ ପାଇଁ ସବୁଜ ପ୍ରଦୂଷଣ ପ୍ରମାଣପତ୍ର ଅନିର୍ବାଯ୍ୟ।
- ଭୁବନେଶ୍ୱର ଏକାମ୍ର ଉଦ୍ୟାନରେ ଆୟୋଜିତ ପୁଷ୍ପ ପ୍ରଦର୍ଶନୀ ଦେଖିବାକୁ ଭିଡ଼।
- ଅନୁଗୋଳରେ ଗୋରୁ ଭର୍ତ୍ତି ଟ୍ରକ୍ ଓଲଟିଲା, ଯାତାୟାତ ବାଧାପ୍ରାପ୍ତ।
- ଯାଜପୁର ଉଦୟଗିରିରେ ଆନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ଆରମ୍ଭ।
- ଢେଙ୍କାନାଳ ଗଁଦିଆରେ ଆଦର୍ଶ ବିଦ୍ୟାଳୟରେ ଜଣ୍ଡିସ୍ ଚିହ୍ନଟ।

## ଦୁର୍ଘଟଣା ରୋକିବାକୁ '୪ ଇ' ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱାରୋପ

ଭୁବନେଶ୍ୱର, ୧୨ ।୧
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ବଢୁଥିବା ଦୁର୍ଘଟଣାକୁ ରୋକିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪-ଇ ଉପରେ ଗୁରୁତ୍ୱାରୋପ କରିଛନ୍ତି । ପ୍ରଥମ ଇ – ଏଡୁକେସନ୍ ବା ସଠିକ ସୂଚନା ଓ ସଚେତନତା ସୃଷ୍ଟି । ଦ୍ୱିତୀୟ ଇ- ଏନଫୋର୍ସମେଣ୍ଟ ବା ଟ୍ରାଫିକ୍ ନିୟମ ଲାଗୁ କରିବା । ତୃତୀୟ ଇ-ଇଞ୍ଜିନିୟରିଂ ବା ସୁରକ୍ଷିତ ରାସ୍ତା ଓ ପୋଲ ନିର୍ମାଣ କରିବା ଏବଂ ଅନ୍ତିମ ତଥା ଚତୁର୍ଥ ଇ- ଏମରଜେନ୍ସି ବା ତୁରନ୍ତ ଚିକିତ୍ସା ସେବା ଯୋଗାଇବା । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୁଁ ଏଥିରେ ଆଉ ଦୁଇଟି 'ଇ' ଯୋଡ଼ିବାକୁ ଚାହୁଁଛି, ଏହି ଦୁଇ 'ଇ' ହେଉଛି ଏନଭାୟୋରମେଣ୍ଟ ଓ ଏନ୍‌ଗେଜମେଣ୍ଟ। ଏସବୁକୁ ଆପଣାଇଲେ ୯୫ପ୍ରତିଶତ ଦୁର୍ଘଟଣାକୁ ରୋକାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଓଡ଼ିଶାର ବିକାଶ ପାଇଁ ନୂଆ ଯୁବକମାନଙ୍କର ଆବଶ୍ୟକତା ରହିଛି

କଟକ, ୧୨ ।୧ : ନ୍ୟୁଜ୍ ବ୍ୟୁରୋ

ଆଗାମୀ ମାର୍ଚ୍ଚରେ ନୂଆ ଦଳ ଗଢ଼ି ପାରନ୍ତି କଟକ-ବାରବାଟୀର ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍। ଏଥିପାଇଁ ସରିଛି ସବୁ ପ୍ରକାର ପ୍ରସ୍ତୁତି । ନୂଆ ଦଳ ଘୋଷଣା ନେଇ ସଂକେତ ଦେଇଛନ୍ତି ଖୋଦ୍ ମୋକିମ୍। ସୋମବାର ଜାତୀୟ ଯୁବ ଦିବସ ଅବସରରେ ରାଜଧାନୀ ଭୁବନେଶ୍ୱରରେ ଶକ୍ତି ପ୍ରଦର୍ଶନ କରିଛନ୍ତି । ଓଡ଼ିଶାର ଯୁବକମାନଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଏଠାରେ ଯୁବ ସମାବେଶର ଆୟୋଜନ (ପୃଷ୍ଠା ୭ରେ)




## ପିଏସ୍‌ଏଲଭି-ସି୬୨ ଉତ୍କ୍ଷେପଣ ବିଫଳ

ଶ୍ରୀହରିକୋଟା, ୧୨ ।୧

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ଚଳିତ ବର୍ଷର ପ୍ରଥମ ମିଶନ ବିଫଳ ହୋଇଛି। ୨୬୦ ଟନ୍ ବିଶିଷ୍ଟ ପିଏସ୍‌ଏଲ୍‌ଭି-ଡିଏଲ୍ ଶ୍ରେଣୀର ରକେଟ ୧୬ଟି ଉପଗ୍ରହ ସହିତ ସୋମବାର ସକାଳ ୧୦ଟା ୧୭ ମିନିଟରେ ଉତ୍କ୍ଷେପଣ କରାଯାଇଥିଲା। ୨୦୨୬ରେ ଏହା ଇସ୍ରୋର ପ୍ରଥମ ଅର୍ବିଟାଲ ମିଶନ ଥିଲା। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ ପିଏସ୍‌ଏଲ୍‌ଭି-ସି୬୨ ରକେଟର ଉତକ୍ଷେପଣ (ପୃଷ୍ଠା ୭ରେ)

## ସୁନା ଦର

- ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୨୧୫ (+୧୬୯)
- ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୦୩୦ (+୧୫୫)
- ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୬୬୧ (+୧୨୭)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୮୭ (+୧୨)

# ଦରମରା କଲାଣି ଦରଦାମ୍, ଏଆଇକୁ ନେଇ ଯୁବପିଢ଼ି ଚିନ୍ତିତ




ନୂଆଦିଲ୍ଲୀ, ୧୨ ।୧

ଯୁବପିଢ଼ିଙ୍କ ଚିନ୍ତାର ଏକ ବଡ଼ କାରଣ ହେଉଛି ଆର୍ଥିକ ସମସ୍ୟା । ଜୀବନଯାପନକୁ ନେଇ ବଢୁଥିବା ଖର୍ଚ୍ଚ ଯୋଗୁ ସେମାନେ ଚାପରେ ରହୁଛନ୍ତି । ସେମାନଙ୍କ ଅନ୍ୟତମ ମୁଣ୍ଡବ୍ୟଥାର କାରଣ ହେଉଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ପ୍ରଭାବ। ସେମାନେ ଭାବୁଛନ୍ତି ଯେ ଏଆଇ ଜରିଆରେ ହେଉଥିବା ଅଟୋମେସନ ନୂଆ ଚାକିରି ସୃଷ୍ଟିକୁ ଅଟକାଇ ଦେଉଛି। ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲ୍ୟୁଇଏଫ୍) ପକ୍ଷରୁ ଜାରି କରାଯାଇଥିବା ୟୁଥ୍ ପଲ୍ସ ରିପୋର୍ଟ ୨୦୨୬ରେ ଏହା କୁହାଯାଇଛି ।ଡବ୍ଲ୍ୟୁଇଏଫ୍ ପକ୍ଷରୁ ବିଶ୍ୱର ୪୮୯ଟି ସ୍ଥାନର ୪୬୦୦ ଯୁବକଯୁବତୀଙ୍କୁ ନେଇ ଏକ ସର୍ବେକ୍ଷଣ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ଅଧା ଲୋକ ଦରଦାମ୍ ବୃଦ୍ଧି ଓ ଅସ୍ଥିରତା ସେମାନଙ୍କ ଜୀବନର ସବୁଠୁ ବଡ଼ ଚିନ୍ତା ବୋଲି କହିଥିଲେ। ବଢୁଥିବା ଅସମାନତାକୁ ନେଇ ମଧ୍ୟ ସେମାନେ ଚିନ୍ତା ପ୍ରକଟ କରିଥିଲେ।

୫୧ ପ୍ରତିଶତ ଯୁବକଯୁବତୀ ମୁଦ୍ରାସ୍ଫୀତି ଓ ଅସ୍ଥିରତାକୁ ନିଜର ବଡ଼ ସମସ୍ୟା କହିଥିବା ବେଳେ ୪୧ ପ୍ରତିଶତ ଯୁବକଯୁବତୀ ଜଳବାୟୁ ପରିବର୍ତ୍ତନ ସେମାନଙ୍କ ଜୀବନର ଦ୍ୱିତୀୟ ବଡ଼ ସମସ୍ୟା ବୋଲି କହିଥିଲେ। ସର୍ଭେରେ ଭାଗ (ପୃଷ୍ଠା ୭ରେ)

## ଗୋଟିଏ ଦିନର ବ୍ରେକ୍ ପରେ ପୁଣି ବଢ଼ିଲା ଶୀତ

ଭୁବନେଶ୍ୱର, ୧୨ ।୧
ନ୍ୟୁଜ୍ ବ୍ୟୁରୋ

ଗୋଟିଏ ଦିନର ବ୍ରେକ ପରେ ପୁଣି ବଢ଼ିଲା ଶୀତ । ମେଘାଚ୍ଛନ୍ନ ବାଦଲ ହଟିବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଖସିଲା ରାତି ତାପମାତ୍ରା । ଉପକୂଳ ଓଡ଼ିଶାରେ ୩.୬ ଡିଗ୍ରୀ ଯାଏ ଖସିଲା ପାରଦ । ଦୁଇ ଦିନ ଧରି ରାଜ୍ୟର ଅଧିକାଂଶ ସ୍ଥାନରେ ଆକାଶ ମେଘାଚ୍ଛନ୍ନ ରହିଥିବାରୁ ସର୍ବନିମ୍ନ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିଥିଲା । ଗତ ୨୪ ଘଣ୍ଟାରେ ଉତ୍ତର ଉପକୂଳ ଓଡ଼ିଶା ସହ ସଂଲଗ୍ନ ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାରେ ଆକାଶ ଅଧିକ ମେଘାଚ୍ଛନ୍ନ ରହିଥିଲା । ସୁନ୍ଦରଗଡ଼, ବରଗଡ଼ ଓ ସମ୍ବଲପୁରର କିଛି ଅଞ୍ଚଳ ମେଘମୁକ୍ତ ସହ ରାଜ୍ୟରେ ତାପମାତ୍ରାରେ ବୃଦ୍ଧି ଘଟିଥିଲା ।

ଅଧିକାଂଶ ସ୍ଥାନରେ ରାତିର ତାପମାତ୍ର ୫ରୁ ୭ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିଥିଲା । ରାଜଧାନୀ ଭୁବନେଶ୍ୱରର ସର୍ବନିମ୍ନ ତାପମାତ୍ରା ୯.୨ରୁ ବୃଦ୍ଧି ପାଇଁ ୧୫ ଡିଗ୍ରୀରେ ପହଞ୍ଚିଥିଲା । ଦାରିଙ୍ଗବାଡ଼ିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୬.୫ ଡିଗ୍ରୀ ରହିଥିବା ବେଳେ ଫୁଲବାଣୀରେ ୭, ରାଉରକେଲାରେ ୮, ଝାରସୁଗୁଡ଼ାରେ ୮.୩, ନବରଙ୍ଗପୁରରେ ୮.୫, ଜି ଉଦୟଗିରିରେ ୯.୪, ଅନୁଗୁଳରେ ୧୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା । ସୋମବାରଠାରୁ ପାରଦ ପୁଣି ଖସିଥିବା ବେଳେ ଶୀତର ପ୍ରକୋପ ବଢ଼ିଛି । ସେପଟେ ଜାଡ଼ରେ ଥରୁଛି ସାରା ଉତ୍ତର ଭାରତ। ରାଜସ୍ଥାନଠୁ ନେଇ ହିମାଚଳ ଯାଏ ସବୁଠି ଶୀତ ଲହରୀ ।



# ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଯୋଜନା ମାଧ୍ୟମରେ ଯୁବ ଗୋଷ୍ଠୀ ଓ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରାଯିବ

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

ଧରଣୀଧର ବିଶ୍ୱ ବିଦ୍ୟାଳୟ ପଡିଆରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ବୁଧବାର ସନ୍ଧ୍ୟାରେ ଦିନ ଉଦଯାପିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଚନ୍ଦ୍ରଶେଖର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ ଯୋଗଦେଇ ଏହି ମେଳା ମତ୍ସ୍ୟ ଓ ଗୋପାଳନ, ବତକ କୁକୁଡ଼ା ଚାଷୀଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ଯୁବଗୋଷ୍ଠୀ ଓ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ହେବାରେ ସହାୟକ ହେବ ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ନିଜ ବକ୍ତବ୍ୟ ମାଧ୍ୟମରେ ଗୋ ସମ୍ପଦ ବିନା କୃଷିର ସ୍ଥିତି ନାହିଁ ବୋଲି କହିବା ସହିତ କେନ୍ଦୁଝର ଜିଲ୍ଲାର ମୃତ୍ତିକାରେ ଅମ୍ଳ ରହୁଥିବାରୁ ମାଟି ପରୀକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି କହିଥିଲେ ।ମତ୍ସ୍ୟ ଉପ ନିର୍ଦ୍ଦେଶକ ପ୍ରମୋଦ କୁମାର ରାଉତ,କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ,ଆନନ୍ଦପୁର ସହକାରୀ ପ୍ରାଣୀ ଅଧିକାରୀ ଚିନ୍ମୟ କୁମାର ଦାସ ପ୍ରମୁଖ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । କେନ୍ଦୁଝର ସହରରେ ବୁଲୁଥିବା ଗୋରୁ ଓ କୁକୁରଙ୍କୁ ଧରିବା ପାଇଁ ଆବଶ୍ୟକ ହେଉଥିବା ଏକ ଗାଡି କିଣିବା ପାଇଁ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ସିଡିଭିଓ ୨୫ଲକ୍ଷ ଟଙ୍କାର ଏକ ଚେକ କେନ୍ଦୁଝରଗଡ଼ ପୌର ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଚାଷୀମାନଙ୍କ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସହକାରୀ ମତ୍ସ୍ୟ ଅଧିକାରୀ ବିରେନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କୁକୁଡ଼ା ପାଳନ କ୍ଷେତ୍ରରେ କୃତିତ୍ୱ ପାଇଁ ଘଟଗାଁ ବ୍ଲକର ଦୀପାଳି ମହାରଣା,ଛେଳି ଓ କୁକୁଡ଼ା ଖାଦ୍ୟ ପାଇଁ ସଦର ବ୍ଲକ କାଠବାଉଁଶୁଳି ର ବିଜୟଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ, ମତ୍ସ୍ୟ ପୋଖରୀ ଯୋଜନା ପାଇଁ ହାଟଡିହି ବ୍ଲକର ଇନ୍ଦ୍ରମଣି ସା, ବାଇଓଫ୍ଲକ୍ ପାଇଁ ଘସିପୁରା ବ୍ଲକର ସଂଯୁକ୍ତା ପହି, ଗୋ ଆହେଡ଼ ପାଇଁ ବିଭିନ୍ନ ଉଦ୍ୟୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଷ୍ଟଲ ଭାବରେ କୃଷି ବିଜ୍ଞାନ କେନ୍ଦ୍ର କେନ୍ଦୁଝରକୁ ପୁରସ୍କୃତ କରାଯାଇଥିଲା। ଏହି ମେଳାରେ ବିଭିନ୍ନ ବିଭାଗର ମୋଟ ୨୭ଟି ଷ୍ଟଲ ପଡିଥିଲା । କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀ ଓ ବୈଜ୍ଞାନିକମାନଙ୍କୁ ନେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଗୋପାଳନ ଏବଂ ମତ୍ସ୍ୟ ପାଳନରେ ବୈଷୟିକ ଜ୍ଞାନ କୌଶଳ ଉପଯୋଗିତା ଉପରେ ଆଲୋଚନା କରିବା ସହ ଚାଷୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ଶେଷ ଦିବସରେ ମଧ୍ୟ ଜିଲ୍ଲାର ବିଭିନ୍ନ କଳା ଓ ସାଂସ୍କୃତିକ ସଂଘ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



# ଡିଜିଟାଲ ସୁରକ୍ଷା ଓ ସାଇବର ବୁଲିଂ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**କଟକ, ନ୍ୟୁଜ ବ୍ୟୁରୋ**

ସାଇବର ସୁରକ୍ଷା ଓ ସଚେତନତା ସମ୍ବନ୍ଧିତ ଏକ ଦିନିକିଆ କାର୍ମଶାଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମାଜ କଲ୍ୟାଣ ବିଭାଗ କାର୍ଯ୍ୟାଳୟ ତରଫରୁ ବେଟୀ ବଚାଓ ବେଟୀ ପଢାଓ ଯୋଜନା ଅନ୍ତର୍ଗତ ଡିଜିଟାଲ ସୁରକ୍ଷା ଓ ସାଇବର ବୁଲିଂ ବିଷୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଛାତ୍ରଛାତ୍ରୀ ଓ ଯୁବସମାଜକୁ ଡିଜିଟାଲ ଜଗତରେ ସୁରକ୍ଷିତ ରହିବା, ସାଇବର ଅପରାଧରୁ ସଚେତନ ହେବା ଏବଂ ସାଇବର ବୁଲିଂ ସମସ୍ୟାକୁ ଠିକ୍ ଭାବେ ମୁକାବିଲା କରିବା ସମ୍ପର୍କରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ସମୟରେ ଇଣ୍ଟରନେଟ ଏବଂ ସୋସିଆଲ ମିଡିଆର ବୃଦ୍ଧି ସହିତ ସାଇବର ବୁଲିଂ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଭାବରେ ଦେଖା ଯାଉଛି ଏହି କାରଣରୁ ସାଇବର ବୁଲିଂ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଶେଷଜ୍ଞମାନେ ସୋସିଆଲ ମିଡିଆର ସୁରକ୍ଷିତ ବ୍ୟବହାର, ଅପମାନଜନକ ମେସେଜ, ଅନୁଚିତ ମନ୍ତବ୍ୟ, ନକଲି ଏକାଉଣ୍ଟ ମାଧ୍ୟମରେ ହେଉଥିବା ଉତ୍ପୀଡନ ଆଦି ବିଷୟରେ ଆଲୋଚନା କରାଯାଇଥିଲା । ସାଇବର ବୁଲିଂ ହେଲେ କେଉଁଠି ଏବଂ କିପରି ଅଭିଯୋଗ କରିବା ଉପରେ ବିସ୍ତୃତ ଆଲୋଚନା କରାଯିବା ସହ ସାଇବର ହେଲ୍ପଲାଇନ୍ ଓ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଅବଗତ କରାଯାଇଥିଲା । ଶେଷରେ ବିଭିନ୍ନ ବ୍ଲକରୁ ଆସିଥିବା କିଶୋରୀମାନଙ୍କୁ ସେମାନଙ୍କ ପାରଦର୍ଶିତା ପାଇଁ ଉପହାର ସ୍ୱରୂପ ୧୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିନାକ୍ଷୀ ଠାକୁର, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବବିତା ଜେନା, ଅତିରିକ୍ତ ଶିକ୍ଷା ଅଧିକାରୀ ମାନସୀ ଦଳେଇ, ଆଇନଜୀବୀ ବିଜୟ କୁମାର ପଣ୍ଡା, ପ୍ରକଳ୍ପ ଅଧିକାରୀ ସ୍ୱର୍ଣ୍ଣମୟୀ ଦାସ, ଜିଲ୍ଲା ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପ୍ରାଥମିକ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା

**ଧାମନଗର, ନ୍ୟୁଜ ବ୍ୟୁରୋ**

ପ୍ରାଥମିକ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା ବାଣପୁରଠାରେ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲ୍ଲା ବାଣପୁରଠାରେ ଏହାର ଶୁଭାରମ୍ଭ କରିଥିବାବେଳେ ଦୋବଲ ପଞ୍ଚାୟତସ୍ଥିତ ସୌକତ ଅଲ୍ଲି ଜଲ୍ଲାଲୁଦ୍ଦିନ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଆଭାସୀ ମାଧ୍ୟମରେ ଶୁଭାରମ୍ଭ କରାଯାଇଛି। ଏହାକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଡ଼ି ହୋଇଥିବାବେଳେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଥିଲେ। ଯୋଜନା କାର୍ଯ୍ୟକାରୀ ହେଲେ ବିଦ୍ୟାଳୟ ନୂଆ ରୂପ ନେବ। ନୂଆ କ୍ଲାସ ରୁମ୍ ଓ ସ୍ମାର୍ଟ ବୋର୍ଡ ରହିବ। ଏହାସହ ଡିଜିଟାଲ ଲାଇବ୍ରେରୀ ଓ ଲାଙ୍ଗୁଏଜ୍ ଲ୍ୟାବ୍ ମଧ୍ୟ ସ୍ଥାପନ କରାଯିବ। ସେହିପରି ପିଲାଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରି ଯୁଗୋପଯୋଗୀ କରାଯିବ। ତା ସହିତ ଯୋଜନା ମାଧ୍ୟମରେ ଖେଳ ପଡିଆ ନିର୍ମାଣ କରାଯିବ। ବାଳକ ଓ ବାଳିକାଙ୍କ ପାଇଁ ପୃଥକ ଶୌଚାଳୟ ଏବଂ ଡାଇନିଙ୍ଗ ହଲ୍ ରହିବ। ସବୁଜ ପରିବେଶ ଓ ସାମଗ୍ରିକ ବିକାଶ ପାଇଁ ସାଂସ୍କୃତିକ ଶିକ୍ଷା ଦିଆଯିବ। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ୨,୨୦୦ ବିଦ୍ୟାଳୟର ବିକାଶ ପାଇଁ ୧୨,୦୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ଅତ୍ୟାଧୁନିକ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ। ସମୁଦାୟ ୬,୭୯୪ଟି ବିଦ୍ୟାଳୟକୁ ଏହି ଯୋଜନାରେ ରୂପାନ୍ତରିତ କରାଯିବାର ଲକ୍ଷ୍ୟ ରଖାଯାଇଛି। ନିପୁଣ ଓଡ଼ିଶା ଏବଂ ଜାତୀୟ ଶିକ୍ଷା ନୀତି–୨୦୨୦ର ସଫଳ ରୂପାୟନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଦକ୍ଷ କରିବା ସରକାରଙ୍କ ସଂକଳ୍ପ। ସତ୍ୟବାଦୀ ବନ ବିଦ୍ୟାଳୟର ଆଦର୍ଶରେ ଏହି ବିଦ୍ୟାଳୟଗୁଡ଼ିକରେ ଶୈକ୍ଷିକ ବାତାବରଣ ସୃଷ୍ଟି କରାଯିବ, ଯାହା ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡ଼ିଶା' ଗଠନରେ ସହାୟକ ହେବ। ଦୋବଲଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ସାହୁ, ଦୋବଲ ସରପଞ୍ଚ ଅଶୋକ ପଣ୍ଡା, ସମିତି ସଭ୍ୟା ରନା ସାହୁଙ୍କ ସମେତ ବହୁ ସ୍ଥାନୀୟ ନେତୃବୃନ୍ଦ ଓ ଅଭିଭାବକ ଉପସ୍ଥିତ ଥିଲେ। ବିଦ୍ୟାଳୟଗୁଡ଼ିକର ଆଧୁନିକୀକରଣ ସହ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଥିବାରୁ ସାଧାରଣରେ ଏହାକୁ ସ୍ୱାଗତ କରାଯାଇଛି।

# ଗଡମେକର୍ 'ଗୋପାଳ ସଙ୍ଗୀତ' ୩ୟ ପର୍ଯ୍ୟାୟ ଲୋକାର୍ପିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗଣକବି ଗୋପାଳ ଦାଶଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡମେକର)ର ଅଭିନବ ସଂଯୋଜନା। 'ଗୋପାଳ ସଙ୍ଗୀତ' ଶୀର୍ଷକରେ ମୁକ୍ତିଲାଭ କରିଛି ତାଙ୍କ ରଚନାବଳୀରୁ ସାର ସଂଗୃହୀତ ସୁଲଳିତ ସଙ୍ଗୀତାବଳି। ଜୁନ୍'୨୫ ରୁ ମଇ'୨୬ ପର୍ଯ୍ୟନ୍ତ ପ୍ରତି ରବିବାର ଦିନ ଏଙଉଗରଉଙଜ ୟୁଟ୍ୟୁବ୍ ଚ୍ୟାନେଲରେ ଗତକାଲିଠାରୁ ଲୋକାର୍ପିତ ଓ ପ୍ରସାରିତ ହେଉଛି 'ଗୋପାଳ ସଙ୍ଗୀତ' ୩ୟ ପର୍ଯ୍ୟାୟ। ଗଡମେକର୍ ପ୍ରତିଷ୍ଠାତା-ନିର୍ଦ୍ଦେଶକ ଗୁରୁଶ୍ରୀ ସୁଶାନ୍ତ କୁମାର ପାଣିଙ୍କ ନିର୍ଦ୍ଦେଶନାରେ ମୋଟ ୫୨ଟିକିଆ 'ଗୋପାଳ ସଙ୍ଗୀତ' ସିରିଜ୍‌ର ତୃତୀୟ ପର୍ଯ୍ୟାୟରେ ସୁଖ୍ୟାତ ସଙ୍ଗୀତ ଗୁରୁ ଡଃ ବିଜୟ କୁମାର ଜେନା ଓ ନିମାକାନ୍ତ ରାଉତରାୟଙ୍କ ସହିତ ଅନୁଷ୍ଠାନର ସ୍ୱନାମଧନ୍ୟ ଆକାଶବାଣୀ/ ଦୂରଦର୍ଶନ ଶିଳ୍ପୀ ଗୁରୁ ସୁଶାନ୍ତ କୁମାର ପାଣି, ସୁପ୍ରିୟା ଦାଶ, ଅମୃତମୟ ସାମଲ, ପ୍ରିୟଙ୍କା ବେହେରା, ତାନି ତମନ୍ନା ପ୍ରଧାନ କଣ୍ଠଦାନ କରିଛନ୍ତି। ବିଶିଷ୍ଟ ତାଳବାଦ୍ୟ ଗୁରୁ ଅଜୟ ଚୌଧୁରୀ, ସଙ୍ଗୀତ ଗୁରୁ ଧୃତିମୟ ବେହେରା, ଫେଲୁ ଏବଂ ସୌମ୍ୟକାନ୍ତ ମଲ୍ଲିକ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଛନ୍ତି। ଗଣକବି ଗୋପାଳ ଦାଶଙ୍କ ୭୨ଖଣ୍ଡ ଗୀତିନାଟ୍ୟରୁ ସଂଗୃହୀତ ୫୨ଟି ଓଡ଼ିଶୀ, ଭଜନ, ଜଣାଣ, ଛାନ୍ଦ, ସୁଆଙ୍ଗ ଗୀତ ଆଦି ସ୍ଥାନିତ 'ଗୋପାଳ ସଙ୍ଗୀତ' ସ୍ୱରୂପରେ। ବହୁଳ ପ୍ରଚାର-ପ୍ରସାର ଉପଲକ୍ଷେ ଲୋକାର୍ପିତ ଗଡମେକର୍ 'ଗୋପାଳ ସଙ୍ଗୀତ' ମାତ୍ରାଧିକ ଭାବେ ଲାଇକ୍, ଶେୟାର୍ ଓ କମେଣ୍ଟ କରିବା ପାଇଁ ଅନୁଷ୍ଠାନ ତରଫରୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ଗଡମେକର୍ ପରିବାର।

# ଜାରକା ଜଳସେଚନ ବିଭାଜନ ପକ୍ଷରୁ ପାଣିପଞ୍ଚାୟତ ପକ୍ଷପାଳନ

**ଧର୍ମଶାଳା, ନ୍ୟୁଜ ବ୍ୟୁରୋ**



ସୂର୍ଯ୍ୟସ୍ତ ନ୍ୟୁଜ ଜାରକା ଜଳସେଚନବିଭାଜନ ପକ୍ଷରୁ ମଙ୍ଗଳବାରଦିନ ପାଣି ପଞ୍ଚାୟତପକ୍ଷ ପାଳିତହୋଇଯାଇଛି। ବିଭାଜନର ଅଧିକ୍ଷଣଯନ୍ତ୍ରୀ ଶିଶିରକୁମାର ଦାସ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିତିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଣବକୁମାର ନାୟକ ଯୋଗଦେଇ ପାଣିପଞ୍ଚାୟତ ର ବିଭିନ୍ନସମସ୍ୟା କଥା ଓ ତାର ସମାଧାନପାଇଁ ସୁନ୍ଦର ପରାମର୍ଶ ଦେଇଥିଲେ। ହାଇଲେବଲ କେନାଲ ନାଭିଗେସନ ପାଇଁ ହୋଇଥିଲା ।କେନାଲରେ ଜଳସ୍ରୋତ ଆସିବା ଓ ଧରିରଖିବା କ୍ଷମତାପାଇଁ ସର୍ଭେସରିଛି ।ତାକୁ ତୁରନ୍ତ କାର୍ଯ୍ୟ କାରୀ କରାଯିବ ।ଚଣ୍ଡିଖୋଲ ଏସଡିଓ ଭାଗବତବେହେରା ସ୍ୱାଗତ ଭାଷଣ ଓ ମଞ୍ଚପରିଚାଳନା କରିଥିଲା ବେଳେ ଧର୍ମଶାଳା ଏସ ଡିଓ ସବ୍ୟସାଚି ବିଶ୍ୱାଳ ଅତିଥିପରିଚୟ ପ୍ରଦାନକରି ଥିଲେ ।ଡିଷ୍ଟ୍ରି ବୁଟର ନଂ୨ ସଭାପତି ରମେଶ ଚନ୍ଦ୍ର ଦାସ,ସମ୍ପାଦକ ଦୁଃଶାସନ ସାହୁ,୧ନଂର ନଳିନୀକାନ୍ତ ପୃଷ୍ଟି,ଅନନ୍ତକୁମାର ଷଣ୍ଢ,ବିଧାୟକ ପ୍ରତିନିଧି ଜିତେନ୍ଦ୍ରକୁମାର ରାଉତ, ଅତିରିକ୍ତଜିଲ୍ଲା ଅବସରପ୍ରାପ୍ତ କୃଷି ଅଧିକାରୀ ଦିଲ୍ଲୀପକୁମାର ମହାନ୍ତି ପ୍ରମୁଖ ପାଣିପଞ୍ଚାୟତ ବିଭିନ୍ନ ଅଭାବ ଅଭିଯୋଗ ଉପରେ କହିଥିଲେ। ୨ଟି ନିର୍ବାଚନ ମଣ୍ଡଳୀରେ ମୋଟ ୨୨ଟି ପାଣିପଞ୍ଚାୟତ ରହିଛି। ଏକତ୍ରିତ ହୋଇ କାମ କରିବାରୁ ବିଭାଜନ ରାଜ୍ୟରେ ସଫଳହୋଇ ପୁରସ୍କୃତ ହୋଇଥିଲା ।କଏମା ସରସ୍ୱତୀ ଶିଶୁମନ୍ଦିରରଛାତ୍ରୀ ମାନେ ପ୍ରାରମ୍ଭିକସଙ୍ଗୀତ ଗାନକରିଥିଲେ ।ଚଣ୍ଡିଖୋଲଏସଡିଓ ଭାଗବତ ବରହେରା ମୁଖ୍ୟମନ୍ତ୍ରୀ ମୋହନଚରଣମାଝିଙ୍କ ଜନ୍ମଦିନ ରେ ମୁଖ୍ୟମନ୍ତ୍ରୀଙ୍କ ପାଣିପଂଚାୟତ ବାର୍ତ୍ତା ପାଠକରିଥିଲେ ।୫ଟି ଇଭେଣ୍ଟର ସଫଳ ଛାତ୍ରଛାତ୍ରୀଙ୍କୁ ଅର୍ଥରାଶି ଓ ପୁଷ୍ପଗୁଚ୍ଛଦେଇ ପୁରସ୍କୃତ କରାଯାଇଥିଲା ।ବରୀ ସହକାରୀଯନ୍ତ୍ରୀ ମନୋରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣକରିଥିଲେ ।ଉତ୍ସବରେ ସମସ୍ତ ପାଣି ପଞ୍ଚାୟତର କର୍ମକର୍ତ୍ତା ଓ ଚାଷୀ ଉପସ୍ଥିତଥିଲେ। ବିଭାଜନର କର୍ମଚାରୀ ମଞ୍ଚ ପରିଚାଳନାରେ ସହଯୋଗକରିଥିଲେ।

# ଚିଙ୍ଗୁଡି ଚାଷ ପାଇଁ ଅନୁମତି ଆବେଦନ ଉପରେ ଆଲୋଚନା

**କେନ୍ଦ୍ରାପଡା,ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ମତ୍ସ୍ୟ ବିଭାଗ ଆନୁକୂଲ୍ୟ ରେ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଅଧକ୍ଷତାରେ ଉପକୂଳ ଜଳ କୃଷି କର୍ତ୍ତୃପକ୍ଷଙ୍କର (ଏସ୍.ଡି.ଏଲ.ସି) କମିଟି ମିଟିଂ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମତ୍ସ୍ୟ ଅଧିକାରୀ (ଡିଏଫଓ) ଶଶାଙ୍କ ଶେଖର ସାହୁଙ୍କ ପରିଚାଳନାରେ ଆୟୋଜିତ ଏହି ସଭାରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ବ୍ଲକ କୃଷି ଅଧିକାରୀ, ଜଙ୍ଗଲ ବିଭାଗ ଅଧିକାରୀ, ଜଳ ସେଚନ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଚିଙ୍ଗୁଡି ଚାଷ ପାଇଁ ଆବେଦନ କରିଥିବା ସମସ୍ତ ବିଷୟରେ ଆଲୋଚନା କରାଯାଇଥିଲା । ଖାରି ଜଳ କୃଷିର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ଥିଲା । ମହାକାଳପଡା, ରାଜନଗର ଅଂଚଳରେ ବେଆଇନ ଚିଙ୍ଗୁଡି ଘେରି ଦିନକୁ ଦିନ ବଢି ଚାଲିଥିବାରୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଏବଂ ବେଆଇନ ଚିଙ୍ଗୁଡି ଘେରିକୁ ଭାଙ୍ଗିବା ପାଇଁ ଏହି ବୈଠକରେ ଆଲୋଚନା କରାଯାଇଛି । ଜିଲ୍ଲାରେ ଜଳ ସେଚନ ବିଭାଗର ବନ୍ଧ ନିକଟରେ ବେଆଇନ ଚିଙ୍ଗୁଡି ଘେରି କରିଥିବାରୁ ଅନେକ ସ୍ଥାନରେ ବନ୍ଧ ଭଙ୍ଗା ଯାଉଥିବା ଦ୍ୱାରା ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବେଆଇନ ଘେରି ଗୁଡିକୁ ଭାଙ୍ଗିବା ପାଇଁ ନିଷ୍ପତି ନିଆଯାଇଛି ।



# ଶୃଙ୍ଖଳାର ସହ ସାଧାରଣତନ୍ତ୍ର ଦିବସ ଉତ୍ସବ ପାଳନ ପାଇଁ ନିଷ୍ପତ୍ତି

**ଯାଜପୁର, ନ୍ୟୁଜ ବ୍ୟୁରୋ**



ଯାଜପୁର ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ସାଧାରଣତନ୍ତ୍ର ଦିବସ ପାଳନ କମିଟି ଅଧ୍ୟକ୍ଷ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାଧାରଣତନ୍ତ୍ର ଦିବସକୁ ଶାନ୍ତି ଶୃଙ୍ଖଳା, ହର୍ଷ ଉଲ୍ଲାସର ସହ ପାଳନ କରିବା ସହ ଏଦିଗରେ ସମସ୍ତେ ନିଷ୍ଠାର ସହ ପ୍ରସ୍ତୁତି କରିବା ପାଇଁ ଜିଲ୍ଲାପାଳ କହିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିବରଣୀ ପାଠ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଜାତୀୟ ସଂହତି ଏବଂ ଏକତା ବଜାୟ ରଖି ସାଧାରଣତନ୍ତ୍ର ଦିବସ ପାଳନ କରିବା ପାଇଁ ବାର୍ତ୍ତା ଦେଇଥିଲେ। ଆଲୋଚନା ପରେ ସର୍ବସମ୍ମତି କ୍ରମେ ବିଭିନ୍ନ ପ୍ରସ୍ତାବମାନ ଗୃହୀତ ହୋଇଥିଲା ଏବଂ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିଲା। ପ୍ରଶାସନିକ ଭବନ ପଡିଆଠାରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ – ୨୦୨୬ ଅନୁଷ୍ଠିତ ହେବ। ଜାନୁଆରୀ ୨୬ ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସହର ମଧ୍ୟରେ ରାମଧୂନ୍ କରାଯିବ। ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତଫେରି ସହ ସକାଳ ୭.୩୦ ମିନିଟ ମଧ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ମୁଖ୍ୟ ଅତିଥିଙ୍କ ଦ୍ୱାରା ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସକାଳ ଘ. ୮.୩୦ ମିନିଟ ସମୟରେ କୁସୁମା ସମ୍ମୁଖ ପ୍ରଶାସନିକ ଭବନ ପଡିଆଠାରେ ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ, ପ୍ୟାରେଡ ପରିଦର୍ଶନ ହେବ। ବୈଠକ ଶେଷରେ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# କୋରେଇରେ ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମିର ସ୍ଥାପନ

ବ୍ୟାସନଗର : ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତ କୋରାବନ୍ଦୀ ଗ୍ରାମରେ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଯୋଜନାରେ ବିଦ୍ୟାଳୟ ନିର୍ମାଣ ନିମନ୍ତେ ପାଖାପାଖି ୫କୋଟି ଅନୁଦାନ ରାଶି ମଞ୍ଜୁର ହୋଇଥିବା ଜଣାପଡିଛି । ବାଣପୁରରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୧୧୮ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ସମ୍ମାନିତ ଅତିଥି ଭାବେ କୋରେଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟନ୍ତୀ ଦଳାଇ, କୋରେଇ ଶିକ୍ଷା ମଣ୍ଡଳ ଅଧିକାରୀ ଡ଼ଃ ସୁଦର୍ଶନ ମଲ୍ଲିକ, ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର କୁମାର ରାଉତ ରାୟ ଯୋଗ ଦେଇଥିଲେ । ଗ୍ରାମ୍ୟ କମିଟି ସଭାପତି ଶିକ୍ଷାବିତ ଶରତ କୁମାର ଦାସ, ସମ୍ପାଦକ ବସନ୍ତ କୁମାର କର ଓ ଗ୍ରାମବାସୀଙ୍କ ପକ୍ଷରୁ ବିଧାୟକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଓଡ଼ିଶାକୁ ଶିକ୍ଷା ସମୃଦ୍ଧ କରିବାରେ ସ୍ୱର୍ଗତ ଗୋଦାବରୀଶ ମିଶ୍ରଙ୍କ ଅବଦାନ ଯଥେଷ୍ଟ ଗୁରୁତ୍ୱ ବହନ କରେ ଏବଂ ତାଙ୍କ ସ୍ମୃତିରେ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଦର୍ଶ ବିଦ୍ୟାଳୟର ଏହି ନୂତନ ପ୍ରକଳ୍ପ ଗଢ଼ିବା ସମ୍ଭବ ହୋଇଛି ଏବଂ ଏହାଦ୍ୱାରା ବିଦ୍ୟାଳୟରେ ଶୈକ୍ଷିକ ପରିବେଶ ସୃଷ୍ଟି ହେବା ସହ କୁନିକୁନି ଛାତ୍ରଛାତ୍ରୀଙ୍କ ଉତ୍ତମ ଭବିଷ୍ୟତ ଗଢ଼ିବାରେ ଏହା ବିଶେଷ ଭାବେ ସହାୟକ ହୋଇପାରିବ ବୋଲି ବିଧାୟକ ଆକାଶ ଦାସ ନାୟକ ମତବ୍ୟକ୍ତ କରିଥିଲେ ।

# ଉମରକୋଟରେ ନକଲି ଖାଦ୍ୟ ସାମଗ୍ରୀ ବିକ୍ରି ଅଭିଯୋଗ

**ଉମରକୋଟ, ନ୍ୟୁଜ ବ୍ୟୁରୋ**

ଉମରକୋଟରେ ଏବେ ମାଲମାଲ ନକଲି ବ୍ରାଣ୍ଡର ଖାଦ୍ୟ ସାମଗ୍ରୀ ।ଗ୍ରାହକ କଥା ଛାଡ଼ନ୍ତୁ, କେଉଁଟା ଅସଲି କେଉଁଟା ନକଲି କ୍ଷୁଦ୍ର ବ୍ୟବସାୟୀ ମଧ୍ୟ ଜାଣିପାରୁ ନାହାନ୍ତି। ପଡୋଶୀ ଛତିଶଗଡ଼ ରାଜ୍ୟର ଗଳାବାଟ ଦେଇ ଉମରକୋଟକୁ ପ୍ରତିଦିନ ଏଭଳି ଖାଦ୍ୟ ସାମଗ୍ରୀ ଆସୁଥିଲେ ମଧ୍ୟ ଟେର ପାଉ ନାହାନ୍ତି ବିଭାଗୀୟ ଅଧିକାରୀ। ନାମୀଦାମୀ କମ୍ପାନିର ଲୋଗୋ ଥାଇ ରି-ପ୍ୟାକିଂ କରାଯାଇ ଖାଦ୍ୟ ସାମଗ୍ରୀ .ଠାରୁ ଆରମ୍ଭ କରି ସମସ୍ତ ଜିନିଷ ବଜାରରେ ମିଳୁଛି । କିଛି ମୁନଫାଖୋର ବ୍ୟବସାୟୀ ଛୋଟ ବ୍ୟବସାୟୀଙ୍କୁ ଜାଲ କରି ଏଭଳି ନକଲି ଖାଦ୍ୟ ସାମଗ୍ରୀକୁ ବଜାରରେ ପ୍ରବେଶ କରାଉଥିବା ଅଭିଯୋଗ ହୋଇଛି ସ୍ଥାନୀୟ ଅଞ୍ଚଳର କେତେକ ଦୋକାନୀ କହିଛନ୍ତି, କିଛି ଅଣ ଓଡ଼ିଆ ବ୍ୟବସାୟୀ ବଜାରରଆବଶ୍ୟକକୁ ଦୃଷ୍ଟିରେ ରଖି ନାମୀଦାମୀ କମ୍ପାନିରଲୋଗୋ ଥିବା ପ୍ୟାକେଟରେ ନକଲି ଖାଦ୍ୟସାମଗ୍ରୀ ପଡୋଶୀ ଛତିଶଗଡରୁ ଆମଦାନୀକରୁଛନ୍ତି। ଅଗ, ମ୍ୟାଗି, ନୁଡୁଲ, ଇପି, ସିଗାରେଟ, ଖାଇବାତେଲ, ସାବୁନ, ସର୍ପ ଆଦିରନକଲି ସାମଗ୍ରୀ ବଜାରକୁ ଆସୁଛି। ସହରରେ ୨–୩ଟି ବଡ଼ ଦୋକାନ ରହିଛି। ଯେଉଁମାନେ ଆଇଟିସି କମ୍ପାନୀର ସାମଗ୍ରୀ ଅଧିକୃତ ବିକ୍ରେତା। ହେଉଥିବା 'ଇପି' ନକଲି ବୋଲି ସେ ଜାଣି ନଥିଲେ। ଜଣେ ଗ୍ରାହକ ଇପି ବିଷୟରେ ପଚାରିବାରୁ ସେ ତାଜୁବ ହେଇଯାଇଥିଲେ। ପରେ ତାଙ୍କ ବିକ୍ରିକରୁଥିବା ଇପି ନକଲି ବୋଲି ଜାଣିବାକୁ ପାଇଲେ। ଇପି ଆଣିଥିବା ବଡ଼ ବ୍ୟବସାୟୀ ଜଣଙ୍କୁ ଏସମ୍ପର୍କରେ ପଚାରିବାରୁ ପଡ଼ୋଶୀ ରାଜ୍ୟରୁ ଗଳାବାଟ ଦେଇ ଆସୁଛନ୍ତି ଅସଲି, ନକଲି ଜାଣି ପାରୁନାହାନ୍ତି କ୍ଷୁଦ୍ର ବେପାରୀ ସେମାନଙ୍କ ଠାରୁ ହୋଲସେଲ୍ ରେଟ୍‌ରେ ସାମଗ୍ରୀ କିଣାଯାଉଛି। ତାହା ବିକ୍ରି କଲେ କିଛି ଲାଭ ମିଳୁଛି। ନକଲି ଖାଦ୍ୟ ସାମଗ୍ରୀର ଗୁଣବତ୍ତା ଅସଲି ସାମଗ୍ରୀ ଠାରୁ ସାମାନ୍ୟ କମ ହେଇଥିବାରୁ ଗ୍ରାହକ ସେତେଟା ଫରକ ଜାଣିପାରନ୍ତି ନାହିଁ। ଏହାର ଫାଇଦା ଅସାଧୁ ବ୍ୟବସାୟୀମାନେ ନେଉଛନ୍ତି। ଜଣେ ଦୋକାନୀ ନାମ ଗୋପନ ସର୍ତ୍ତରେ କହିଛନ୍ତି, ତାଙ୍କ ଦୋକାନରେ ବିକ୍ରି ପଚାରିବାରେ ସେ କହିଛନ୍ତି, ଏତେ ବଡ଼ ମାର୍କେଟକୁ ଜଗିବା ତାଙ୍କ ପକ୍ଷେ ସମ୍ଭବପର ନୁହେଁ। ଏବିଷୟରେ କମ୍ପାନି କର୍ତ୍ତୃପକ୍ଷ ଅବଗତଅଛନ୍ତି। ମାର୍କେଟରେ ତାଙ୍କ ଉତ୍ପାଦର ନକଲି ସାମଗ୍ରୀ ବାହାର ରାଜ୍ୟରୁ ଆସୁଥିବା ଜାଣିବାକୁ ପାଇଛନ୍ତି। କିନ୍ତୁ କେଉଟା ଅସଲି କେଉଟା ନକଲି ଆମେ ଦେଖି ମଧ୍ୟ ଧୋକା ଖାଇଯାଉଛୁ । ନି ସାଧାରଣ ଲୋକ ଓ ଦୋକାନୀ ଜାଣିବା କଷ୍ଟକର ବ୍ୟାପାର । ନକଲି ସାମଗ୍ରୀ କେବଳ ଉମରକୋଟ ଅଞ୍ଚଳରେ ନୁହେଁ, ରାଇଘର, ଚନ୍ଦାହାଣ୍ଡି ଅଞ୍ଚଳରେ ମଧ୍ୟ ବ୍ୟାପକ ଚାଲିଛି । ପ୍ରଶାସନ ଏଥିରେ ଅଙ୍କୁଶ ନଲଗାଇଲେ ଉପଭୋକ୍ତା ଅସୁବିଧା ଭୋଗ କରିବେ। ଏସମ୍ପର୍କରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ଅରୁଣ ମହାରଣାଙ୍କୁ ପଚାରିବାରେ ସେଭଳି କିଛି ଅଭିଯୋଗ ବର୍ତ୍ତମାନ ସୁଦ୍ଧା ପାଇ ନାହାନ୍ତି। ତଥାପି ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ତାହା ତାଙ୍କ ଦୋକାନର ନୁହେଁ, ଆଉ ବିଲ୍ ଆଣିବାକୁ କହିଥିଲେ। ସମ୍ପୃକ୍ତ ବ୍ୟବସାୟୀଙ୍କ ଠାରୁ ଯାହା ବି ସାମଗ୍ରୀ ସେ ଅଣନ୍ତି କେବେ ସେ ବିଲ୍ ଦେଉ ନଥିଲେ। ଶେଷରେ ୪ ହଜାର ଟଙ୍କାର ନକଲି ଇପିକୁ ଫୋପାଡ଼ିବାକୁ ପଡିଲା ବୋଲି ଦୋକାନୀ କହିଛନ୍ତ।

# 'ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଯୋଜନାରୁ ଚାଷୀମାନେ ଲାଭାନ୍ୱିତ ହୁଅନ୍ତୁ'

**ନୂଆପଡ଼ା, ନ୍ୟୁଜ ବ୍ୟୁରୋ**



ନୂଆପଡ଼ାରେ ଦୁଇ ଦିନିଆ ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ସ୍ଥାନୀୟ ପୋଲିସ ପଡିଆ ଠାରେ ଉଦ୍ଘାଟିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶ ଏହି ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ଆଇନଜୀବୀ ପ୍ରସନ୍ନ କୁମାର ପାଢ଼ୀ, ସାଂସଦ ପ୍ରତିନିଧି, ଡ଼. ସୁଖେନ୍ଦୁ ରାୟ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଡ. ଶାରଦା ପ୍ରସାଦ ସିଂ ବରିହା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବଲାଙ୍ଗୀର, ଅନୁସୂୟା କୁମ୍ଭାର, ଅଧ୍ୟକ୍ଷା, ପଞ୍ଚାୟତ ସମିତି, କୋମନା, ଡ. ବାସୁଦେବ ସୁନାନି, ଅବସର ପ୍ରାପ୍ତ ଯୁଗ୍ମ ସଚିବ, ଭାରତ ସରକାର, ଭରତ ଲାଲ ରାଉତ, ସଭ୍ୟ ଜିଲ୍ଲା ପରିଷଦ, ଡ଼. ଲବ ସୋରେନ, ମୁଖ୍ୟ ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ର, ନୂଆପଡା ଏବଂ ବିଜନ କୁମାର ସାହୁ, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରମୁଖ ଯୋଗଦାନ କରି ଗୋପୂଜନ ସହ ମେଳାର ଶୁଭାରମ୍ଭ କରିଥିଲେ। ଏହି ମେଳାର ଲକ୍ଷ ଥିଲା ମତ୍ସ୍ୟ ଓ ପ୍ରାଣୀସମ୍ପଦର ଅଭିବୃଦ୍ଧି ସହ ରାଜ୍ୟର ଚାଷୀଙ୍କ ସମୃଦ୍ଧି। ମେଳାରେ ବିଭିନ୍ନ ବିଭାଗର ମୋଟ ୧୯ଗୋଟି ଷ୍ଟଲ ଲାଗିଛି । ଡ. ରାୟ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସମସ୍ତ ଅତିଥି ମାନଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ସହ ସମ୍ବର୍ଦ୍ଧନା କରି ସ୍ୱାଗତ ସମ୍ଭାଷଣ ଦେଇଥିଲେ। ବାଳିକା ହାଇସ୍କୁଲର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷିତ ହୋଇଥିଲା। ଉପସ୍ଥିତ ଅତିଥି ବୃନ୍ଦ ଜୀବନ୍ତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ପ୍ରଦର୍ଶନୀ ବୁଲିବା ସହ ମେଳାରେ ଭାଗ ନେଇ ଥିବା ମତ୍ସ୍ୟ ଚାଷୀ, ଗୋପାଳକ, ଛେଳି ମେଣ୍ଢା ପାଳକ, କୁକୁଡ଼ା ଚାଷୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ସମସ୍ତ ମହିଳାମାନଙ୍କୁ ଉଦବୋଧନ ଦେଇଥିଲେ। ମତ୍ସ୍ୟ ଓ ପଶୁପାଳନ ମାଧ୍ୟମରେ ମହିଳା ସଶକ୍ତିକରଣ, ଦାଦନ ସମସ୍ୟାର ନିରାକରଣ ଏବଂ ସର୍ବୋପରି ସ୍ୱାବଲମ୍ବୀ ହେବା ପାଇଁ ଆହ୍ୱାନ କରିଥିଲେ। ବୈଜ୍ଞାନିକ ପଦ୍ଧତି ଆପଣେଇ ମାଛ ଚାଷ, ପଶୁପାଳନ, ହାଇଡ୍ରୋପୋନିକ ପଦ୍ଧତି ରେ ଘାସ ଚାଷ, ନିୟମିତ ଟୀକାକରଣ, ଇତ୍ୟାଦି ମାଧ୍ୟମରେ ଚାଷରୁ ହେଉଥିବା ଲାଭକୁ ଦ୍ୱିଗୁଣିତ କରିବା ଉଦ୍ଦେଶ୍ୟରେ ଉଦବୋଧନ ଦେଇଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସରକାରୀ ଯୋଜନା ଗୁଡିକ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଚାଷୀମାନେ ପଶୁ ତଥା ଗୋସଂପଦର ବିକାଶ ଦିଗରେ ଅଗ୍ରସର ହୋଇ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନା, ଗୋମାତା ଯୋଜନା, ମୁଖ୍ୟ ମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା, ମୁଖ୍ୟ ମନ୍ତ୍ରୀ ପ୍ରାଣୀ ସମୃଦ୍ଧି ଯୋଜନା ଲାଭ ଉଠାନ୍ତୁ । ପ୍ରାଣୀ ପାଳନ ମାଧ୍ୟମରେ ଦାଦନ ସମସ୍ୟାର ନିରାକରଣ ହୋଇ ପାରିବ ବୋଲି କହିଥିଲେ। ନିଜର ଅଭିଭାଷଣରେ ଜିଲ୍ଲାପାଳ କୃଷକର ଉନ୍ନତି ପାଇଁ ପ୍ରାଣୀସମ୍ପଦ ବିଭାଗର ସହଯୋଗ ବହୁ ମହତ୍ତ୍ୱ ରହିଛି ବୋଲି କହିଥିଲେ। ଗୋପାଳନ ଓ ପଶୁସମ୍ପଦର ସଂରକ୍ଷଣ ଉପରେ ଗୁରୁତ୍ୱ ଦେବା ସହ ପ୍ରାଣୀ ପାଇଁ ଦିନଟିଏ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ପ୍ରାଣୀ ସଂପଦ ବିକାଶ ବିଭାଗକୁ ଅଭିନନ୍ଦନ ଜଣାଇଥିଲେ । ଜିଲ୍ଲାରେ ଚାଷ କରି କୋଟିପତି ହୋଇଥିବା କୃଷକମାନେ ଜିଲ୍ଲାର ଗର୍ବ, ଗୌରବ ଓ ଅନ୍ୟ ମାନଙ୍କ ପାଇଁ ଆଦର୍ଶ ବୋଲି ଜିଲ୍ଲାପାଳ କହିଥିଲେ । ନିଜ ନିଜ ଅଭିଭାଷଣରେ ଉପସ୍ଥିତ ଅତିଥି ବୃନ୍ଦ ମତ୍ସ୍ୟ ଓ ପଶୁପାଳନ ମାଧ୍ୟମରେ ଆୟ ବୃଦ୍ଧି କରିବାକୁ ଆହ୍ୱାନ ଦେଇଥିଲେ । ପ୍ରାଣୀ ସମ୍ପଦ ଉତ୍ପାଦନ ଓ ପରିଚାଳନା ପାଇଁ ସମାଜ ରେ ଚାଷୀ ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଉଦବୋଧନ ଦେଇଥିଲେ। ଏହି ଅବସରରେ ଦେବକୀ ସାଙ୍କୁ ଗୋପାଳନ ପାଇଁ, ଜୟ ମା ସନ୍ତୋଷି ସ୍ୱୟଂ ସହାୟିକା ଗୋଷ୍ଠୀ ଙ୍କୁ ମତ୍ସ୍ୟ ଚାଷ ପାଇଁ ଭୂମିସୂତା ଖର୍ସେଲଙ୍କୁ ଜୈବ ପୁଞ୍ଜି ମାଧ୍ୟମରେ ମାଛ ଚାଷ ପାଇଁ ସମ୍ମାନିତ କରାଯାଇଥିଲା ବୈଜ୍ଞାନିକ ଓ ଚାଷୀ ଆଲୋଚନା ଚକ୍ରରେ ଡ. ଲବ ସୋରେନ, ଡ. ବାସୁଦେବ ସୁନାନୀ, ଡ. ଶାରଦା ପ୍ରସାଦ ସିଂ ବରିହା, ବିଜନ କୁମାର ସାହୁ, ଡ଼. ସୁଚିସ୍ମିତା ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ୫୦୦ ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ମାର୍ଗ ଦର୍ଶନ ଦେଇଥିଲେ ଓ ଚାଷୀ ମାନଙ୍କ ସମସ୍ୟାର ସମାଧାନ କରିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ପ୍ରାଣୀ ସମ୍ପଦ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ମତ୍ସ୍ୟ ବିଭାଗ, କୃଷି ବିଭାଗ, ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, ପର୍ଯ୍ୟଟନ ବିଭାଗ, ପୋଲିସ, ଅଗ୍ନିଶମ ବିଭାଗ, ଓମଫେଡ, ହସ୍ତତନ୍ତ ବିଭାଗ, ମିଶନ ଶକ୍ତି, ଗୃହ ଉଦ୍ୟୋଗ , ଜିଲ୍ଲା ଶିଳ୍ପ କେନ୍ଦ୍ର ଅଂଶ ଗ୍ରହଣ କରିଥିଲେ । ମେଳାରେ ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଜୀବନ୍ତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ପ୍ରଦର୍ଶନୀରେ ବିଭିନ୍ନ ପ୍ରକାରର ଘାସ ଚାଷ, ହାଇଡ୍ରୋପୋନିକ୍ସ ପଦ୍ଧତି, ଆଜୋଲା ଉତ୍ପାଦନ, ଗିର ଗାଈ, ସାହିୱାଲ ଗାଈ, ଶଙ୍କର ଜାତୀୟ ହୋଲଷ୍ଟିନ ଗାଈ, କୃତ୍ରିମ ପ୍ରଜନନ ପଦ୍ଧତିରେ ଜନ୍ମିତ ବ୍ଲାକ ବେଙ୍ଗଲ ଛେଳି, ଗଞ୍ଜାମ ଛେଳି, ଗୁଣ୍ଡୁରି ଚଢ଼େଇ, ଅଣ୍ଡା ଦିଆ କୁକୁଡ଼ା, ହଂସଳି କୁକୁଡ଼ା, ଦେଶୀ ବତକ, ବନରାଜ କୁକୁଡ଼ା, ଠେକୁଆ, ମାଛ ହ୍ୟାଚେରି, ବାୟୋଫ୍ଲକ ଟ୍ୟାଙ୍କ, ନର୍ସରୀ ଟ୍ୟାଙ୍କ, ସମନ୍ୱିତ କୃଷି ଇତ୍ୟାଦି ପ୍ରଦର୍ଶିତ ହୋଇ କୃଷକ ତଥା ଜନ ସାଧାରଣଙ୍କୁ ଆକୃଷ୍ଟ କରୁଛି।

# ଗୃହ ବିଭାଗ ସହକାରୀ ନିର୍ଦ୍ଦେଶକଙ୍କୁ ଭେଟିଲେ ପଟ୍ଟାମୁଣ୍ଡାଇ ସରକାରୀ ଓକିଲ




**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ କୋର୍ଟରେ ନବ ନିଯୁକ୍ତି ହୋଇଥିବା ଆଇନଜୀବିମାନେ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ (ଗୃହ ବିଭାଗ)ର ସହକାରୀ ନିର୍ଦ୍ଦେଶକ ବିକ୍ରମ ସେଠୀଙ୍କୁ ଭେଟି ସ୍ୱାଗତ ଜଣାଇବା ସହ ବିଭିନ୍ନ ସମସ୍ୟା ଉପରେ ଅଲୋଚନା କରିଛନ୍ତି । ପଟ୍ଟାମୁଣ୍ଡାଇ କୋର୍ଟରେ ସରକାରୀ ଓକିଲ ଭାବେ ନିଯୁକ୍ତି ପାଇଥିବା ସ୍ୱତନ୍ତ୍ର ପିପି ଶାନ୍ତି ସ୍ୱରୂପ ଭୂୟାଁ, ଭବାନୀ ଶଙ୍କର ପଣ୍ଡା, ସୁରେଶ କୁମାର ନରେନ୍ଦ୍ର, ଚିତ ରଂଜନ ଦାସ, ଧିରେନ୍ଦ୍ର ନାଥ ସାହୁ, ପ୍ରଣତୀ ଦାସ, ଶିଶିର କୁମାର ମଲିକ ପ୍ରମୁଖ ଗୃହ ବିଭାଗର ନିର୍ଦ୍ଦେଶକଙ୍କୁ ଭେଟି ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇଥିବାରୁ ଧନ୍ୟବାଦ ଅର୍ପଣ କରିବା ସହିତ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବା ପାଇଁ ଆଲୋଚନା କରିଥିଲେ ।




## ଶହ ଶହ ଟ୍ରିପ୍ ବାଲି ମାଟି ଚୋରାରେ ବିକ୍ରି:ପ୍ରଶାସନ ନିରବ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ଖଣି ଖଦାନ, ବାଲି ମାଟି ଚୋରା ବନ୍ଦ କରିବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାରେ ବାଲି ମାଫିଆମାନେ ଏହାକୁ ଖାତିର ନକରି ଅଲଗା ବାଲି ଘାଟରୁ ଦୈନିକ ଶହ ଶହ ଟ୍ରିପ୍ ବାଲି ଓ ମାଟି ଚୋରା ଚାଲାଣ କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ଏ ବାବଦରେ ରାଜ୍ୟ ସରକାର ବର୍ଷକୁ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି । ବ୍ରାହ୍ମଣୀ ନଈ କୂଳରୁ ଦୈନିକ ମାଟି ଓ ବାଲି ଉଠାଉଥିବାରୁ ଗ୍ରାମବାସୀ ଏହାର ତୀବ୍ର ବିରୋଧ କରିବାରୁ ବାଲି ମାଫିଆମାନେ ଏମାନଙ୍କୁ ନିସ୍ତୁକ ମାଡ ମରି ଜୀବନରୁ ମାରିବାକୁ ଧମକ ଦେଉଥିବା ନେଇ ଥାନାରେ ଅଭିଯୋଗ ହେବା ସହ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ ହୋଇଛି । ସ୍ଥାନୀୟ ପୋଲିସ ଅଧିକାରୀ ନାମକୁ ମାତ୍ର ଏକ ମାମଲା ରୁଜୁ କରି ହାତ ବାନ୍ଧି ବସିଛନ୍ତି । ଏହି ମାଫିଆମାନେ ଖାଦାନରୁ ବାଲି ମାଟି ଉଠାଇବା ସହ ସ୍ଥାନୀୟ ଅଞ୍ଚଳରେ ଥିବା ଚାଷୀମାନଙ୍କ ଜମିରୁ ମଧ୍ୟ ମାଟି ଜୋର୍ ଜବରଦସ୍ତି ଉଠାଇ ବିକୁଛନ୍ତି । ଏହି ଚୋରା ବାଲି ମାଟି ଚାଲାଣକୁ ବନ୍ଦ କରିବା ପାଇଁ ଅଲଭା ଗ୍ରାମବାସୀ ମାନଙ୍କ ତରଫରୁ ତପସ୍ୱନୀ ମଲିକ, ଲଲାଟେନ୍ଦୁ ଗ୍ରହାଚାର୍ଯ୍ୟ, ପ୍ରମୋଦ ମଲିକ, ଦିନେଶ କୁମାର ମଲିକ, ରୁଦ୍ର ପ୍ରସାଦ ମଲିକ, ମାନସ ମଲିକ, ସୁଭେନ୍ଦୁ ମଲିକ, ସଦାନନ୍ଦ ମଲିକ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରି ଏମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଚୋରା ବାଲି ଓ ମାଟି ଚାଲାଣ ବନ୍ଦ କରିବାକୁ ଦାବି କରିଛନ୍ତି ।

### ||||||||||||||||| 'ମହିମା' ସୁବର୍ଣ୍ଣପୁର ଲୋକ ମହୋତ୍ସବ ୨୦୨୬ |||||||||||||||||

## ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍ଘାଟନ କଲେ ଉପ ମୁଖ୍ୟମନ୍ତ୍ରୀ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ମହିମା ସୁବର୍ଣ୍ଣପୁର ଲୋକ ମହୋତ୍ସବ ୨୦୨୬ର ଚତୁର୍ଥ ଦିବସର ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍ଘାଟନ କଲେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଶ୍ରୀ ସିଂଦେଓ ଯୋଗଦେଇ କଳାକାରମାନେ କଳା ମାଧ୍ୟମରେ ହୁନର ଦେଖାଇବା ଏକ ମାଧ୍ୟମ ହେଉଛି ଜିଲ୍ଲା ମହୋତ୍ସବ । ସହରର ସ୍ୱର୍ଣ୍ଣୀମ ତ୍ରିଭୁଜ ମେଗା ତଥା ଐତିହାସିକ ପ୍ରକଳ୍ପ ଖୁବ୍ ଶୀଘ୍ର ଭିତ୍ତିପ୍ରସ୍ତର ସ୍ଥାପନ ହେବା ସହ ସୁବର୍ଣ୍ଣପୁର ଜିଲ୍ଲାର ପର୍ଯ୍ୟଟନର ଦୃତ ବିକାଶ ଓ ଚାଷୀମାନଙ୍କ ଧାନ କିଣାବିକା ସମସ୍ୟାର ସମାଧାନ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ରାଜ୍ୟ ସରକାର ସମାଧାନ କରିବେ ବୋଲି ଜିଲ୍ଲାବାସୀଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ । ଜିଲ୍ଲାପାଳ ଡ଼. ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବରେଣ୍ୟ ଅତିଥି ଭାବରେ ଜଷ୍ଟିସ୍ ଚିତ୍ତ ରଞ୍ଜନ ଦାଶ ପୂର୍ବତନ




ନ୍ୟାୟଧିଶ ଉଚ୍ଚ ନ୍ୟାୟାଳୟ କଟକ ଯୋଗଦେଇ ଆମର ସଂସ୍କୃତି, ଆମ ଭାଷା, ଆମ ସଂସ୍କାରକୁ ନେଇ ଆଗକୁ ବଢିବାର ଅଛି । ଶ୍ରୀ ଗୋପାଳଜୀ ମହାପ୍ରଭୁଙ୍କ ପୁନଃ ପ୍ରତିଷ୍ଠା ଉତ୍ସବକୁ ଭବ୍ୟ କରିବା ଓ ପୂର୍ବ ଗୌରବକୁ ଫେରାଇ ଆଣିବା ବିଷୟ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ ରଖୁଛୁ । ଏହି ମନ୍ଦିର ତଥା ଜିଲ୍ଲାର ପର୍ଯ୍ୟଟନ ବିକାଶ ପାଇଁ ବଡ ଅନୁଦାନ ଜିଲ୍ଲାବାସୀ ଆଶା କରୁଛନ୍ତି । ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ଯୋଗଦେଇ ସମଗ୍ର ଜିଲ୍ଲାର ବିକାଶ ପାଇଁ ମୁଁ ସର୍ବଦା ଉଦ୍ୟମ ଜାରି ରଖିଥିବା କହିଥିଲେ । ଭୀମଭୋଇ କଳା ପରିଷଦର କଳାକାରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ଏହି ସାଂସ୍କୃତିକ ମଞ୍ଚରେ ଉପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଓର୍‌ମାସ୍‌ର ଉତ୍ପାଦ କେଟ୍‌ଲକ୍ ଓ ଆମକୁ ସୁନ୍ଦର ଆମ ସୋନପୁର ଭିଡିଓ ଲୋକାର୍ପଣ କରାଯାଇଥିଲା । ସଭା ସଂଯୋଜନା ପ୍ରଦ୍ୟୁମ୍ନ ସାହୁ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଉଲୁଣ୍ଡା ବ୍ଲକ କଳା ସଂସ୍କୃତି ସଂଘର ମା ମେଟାକାନୀ ଘୁଡ଼କା ନୃତ୍ୟ, ସୋନପୁର ବ୍ଲକ କଳା ସଂସ୍କୃତି ସଂଘ, ସ୍ୱର୍ଣ୍ଣ ଶିଖା ସୋନପୁର, ପଶ୍ଚିମବଙ୍ଗ ବଙ୍ଗୀୟ ସନାତନୀ ସଂସ୍କୃତି ପରିଷଦ, ସାନ ବଡ ଘୁଡକା କୃଷ୍ଣ ପ୍ରିୟା କଳା ପରିଷଦ, କଳାହାଣ୍ଡି ନୃତ୍ୟ ପ୍ରଭା, ବୌଦ୍ଧ ପ୍ରଣାମ ନୃତ୍ୟ ଅନୁଷ୍ଠାନ, ପଦମପୁର ସଙ୍ଗୀତ ସମିତି, ବିନିକା ମା' ମାହେଶ୍ୱରୀ ସାଂସ୍କୃତିକ ସଂସଦ, ହରିୟଣାର ଫାଗ ଝୁମର, କୋରାପୁଟ କୋଟପାଡ଼ କଳା ପରିଷଦ କେନ୍ଦ୍ର ଓ ଆଦର୍ଶ ଆଦିବାସୀ ନୃତ୍ୟ କଳା ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ଗୀତ ନାଚକୁ ଉପଭୋଗ କଲେ ଅଗଣିତ ଦର୍ଶକ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲୀଶ୍ରୀ ମେଳା ଓ ଫୁଡ୍ କୋର୍ଟରେ ୩୦ ହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହୋଇଥିଲା ।

## ଅବହେଳିତ ଅବସ୍ଥାରେ ଧବଳଗିରି ଲକ୍ଷ୍ମୀ ନାରାୟଣଙ୍କ ପାହାଡ଼



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର ବ୍ୟାସନଗର ପୌରପରିଷଦରେ ଥିବା ଧବଳଗିରି ପାହାଡ଼ ସମ୍ପର୍କରେ ପୌରାଣିକ ଐତିହାସିକ ଓ ଅନେକ କିମ୍ବଦନ୍ତି ପୃଷ୍ଠା ଓଲଟାଇଲେ ବହୁ ମୂଲ୍ୟବାନ କଥାମାନ ପ୍ରମାଣ ମିଳିଥାଏ । ତ୍ରେତୟା ଯୁଗର ଓ ଦ୍ୱାପାର ଯୁଗ କଥାମାନ ପାହାଡ଼ କହେ । ଏଥିପ୍ରତି ଜନପ୍ରତିନିଧି ରାଜ୍ୟ ସରକାରଙ୍କ ଦୃଷ୍ଟି ନଦେବା ବିଡ଼ମ୍ବନା ବିଷୟ ବୋଲି ଧବଳଗିରି ମନ୍ଦିର ପରିଚାଳକ ନଟବର ବାବା କ୍ଷୋଭ ପ୍ରକାଶ କରିଛନ୍ତି । ବ୍ୟାସନଗର ଅନ୍ତର୍ଗତ ବିରଜା ନଗର ସ୍ଥିତ ବହୁ ପୁରାତନ ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଶ୍ରୀମଦ୍ ଭାଗବତ ଗୀତା ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ମହର୍ଷି ଆଶ୍ରମର ପଣ୍ଡିତ ରଘୁନାଥ ପଣ୍ଡାଙ୍କ ଦ୍ୱାରା ଏହି ଗୀତା ମହାଯଜ୍ଞ ଶ୍ଳୋକ ପାଠ ଦୀର୍ଘ ୭ ଦିନ ଧରି ଜାରି ରହିବ । ପରେ ଏହାର ପ୍ରସାରପ୍ରଚାର ନିମନ୍ତେ ଏକ ସହର ପରିକ୍ରମା ହେବ ବୋଲି କହନ୍ତି ପଣ୍ଡିତ ରଘୁନାଥ ପଣ୍ଡା । ସର୍ବପୁରାତନ ଆଧାତ୍ମିକ ପୀଠ କହିଲେ ବ୍ୟାସନଗର ସହରର ଲକ୍ଷ୍ମୀନାରାୟଣଙ୍କ ପୀଠକୁ ବୁଝାଏ । ଏହି ମନ୍ଦିରରେ ପୂଜାର୍ଚ୍ଚନା ସର୍ବଦା ଲାଗିରହିଥିବା ବେଳେ ବର୍ଷକୁ ଏଠାରେ ମକର ମେଳା ଅନୁଷ୍ଠିତ ହୋଇଥାଏ । ଏହି ତୀର୍ଥ ସ୍ଥାନରେ ଆବାହନ କାଳରୁ ଚାଲିଆସୁଥିବା ବେଳେ ଏହି ମେଳାରେ ଭଜନ କୀର୍ତ୍ତନ ଓ ପୂଜାର୍ଚ୍ଚନାରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ବେଳେ କାର୍ଯ୍ୟକ୍ରମରେ ହଜାର ହଜାର ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥାଏ । ଅନ୍ୟପଟେ ଏହି ତୀର୍ଥସ୍ଥାନ ଦୀର୍ଘ ୫୫ ଫୁଟ୍ ପାହାଡ ଶିଖରରେ ହୋଇଥିବାରୁ ଭକ୍ତମାନେ ଅସୁରକ୍ଷିତ ମଣୁଛନ୍ତି । କେବଳ ଭକ୍ତମାନଙ୍କ ସୁବିଧା ପାଇଁ ସ୍ଥାନୀୟ ଲୋକଙ୍କ ଅବଦାନରେ ପାହାଚଟିଏ ହୋଇଛି । ନଚେତ୍ ଏଯାବତ୍ ମନ୍ଦିରକୁ ଯିବାକୁ କୌଣସି ପ୍ରକାରର ସୁବିଧା ସୁଯୋଗ ହୋଇପାରିନି । ସ୍ଥାନୀୟ କାଉନ୍‌ସିଲର, ବିଧାୟକ ଓ ପ୍ରଶାସନକୁ ବାରମ୍ବାର ଗୁହାରି କରଯାଇଥିଲେ ମଧ୍ୟ ଏଯାଏଁ ପ୍ରତିଶୃତି ଛଡା କିଛି ମିଳିନି ବୋଲି କହନ୍ତି ବାବା ନଟବର ମହାନ୍ତି । ତେବେ ଆଗକୁ ଆରମ୍ଭ ହେବ ମକର ମେଳା ଏହି ମେଳା ପାଇଁ ବିଭିନ୍ନ ଆଡ଼ମ୍ବର ଓ ସାଜସଜା ଆରମ୍ଭ ହୋଇଯାଇଥିବା ବେଳେ ବିଭିନ୍ନ ଆଶ୍ରମରୁ ଏକାଧିକ ପଣ୍ଡିତମାନେ ଯୋଗଦେବା ସହିତ ଏଠାରେ ବିଭିନ୍ନ ସ୍ଥାନରୁ ହଜାର ହଜାର ଭକ୍ତମାନଙ୍କର ସମାଗମ ଲାଗିରହିବ । ତେବେ ଏହି ଧାର୍ମିକ ଐତିହାସିକ ପୀଠକୁ ଆହୁରି ସାରସ ସୁନ୍ଦର କରିବା ପାଇଁ ଏହାର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ସ୍ଥାନୀୟ ବିଧାୟକଙ୍କୁ ନିବେଦନ କରିଛନ୍ତି ସମସ୍ତ ପଣ୍ଡିତ ଅଞ୍ଚଳବାସୀମାନେ ।



## ନିଜ ଅଞ୍ଚଳର କଳା ଓ ସଂସ୍କୃତି ପ୍ରତି ସଚେତନ ହେବାକୁ ଆହ୍ୱାନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ସହରର ବଡବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ 'ଜଗତସିଂହପୁର ଐତିହ୍ୟ ପଦଯାତ୍ରା' ଆନୁକୂଲ୍ୟରେ ଏକ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇଯାଇଛି । ଆଗାମୀ ପିଢ଼ିରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଜ ଅଞ୍ଚଳର କଳା, ସଂସ୍କୃତି, ଇତିହାସ ଓ ଐତିହ୍ୟ ପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜଗତସିଂହପୁରର ବିଭିନ୍ନ ବିଦ୍ୟାଳୟରୁ ୪୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ବିଶେଷ କରି ସଂସ୍କୃତି ଓ ଐତିହ୍ୟକୁ ଭିତ୍ତି କରି ଦୁଇଟି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ପ୍ରଥମଟି ହେଲା ଚିତ୍ରାଙ୍କନ ପ୍ରତିଯୋଗିତା ଯେଉଁଥିରେ ପିଲାମାନେ ନିଜ କଳା ମାଧ୍ୟମରେ ଓଡ଼ିଶାର ଐତିହ୍ୟକୁ ପ୍ରଦର୍ଶିତ କରିଥିଲେ । ଦ୍ୱିତୀୟଟି ହେଲା ସାଧାରଣ ଜ୍ଞାନ ପ୍ରତିଯୋଗିତା ଯେଉଁଥିରେ ଆଞ୍ଚଳିକ ଇତିହାସ ଓ ସଂସ୍କୃତି ବିଷୟରେ ପିଲାଙ୍କ ଦକ୍ଷତା ପରଖା ଯାଇଥିଲା । 'ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ପ୍ରମୁଖ ସଦସ୍ୟ ସମ୍ବିତ ସିଂହ ଓ ତ୍ରିଲୋଚନ ସ୍ୱାଇଁଙ୍କ ସଂଯୋଜକତାରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଏଥିରେ ଶିକ୍ଷାବିତ ଉତ୍କଳ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ ଭଗବାନ ଦାଶ ଏବଂ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଆଦି ଉପସ୍ଥିତ ରହି ପ୍ରତିଯୋଗିତାକୁ ତତ୍ତ୍ୱାବଧାନ କରିବା ସହ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଦିନେଶ ସ୍ୱାଇଁ, ରତିରଞ୍ଜନ ପଣ୍ଡା, ଦେବାଶିଷ ପାତ୍ର, ନୀଳାଦ୍ରୀ ଆଚାର୍ଯ୍ୟ, ସୌରଭ ସିଂହ ଆଦି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଜ ମାଟିର ଗୌରବକୁ ବୁଝିବା ଦିଗରେ ଏହି ପ୍ରୟାସକୁ ଅଞ୍ଚଳବାସୀ ଉଚ୍ଚ ପ୍ରଶଂସା କରିଛନ୍ତି ।

## ବୃହତ୍ ବନ୍ଦର ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପିତ

## କଲିକତା ବନ୍ଦର ଚାମ୍ପିଅନ୍ ଓ ମୁମ୍ବାଇ ବନ୍ଦର ରନର୍ସଅପ୍

**ପାରାଦୀପ, ନ୍ୟୁଜ୍ ବ୍ୟୁରୋ**

ପାରାଦୀପ ବନ୍ଦର ଏବଂ ବୃହତ୍ ବନ୍ଦର ଖେଳ ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ବନ୍ଦର ନଗରୀ ପାରାଦୀପର ଜୟଦେବ ସଦନ ଠାରେ ୪ଦିନ ଧରି ଆୟୋଜିତ ୨୫ତମ ଅଖିଳ ଭାରତ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହ ୧୧ ତାରିଖ ରବିବାର ଦିନ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ୪ଦିନ ଧରି ଭାରତର ବିଭିନ୍ନ ବନ୍ଦରରୁ ଆସିଥିବା କଳାକାରମାନେ ସେମାନଙ୍କର କଳା ନୈପୁଣ୍ୟ ମାଧ୍ୟମରେ କେବଳ ପାରାଦୀପ ବାସୀଙ୍କର ମନୋରଞ୍ଜନ କରିନାହାନ୍ତି ବରଂ ସାରା ଭାରତ ବର୍ଷର କଳାକାର ମାନଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ସମର୍ଥ ହୋଇଛି ଓ ମାନସ ପଟରେ ଛାଡ଼ି ଯାଇଛି କଳା ଓ ସଂସ୍କୃତିର ଅନେକ ଛବି । ଏହି ମହୋତ୍ସବ ବନ୍ଦର କର୍ମଚାରୀ ମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବା ଓ ନାଟକ ତଥା ସଙ୍ଗୀତ ପ୍ରତି ରୁଚି ସୃଷ୍ଟି କରିବାରେ ମଧ୍ୟ ସଫଳ ହୋଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ପାରାଦୀପ ବନ୍ଦରର କଳାକାରମାନେ



ଶାସ୍ତ୍ରୀୟ ସଙ୍ଗୀତ, ସୁଗମ ସଙ୍ଗୀତ, ବାଦ୍ୟ, ଓଡ଼ିଶୀ ନୃତ୍ୟ ଏବଂ ନାଟକ ପରିବେଷଣ କରିଥିଲେ । ନୃସିଂହ ପ୍ରସାଦ ଶତପଥୀଙ୍କ ନିର୍ଦ୍ଦେଶନାରେ କଳାକାରମାନେ ଏକ ବ୍ୟଙ୍ଗାତ୍ମକ ଓ ବାସ୍ତବଧର୍ମି ନାଟକ ବିଚାର ମଞ୍ଚସ୍ଥ କରିଥିଲେ ଯାହାକି ଆଦୃତ ହୋଇଥିଲା । ଜେଲ୍ ଯେତେବେଳେ ପାଲଟିଯାଏ ଅପରାଧୀ ମାନଙ୍କର ସୁରକ୍ଷିତ ଆଶ୍ରୟସ୍ଥଳ ଆଉ ମୁକୁଳା ଦୁନିଆ ପାଲଟିଯାଏ ଅପରାଧର ଏନ୍ତୁଡ଼ିଶାଳ, ସେତେବେଳେ ପ୍ରକୃତରେ ବିଚାର କାହାର ହୋଇପାରିବ ? ଜଣେ ଚୋର ଜେଲ୍‌କୁ ପୁନର୍ବାର ତାର ସାଥୀମାନଙ୍କ ନିକଟକୁ ଫେରିଯିବା ପାଇଁ ଚୋରି କରିବା ଉଦ୍ଦେଶ୍ୟରେ ଅବସର ପ୍ରାପ୍ତ ବିଚାରପତିଙ୍କ ଘରେ ପଶେ ଓ ଜେଲ୍ ତା ପାଇଁ ସୁରକ୍ଷିତ ସ୍ଥାନ ବୋଲି କହି କିପରି ଆଜିର ସମାଜରେ ହେଉଥିବା ବିଭିନ୍ନ ଅପରାଧର ବିଚାର ପ୍ରକ୍ରିୟା ସମ୍ପର୍କରେ ବିଚାରପତିଙ୍କ ସମ୍ମୁଖରେ ତାର ମତାମତ ଓ ନିଜର ଜୀବନ କାହାଣୀକୁ ରଖିଛି ଓ ତା ଅପରାଧର ବିଚାର କରିବାରେ କିପରି ବିଚାରପତିଙ୍କୁ ଦ୍ୱନ୍ଦ୍ୱରେ ପକାଇଛି ତାର ଏକ ନିଛକ ଛବି ନାଟକ ମାଧ୍ୟମରେ ପ୍ରସ୍ତୁତ କରାଯାଇଥିଲା । ଉଦ୍‌ଯାପନୀ ସନ୍ଧ୍ୟାରେ ବନ୍ଦର ମୁଖ୍ୟ ଯନ୍ତ୍ରୀ ହିମାଂଶୁ ରାଉତଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଦର ଅଧକ୍ଷ ପି.ଏଲ ହରନାଧ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଥିଲେ କି ବିଭିନ୍ନ ବନ୍ଦରରୁ ଆସିଥିବା ଅଧିକାରୀ ଓ କର୍ମଚାରୀମାନେ ୪ଦିନ ଧରି ସେମାନଙ୍କର କଳା ଚାତୁରିରେ ଆମମାନଙ୍କୁ ମନୋରଞ୍ଜନ ଦେଇଛନ୍ତି ଓ ଏହି କାର୍ଯ୍ୟକ୍ରମକୁ ସଫଳତାର ସହିତ ଆୟୋଜିତ କରିବାରେ ଆମକୁ ଉତ୍ସାହିତ କରିଛନ୍ତି, ତେଣୁ ମୁଁ ସମସ୍ତଙ୍କୁ ଧନ୍ୟବାଦ୍ ଦେଉଛି । ଏହା ଫଳରେ ଆମ ମାନଙ୍କର ସମ୍ପର୍କ ଅଧିକ ଦୃଢ଼ୀଭୂତ ହୋଇଛି ଓ ମୁଁ ଆଶା କରୁଛି ଅତିଥି ଦେବୋ ଭବ ଉକ୍ତି ଅନୁସାରେ ପାରାଦୀପରେ ଆପଣ ମାନଙ୍କର ରହଣି ସୁଖଦ ହୋଇଥିବ ଏବଂ ଏକ ସୁଖଦ ଅନୁଭୂତି ନେଇ ଆପଣମାନେ ନିଜ ନିଜ ସ୍ଥାନକୁ ସୁରକ୍ଷିତ ଭାବେ ଫେରିଯିବେ ବୋଲି ମୁଁ ଆଶା କରୁଛି । ଗୋପବନ୍ଧୁ କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡକ୍ଟର ଦୁର୍ଗା ପ୍ରସାଦ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ହରନାଧ କଲିକତା ବନ୍ଦର ଓ ମୁମ୍ବାଇ ବନ୍ଦରକୁ ଯଥାକ୍ରମେ ଚାମ୍ପିଅନ୍ ଓ ରନର୍ସଅପ୍ ଟ୍ରଫି ପ୍ରଦାନ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ବିଭାଗରେ ବ୍ୟକ୍ତିଗତ ପ୍ରଥମ, ଦ୍ୱିତୀୟ ତଥା ତୃତୀୟ ସ୍ଥାନ ଅଧିକାର କରିଥିବା କଳାକାର ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବିଭିନ୍ନ ବନ୍ଦରର ସେବାରୁ ଆସନ୍ତା ବର୍ଷ ଅବସର ଗ୍ରହଣ କରୁଥିବା କର୍ମଚାରୀ ମାନଙ୍କୁ ସେ ସମ୍ମାନିତ କରିଥିଲେ ତଥା ଚେନ୍ନାଇ ବନ୍ଦରର ଯଶୋଦାଙ୍କୁ ବିଶେଷ ସମ୍ମାନିତ କରାଯାଇଥିଲା । କୋଚିନ ଓ ଦିନ ଦୟାଲ ବନ୍ଦରକୁ ଦ୍ୱିତୀୟ ରନରଅପ୍ ପୁରସ୍କାର ମିଳିଥିଲା । ଏହି ଅବସରରେ ବନ୍ଦରର ଡିସି ଅଲେଖ ସାହୁ, ଅର୍ଥ ପରାମର୍ଶଦାତା ଅଶୋକ ସାହୁ, ସିଏମ୍ଇ ସୁଶିଲ ନାହାକ, ଟ୍ରାଫିକ୍ ପରାମର୍ଶଦାତା ଆଶିଷ ବୋସ୍, କମାଣ୍ଡଟ ସିଆଇଏସ୍ଏଫ୍ ମଞ୍ଜାସିନ ଥିଲେ । ଶେଷରେ ସଂସଦର ସମ୍ପାଦକ ଧ୍ରୁବ ଚନ୍ଦ୍ର ତରାଇ ଧନ୍ୟବାଦ୍ ଅର୍ପଣ କରିଥିଲେ । ଉଦ୍‌ଯାପନୀ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ଦେଖିବା ପାଇଁ ଜୟଦେବ ସଦନରେ ବନ୍ଦରର ଅଧିକାରୀ ଓ କର୍ମଚାରୀ ତଥା ବନ୍ଦରର ଅନ୍ତେବାସୀ ଅନେକ ସଂଖ୍ୟାରେ ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଫୁଟ୍‌ବଲ୍ କୋଚ୍ ରବି ଦାସ ଓ ସଂସଦର କର୍ମକର୍ତ୍ତା ମାନେ ସଫଳତାର ସହିତ ପରିଚାଳନା କରିଥିଲେ ।

### ///////////////////////// ଉଦୟଗିରିରେ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ଉଦ୍‌ଘାଟିତ /////////////////////////

## 'ଭାରତର ଭବିଷ୍ୟତ ଯୁଦ୍ଧରେ ନୁହେଁ, ବରଂ ବୁଦ୍ଧ ମାର୍ଗରେ ଅଛି'

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ, ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଯାଜପୁର ଜିଲ୍ଲାର ଉଦୟଗିରି ବୌଦ୍ଧ ସ୍ଥଳ ଠାରେ ଦ୍ୱିତୀୟ ବୌଦ୍ଧ ଗୁରୁ ପଦ୍ମସମ୍ଭବଙ୍କ ପ୍ରାର୍ଥନା ସମାରୋହ ତଥା ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ଉଦ୍‌ଘାଟିତ ହୋଇଛି । ଜାନୁଆରୀ ୧୧ ରୁ ୧୬ ତାରିଖ ଯାଏଁ ହେଉଥିବା ଏହି ବୌଦ୍ଧ ସମ୍ମିଳନୀରେ ଦେଶର ବିଭିନ୍ନ ବୌଦ୍ଧ ମଠ ତଥା ଦେଶ ବାହାରୁ ପ୍ରାୟ ୧୭୦୦ରୁ ଉର୍ଦ୍ଧ୍ୱ ବୌଦ୍ଧ ଧର୍ମାବଲମ୍ବୀ ଏବଂ ଗୁରୁ ଯୋଗ ଦେଇଛନ୍ତି । ବୌଦ୍ଧ ଗୁରୁ ଓ୍ୱାଙ୍ଗମୋ ଡିକ୍ସେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରାଙ୍କ ସହ ସମ୍ମାନୀତ ଅତିଥି ରୂପେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଉପସ୍ଥିତ ଥିଲେ । ପ୍ରଥମେ ଉଦୟଗିରି ମନ୍ତପାଠ ସ୍ଥଳ ଯାଏଁ ବିଭିନ୍ନ ଦେଶରୁ ଆସିଥିବା ଅଂଶଗ୍ରହଣକାରୀଙ୍କ ଏକ ଶାନ୍ତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହାପରେ ଉପସ୍ଥିତ ଅତିଥିଗଣ ଅଭିଭାଷଣ ରଖିଥିଲେ । ଯାଜପୁର ସାଂସଦ ଶ୍ରୀ ବେହେରା କହିଥିଲେ ଯେ, ଭାରତର ଭବିଷ୍ୟତ ଯୁଦ୍ଧରେ ନୁହେଁ ବରଂ ବୁଦ୍ଧଙ୍କ ମାର୍ଗରେ ରହିଛି । ବୌଦ୍ଧ ସଂସ୍କୃତିର ପ୍ରାଣକେନ୍ଦ୍ର ହେଉଛି ଯାଜପୁର ଏବଂ ପ୍ରାଚୀନ ସମୟରେ ଏଠାରେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଥିଲା, ଯେଉଁଠି ବିଦେଶରୁ ଆସି ଅଧ୍ୟୟନ କରୁଥିଲେ । ଗୁରୁ ପଦ୍ମସମ୍ଭବ ଭାରତ, ତିବ୍ବତ, ଚୀନ ସହ ସମଗ୍ର ଦକ୍ଷିଣ ଏସିଆରେ ବୌଦ୍ଧ ଦର୍ଶନର ପ୍ରଚାର ପ୍ରସାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଉଦୟଗିରିରେ ଆୟୋଜିତ ବୌଦ୍ଧ ସମ୍ମିଳନୀ ସାରା ବିଶ୍ୱକୁ ଦିଗ୍‌ଦର୍ଶନ ଦେବ



ବୋଲି ସାଂସଦ କହିଥିଲେ । ଜିଲ୍ଲାପାଳ ଅମ୍ବର କୁମାର କର କହିଥିଲେ ଯେ ଅନ୍ତର୍ଜାତୀୟ ସମ୍ମିଳନୀରେ ବିଭିନ୍ନ ସ୍ଥାନରୁ ବୌଦ୍ଧ ସନ୍ନ୍ୟାସୀ, ପର୍ଯ୍ୟଟକମାନେ ଯୋଗଦେଇ ଉପାସନା, ଧାର୍ମିକ ରୀତିନୀତି ଏବଂ ଆଲୋଚନା ଚକ୍ର କରୁଛନ୍ତି । ସେମାନଙ୍କ ପାଇଁ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ଯାଜପୁରରେ ବୌଦ୍ଧ କୀର୍ତ୍ତିରାଜି ଓ ପର୍ଯ୍ୟଟନର ଅଭିବୃଦ୍ଧି ଦିଗରେ ଏହା ସହାୟକ ହେବ ବୋଲି ଜିଲ୍ଲାପାଳ କହିଥିଲେ । ସେହିପରି ବଡ଼ଚଣା ବିଧାୟକ ଅମର କୁମାର ନାୟକ କହିଥିଲେ ଯେ ଉଦୟଗିରି ଠାରେ ପ୍ରାଚୀନ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଥିଲା ଏବଂ ଏଠାରୁ ହିଁ ଗୁରୁ ପଦ୍ମସମ୍ଭବ ବୌଦ୍ଧ ଧର୍ମର ପ୍ରସାର କରିଥିଲେ । ଲାଇଟ୍ ଅଫ୍ ବୁଦ୍ଧ ଫାଉଣ୍ଡେସନ୍ ଏବଂ ଓଡ଼ିଶା ସରକାରଙ୍କ ଉଦ୍ୟମରେ ଏହି ଅନ୍ତର୍ଜାତୀୟ ସମ୍ମିଳନୀ ଅତି ସୁନ୍ଦର ଭାବେ ଆୟୋଜିତ ହୋଇଛି ବୋଲି ବିଧାୟକ ଶ୍ରୀ ନାୟକ କହିଛନ୍ତି । ୬ ଦିନ ବ୍ୟାପୀ ଏହି ସମ୍ମିଳନୀରେ ଦେଶ ବିଦେଶରୁ ଗବେଷକ, ବୌଦ୍ଧ ଗୁରୁ, ଐତିହାସିକମାନେ ଯୋଗଦେଇ ବୌଦ୍ଧ ଐତିହ୍ୟ ଓ ଦର୍ଶନ ସମ୍ବନ୍ଧୀୟ ବିଭିନ୍ନ ବିଷୟ ବସ୍ତୁ ଉପରେ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିବେ । ଏହାସହ ସମାରୋହରେ ଯୋଗଦେଇଥିବା ବୌଦ୍ଧ ଧର୍ମାବଲମ୍ବୀ ଏବଂ ପର୍ଯ୍ୟଟକମାନେ ରତ୍ନଗିରି – ଲଳିତଗିରି – ଉଦୟଗିରି ହୀରକ ତ୍ରିଭୁଜ ପରିଦର୍ଶନ କରିବେ । ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଦର୍ପଣ ତହସିଲଦାର, ବିଡ଼ିଓ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ଶିକ୍ଷାନବିସ ରିଜର୍ଭ ଅଧିକାରୀ ସମ୍ମିଳନୀର ସମସ୍ତ ପ୍ରସ୍ତୁତି କାର୍ଯ୍ୟ ତଦାରଖ କରିଥିଲେ । ଏହି ସମାରୋହରେ ସ୍ଥାନୀୟ ଜନସାଧାରଣ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ଉତ୍ସବ ଆୟୋଜନ କମିଟି ପକ୍ଷରୁ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ଆବାହକ ମହେଶ୍ୱର ବଳ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ ।

## ଏସ୍‌ସିବି ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ୯୪ ଗର୍ଭବତୀ ହୃଦ୍‌ରୋଗରେ ଆକ୍ରାନ୍ତ

**କଟକ, ନ୍ୟୁଜ୍ ବ୍ୟୁରୋ**

ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ପ୍ରାୟ ୧ ହଜାର ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସମୟରେ ସେମାନଙ୍କ ମଧ୍ୟରୁ ୯୪ଜଣଙ୍କର ହୃଦ୍‌ରୋଗ ଚିହ୍ନଟ ହୋଇଛି । ଏଥିରୁ ୪ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୮ଜଣ ଗର୍ଭବତୀଙ୍କର ହୃଦ୍‌ରୋଗଜନିତ ଅସ୍ତ୍ରୋପଚାର ହୋଇଛି ଏବଂ ଜଣେ ମହିଳାଙ୍କର ପେସ୍ ମେକର୍ ଲଗାଯାଇଛି । ୮ଜଣ ମହିଳାଙ୍କ ହୃଦ୍‌ରୋଗ ଜଟିଳ ହୋଇପଡ଼ିବାରୁ ଗର୍ଭପାତ କରାଯାଇଛି । ୨୦୨୪, ଜୁନ୍ ମାସରୁ ଏହି ସର୍ଭେ ଆରମ୍ଭ ହୋଇଥିବାବେଳେ ଦେଢ଼ବର୍ଷ ଭିତରେ ଏଭଳି ତଥ୍ୟ ଉଦ୍‌ବେଗର କାରଣ ହୋଇଛି । ଏଥିପାଇଁ ଆଇସିଏମ୍ଆର୍ (ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ) ପକ୍ଷରୁ ଏସ୍‌ସିବି ମେଡିକାଲ୍ କଲେଜରେ ଏକ ଅନୁଧ୍ୟାନ ପ୍ରକଳ୍ପ ଆରମ୍ଭ ହୋଇଥିବାବେଳେ ଏହା ୪ବର୍ଷ ଧରି ଚାଲିବ । ଗର୍ଭାବସ୍ଥାରେ ମହିଳାମାନଙ୍କୁ କିପରି ସୁରକ୍ଷିତ ଭାବେ ଚିକିତ୍ସିତ କରାଯାଇପାରିବ, ତାହା ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ । ପ୍ରଥମେ ମାଡ୍ରାସ୍ ମେଡିକାଲ୍ କଲେଜରେ ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ ଦେଖାଯାଉଥିବା ହୃଦ୍‌ରୋଗକୁ ନେଇ ଅନୁଧ୍ୟାନ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ସାରା ଭାରତରେ ୫୦ଟି ମେଡିକାଲ୍ କଲେଜରେ ଏହି ଅନୁଧ୍ୟାନ ଆରମ୍ଭ ହୋଇଥିଲା । ନ୍ୟାସ୍‌ନାଲ୍ ପ୍ରେଗ୍ନେନ୍ସି ଏଣ୍ଡ କାର୍ଡିଆକ୍ ଡିଜିଜ୍ ଷ୍ଟଡି ନାଁରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହା ୨୦୨୮ରେ ଶେଷ ହେବ । ଏସ୍‌ସିବିର ହୃଦ୍‌ରୋଗ ଓ ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗର ମିଳିତ ଉଦ୍ୟମରେ ଏହି ପ୍ରକଳ୍ପ ଉପରେ କାମ କରାଯାଉଛି । ସାଧାରଣତଃ ଗର୍ଭବତୀ ସମୟରେ ପ୍ରଶ୍ୱାସ ନେବାରେ ସମସ୍ୟା, ଧଇଁସଇଁ, ଅଣନିଶ୍ୱାସୀ ଲାଗିବା, ଗୋଡ଼ହାତ ଫୁଲିବା, ଛାତିରେ ଯନ୍ତ୍ରଣା, ମୂର୍ଚ୍ଛା ହୋଇଯିବା ଭଳି ଲକ୍ଷଣ ଦେଖାଯାଇଥାଏ । ଏସ୍‌ସିବିକୁ ଆସୁଥିବା ଗର୍ଭବତୀଙ୍କ ଏଭଳି ଲକ୍ଷଣ ଥିଲେ ପ୍ରଥମେ ସେମାନଙ୍କର ଆବଶ୍ୟକ ପରୀକ୍ଷା କରାଯାଉଛି । ହୃଦ୍‌ରୋଗ ଚିହ୍ନଟହେଲେ ସେମାନଙ୍କର ଚିକିତ୍ସା ଆରମ୍ଭ ସହିତ ସ୍ୱାଭାବିକ ପ୍ରସବ ନକରି ଅସ୍ତ୍ରୋପଚାର ମାଧ୍ୟମରେ ପ୍ରସବ କରାଯାଉଛି । ଅସ୍ତ୍ରୋପଚାର ପରେ ଡିସ୍‌ଚାର୍ଜ ସମୟରେ ହୃଦ୍‌ରୋଗ ଜନିତ ସମସ୍ତ ଔଷଧ ମାଗଣାରେ ଦିଆଯାଉଛି । ପ୍ରଫେସର ଡା. ସସ୍ମିତା ସ୍ୱାଇଁ, ପ୍ରଫେସର ଡା. ଦୀପକ ରଞ୍ଜନ ଦାସ, ସହକାରୀ ପ୍ରଫେସର ଡା. ପ୍ରମୋଦକୁମାର ସାହୁ, ଗବେଷଣା ସହାୟକ ସାର୍ଥକ କୁମାର ବେହେରାଙ୍କୁ ନେଇ ଗଠିତ ଟିମ୍ ସର୍ଭେରେ ସାମିଲ୍ ଅଛନ୍ତି ।




## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)

ମୋବାଇଲ-୯୩୩୭୬୯୩୦୨୨

csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୩।୧।୨୦୨୬, ପୌଷ ଦି୨୯ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ ୬।୨୪।୩୦ ଚନ୍ଦ୍ରୋଦୟ- ରାଘ ୨।୩୪।୧୨**

ଦଶମୀ ଦିଘ ୩।୨୦ ପର୍ଯ୍ୟନ୍ତ । **ବିଶାଖା ନକ୍ଷତ୍ର-** ରାଘ ୧୨।୦୮ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ସଂଘ ୫।୨୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ, ମକର ରାଶିର । ସଂଘ ୫।୨୩ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର, କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାହିଁ । **ଶ୍ରାଦ୍ଧ ନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ଦିଘ ୩।୨୦ ଗତେ ଶିମ୍ବ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୨୮ ଗତେ ଦିଘ ୭।୧୩ ମଧ୍ୟେ । ଦିଘ ୯।୧୩ ଗତେ ଦିଘ ୧୧।୩୫ ମଧ୍ୟେ । **ପର୍ବୋତ୍ସବ-** ମାସାନ୍ତ ।



**ମେଷ:** ଅନିୟମିତ କାର୍ଯ୍ୟ କରି ଅପମାନିତ ହୋଇପାରନ୍ତି । ଯାତ୍ରାରେ ଅସଫଳ ହେବେ । ଭ୍ରମଣର ସୁଯୋଗ ମଧ୍ୟ ମିଳିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଗୃହେ ଆନନ୍ଦ । ଦେହ ଓ ମନ ଭଲ ରହିବ ।



**ବୃଷ:** ଶତ୍ରୁମାନେ ପରାସ୍ତ ହେବେ । କର୍ମକ୍ଷେତ୍ରରେ ପଦସ୍ଥ କର୍ମକର୍ତ୍ତାଙ୍କ ସାନ୍ନିଧ ଲାଭ କରିବେ । ପିଲାମାନଙ୍କ ପାଇଁ ମନରେ କଷ୍ଟ ଆସିପାରେ । ରୋଜଗାର ଭଲ ହେବ । ପାରିବାରିକ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।



**ମିଥୁନ:** ପଢ଼ାଲେଖାରେ ଉନ୍ନତି ହେବ । କାର୍ଯ୍ୟ ହାସଲରେ ସକ୍ଷମ ହେବେ । ମାନସିକ ଅଶାନ୍ତି ଦେଖାଦେବ । ଦେହ ଓ ମନ ଭଲ ରହିବ । ରୋଜଗାର ସ୍ଥିର ରହିବ । ଘରେ ଶାନ୍ତି ଓ ଆନନ୍ଦ । ମନସ୍କାମନା ପୂରଣ ହେବ ।



**କର୍କଟ:** କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ । ଦୁଃସାଧ କାର୍ଯ୍ୟ ସାଧନ କରିବେ । ବନ୍ଧୁ ଆପଣଙ୍କ ଠାରୁ ଦୂରେଇ ଯିବେ । ଆୟରେ ଉନ୍ନତି ହେବ । ପାରିବାରିକ ଜୀବନ ସୁଖ ଶାନ୍ତିରେ କଟିବ । ମହିଳାମାନେ ସୁଖୀ ହେବେ ।



**ସିଂହ:** କାର୍ଯ୍ୟକ୍ଷେତ୍ରରେ ପ୍ରାଧାନ୍ୟତା ଲାଭ କରିବେ । ମଧାହ୍ନେ ଟେନ୍‌ସନ୍ ଦୂର ହୋଇଯିବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ଗୃହେ ଆନନ୍ଦ ଲାଗି ରହିବ । ଆୟ ପୂର୍ବପରି ସ୍ଥିର ରହିବ । ପରୋପକାରୀ ହେବେ ।



**କନ୍ୟା:** ବ୍ୟବସାୟରେ ଲାଭବାନ୍ ହେବେ । ବନ୍ଧୁ ବାନ୍ଧବ ସହଯୋଗିତାରେ ମନୋଭାବ ଆଣିବେ । ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ କରିବେ । ରୋଜଗାରର ପରିମାଣ ବଢ଼ିବ । ପରିବାରରେ ସୁଖ ଶାନ୍ତି ଅବ୍ୟାହତ ରହିବ । ସବୁ କାର୍ଯ୍ୟ ସଫଳ ହେବ ।



**ତୁଳା:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଧନବାନ ହେବେ । ପରିବାରରେ ଆନନ୍ଦ ଓ ଖୁସି ଲାଗି ରହିବ । ପିଲାମାନେ ପାଠ ପଢ଼ାରେ ମନ ଦେବେ । ଦେହ ଭଲ ରହିବ ।



**ବିଛା:** କର୍ମକ୍ଷେତ୍ରରେ ପ୍ରତାରଣାର ଶିକାର ହୋଇପାରନ୍ତି । ଅଚିହ୍ନା ବ୍ୟକ୍ତିଙ୍କ କଥାରେ ଯିବେନାହିଁ । ମାନସିକ ଅଶାନ୍ତି ଦେଖାଦେଇପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘର ଅଶାନ୍ତି ଦେଖାଦେବ ।



**ଧନୁ:** ଆଜି ଆପଣ ଯେଉଁ କାର୍ଯ୍ୟ କରିବେ ତାହା ସମ୍ପନ୍ନ ହୋଇଯିବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବ୍ୟୟର ମାତ୍ରା ଅଧିକ ହେବ । ମନରେ ବିରକ୍ତି ଭାବ ଜାଗ୍ରତ ହେବ । ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ ।



**ମକର:** କର୍ମକ୍ଷେତ୍ରରେ ସହଯୋଗ ଲାଭ କରି ଉପକୃତ ହେବେ । ଆର୍ଥିକ ସ୍ଥିତିରେ ଉନ୍ନତି ହେବ । ଶୁଭ ଖବର ପାଇବେ । ସୁସମ୍ପର୍କ ଖରାପ ହୋଇପାରେ । ଦେହ ଭଲ ରହିବ । ଗୃହେ ଶାନ୍ତି ଅବ୍ୟାହତ ରହିବ । ଶତ୍ରୁମାନେ ନାଶ ହେବେ ।



**କୁମ୍ଭ:** ଆଜି ଆପଣଙ୍କର ଭ୍ରମଣ ଯୋଗ ଅଛି । ବ୍ୟବସାୟରେ ଲାଭବାନ୍ ହେବେ । ମନ ଅସ୍ଥିର ରହିବ । ପରିବାରରେ ସମସ୍ତେ ଖୁସିରେ ରହିବେ । ରୋଜଗାର ମଧ୍ୟମ ଧରଣର ହେବ । ଦେହ ଓ ମନ ଭଲ ରହିବ ।



**ମୀନ:** ସମାଜରେ ଲୋକ ସମ୍ପର୍କ ବଢ଼ିବ । ଆୟ ଓ ବ୍ୟୟ ସମାନ ରହିବ । ମାନସିକ ଅସ୍ଥିରତା ଲାଗି ରହିବ । ମାଲିମୋକଦ୍ଦମା ଯୋଗୁ ଚିନ୍ତା ହୋଇପାରେ । ପରିବାରରେ ସୁଖ ଶାନ୍ତି ବଜାୟ ରହିବ । ଶରୀର ସୁସ୍ଥ ରହିବ ।

## ଏମ୍‌କେସିଜିରେ ବଢ଼ିବ ୧୯ ପିଜି ସିଟ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ୍ କଲେଜରେ ବଢ଼ିବ ୧୯ ପିଜି ସିଟ୍ । ଏନେଇ ରାଜ୍ୟ ମେଡିକାଲ୍ ଶିକ୍ଷା ଓ ତାଲିମ୍ ନିର୍ଦ୍ଦେଶକ (ଡିଏମ୍ଇଟି) ପକ୍ଷରୁ ଚିଠି ମାଧ୍ୟମରେ ଏମ୍‌କେସିଜି କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି । କାର୍ଡିଓଲୋଜି, ବିଭାଗରେ ୨, ଟିପିଜିସିଟ, ଏନ୍‌ଡ୍ରୋକାଇନ୍‌ଲୋଜି ବିଭାଗରେ ୨ ସିଟ୍, ଜେନେରାଲ୍ ସର୍ଜରି ବିଭାଗରେ ୫ ସିଟ୍, ଚକ୍ଷୁ ବିଭାଗରେ ଗୋଟିଏ, ପାଥୋଲୋଜି ବିଭାଗରେ ୨ଟି, ରେଡ଼ିଓ ଥେରାପି ବିଭାଗରେ ୫ ଓ ରେସପିରୋଟାରୀ ମେଡିସିନ୍ ବିଭାଗରେ ୨ ପିଜି ସିଟ୍ ବଢ଼ିବ ବୋଲି ଚିଠିରେ ଦର୍ଶାଯାଇଛି । ସମୁଦାୟ ୧୯ଟି ପିଜି ସିଟ୍ ବୃଦ୍ଧି ହେବା ନେଇ ଜଣାପଡିଛି ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୪।୧।୨୦୨୬, ମାଘ ଦି୧ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୬।୨୫।୩୬ ଚନ୍ଦ୍ରୋଦୟ- ରାଘ ୩।୨୯।୪୧**

ଏକାଦଶୀ ସଂଘ ୫।୫୫ ପର୍ଯ୍ୟନ୍ତ । **ଅନୁରାଧା ନକ୍ଷତ୍ର-** ରାଘ ୩।୦୫ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ୬୦ ଦଣ୍ଡ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର, କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାହିଁ । **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ, ଆମିଷ ସଂଘ ୫।୫୫ ଗତେ ପୋଇ ଓ ମସୁର ଡାଲି ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୨୮ ଗତେ ଦିଘ ୭।୫୪ ମଧ୍ୟେ । ଦିଘ ୧୦।୩୪ ଗତେ ଦିଘ ୧୧।୩୫ ମଧ୍ୟେ । **ପର୍ବୋତ୍ସବ-** ମକର ସଂକ୍ରାନ୍ତି, ଉତ୍ତରାୟଣ ବନ୍ଦାପନା, ପୋଙ୍ଗଲ, ଷଟ୍‌ତିଳା ଏକାଦଶୀ, ଓଳାଶୁଣୀ ଯାତ୍ରା, ଗଙ୍ଗାସାଗର ସ୍ନାନ, ଫକିରମୋହନ ସେନାପତିଙ୍କ ଜୟନ୍ତୀ ।

ସମ୍ପାଦକୀୟ

31 YEARS
ସମ୍ବାଦ କଳିକା

# ବିଶ୍ୱ ବଜାରରେ ସଙ୍କଟ ସତ୍ତ୍ୱେ ଦ୍ରୁତଗତିରେ ଆଗଉଛି ଭାରତ

ବିଶ୍ୱ ବଜାରର ଅଭିବୃଦ୍ଧି ଆଖିଦୃଶିଆ ନାହିଁ । ଆମେରିକା ଟାରିଫ୍ ଜନିତ କଟକଣା ସତ୍ତ୍ୱେ ମଧ ଭାରତୀୟ ଅର୍ଥବ୍ୟବସ୍ଥା ଉଲ୍ଲେଖନୀୟ ପ୍ରଦର୍ଶନ କରିବ । ଆର୍ଥିକ ବର୍ଷ ୨୦୨୫-୨୬ରେ ଦେଶର ଅର୍ଥନୀତି ଦୃଢ଼ତା ଦେଖାଇଛି । ଏହି ଅବଧିରେ ଜିଡିପି ୭.୪% ବଢ଼ିବ । ଦେଶ ଏସିଆର ଦ୍ୱିତୀୟ ବୃହତ ଅର୍ଥନୀତି ମାନ୍ୟତା ବଜାୟ ରଖିବ । ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ଦେଶର ଜିଡିପିକୁ ନେଇ ଏଭଳି ଅଗ୍ରୀମ ଆକଳନ କରିଛି । ଦେଶର ବାସ୍ତବ ଜିଡିପି ୨୦୧.୯୦ ଲକ୍ଷ କୋଟିକୁ ବଢ଼ିବ। ଯାହା ପୂର୍ବ ଅବଧିରେ ୧୮୭.୯୭ ଲକ୍ଷ କୋଟି ଟଙ୍କା ରହିଥିଲା । ଟାରିଫ ପ୍ରଭାବ ନଗଣ୍ୟ, ନୋମିନାଲ ଜିଡିପି ୮% ରହିବ, ମୋଟ୍ ଜିଭିଏ ୭.୩%, ବିନିର୍ମାଣ ୭% ବଢ଼ିବ, କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ୩% ବୃଦ୍ଧି ଆଶା। ସେବା କ୍ଷେତ୍ର ଦୃଢ଼, ନିବେଶ, ପୁଞ୍ଜି ଖର୍ଚ୍ଚ ବୃଦ୍ଧି, ଚାହିଦା ବଢ଼ାଇଛି ଟିକସ ସଂସ୍କାର। ସେହିଭଳି ନୋମିନାଲ ଜିଡିପି କରେଣ୍ଟ ପ୍ରାଇସ୍‌ରେ ୩୩୦.୬୮ ଲକ୍ଷ କୋଟିରୁ ୩୫୭ ଲକ୍ଷ କୋଟିକୁ ବଢ଼ିବ । ଗତ ଆର୍ଥିକ ବର୍ଷ ଘରୋଇ ବଜାରର ଜିଡିପି ୬.୫% ବୃଦ୍ଧି ହୋଇଥିଲା । ଚଳିତ ଆର୍ଥିକ ବର୍ଷ ଜିଡିପି ୭.୩% ବଢ଼ିବା ନେଇ ଆରବିଆଇ ଅନୁମାନ କରିଛି । ପରିସଂଖ୍ୟାନ ମନ୍ତ୍ରଣାଳୟର ବର୍ତ୍ତମାନର ଏହି ଅନୁମାନ ଆରବିଆଇ ଆକଳନଠାରୁ ସାମାନ୍ୟ ଅଧିକ । ସେହିଭଳି ନୋମିନାଲ୍ ଜିଡିପି ସାମାନ୍ୟ ଧିମା ହୋଇ ୮% ରହିପାରେ । ଯାହା ଗତ ଆର୍ଥିକ ବର୍ଷ ୯.୭% ଥିଲା । ଫେବ୍ରୁଆରି ପହିଲାରେ ଆସୁଥିବା ସାଧାରଣ ବଜେଟ୍ ଏହି ଅନୁମାନକୁ ପ୍ରାଥମିକତା ଦେବ । ସେବା କ୍ଷେତ୍ରରେ ଦୃଢ଼ତା ସହ ଚଳିତ ଆର୍ଥିକ ବର୍ଷ ପ୍ରକୃତ ଗ୍ରସ୍ ଭାଲ୍ୟୁ ଆଡେଡ୍ (ଜିଭିଏ) ୭.୩% ବୃଦ୍ଧି ନେଇ ଅନୁମାନ କରିଛି ମନ୍ତ୍ରଣାଳୟ । ଯାହା ଗତ ଆର୍ଥିକ ବର୍ଷ ୬.୪% ରହିଥିଲା । ନୋମିନାଲ୍ ଜିଭିଏ ୭.୭% ରହିବ । ସରକାରଙ୍କ ଖର୍ଚ୍ଚ ୫.୨% ବଢ଼ିବ । ଯାହା ଗତ ବର୍ଷ ୨.୩% ଥିଲା । ଆର୍ଥିକ ସେବା, ରିୟଲ୍ ଇଷ୍ଟେଟ ଓ ବୃତ୍ତିଗତ ସେବା, ଲୋକ ପ୍ରଶାସନ, ପ୍ରତିରକ୍ଷା ଏବଂ ଅନ୍ୟ ସେବା କ୍ଷେତ୍ର ସ୍ଥାୟୀ ମୂଲ୍ୟରେ ୯.୯% ଅଭିବୃଦ୍ଧି ହେବ। ବାଣିଜ୍ୟ, ହୋଟେଲ, ପରିବହନ, କମ୍ୟୁନିକେସନ ଏବଂ ସର୍ଭିସ ୭.୫% ବଢ଼ିବ। ସେହିଭଳି ବିନିର୍ମାଣ କ୍ଷେତ୍ର ଚଳିତ ଆର୍ଥିକ ବର୍ଷ ୭% ବଢ଼ିବା ନେଇ ଅନୁମାନ କରାଯାଇଛି । ଯାହା ପୂର୍ବ ଅବଧିରେ ୪.୫% ଥିଲା । ନିର୍ମାଣ କ୍ଷେତ୍ରରେ ଅଭିବୃଦ୍ଧି ୭% ରହିବ । ଯାହା ପୂର୍ବ ଅବଧିରେ ୯.୪% ଥିଲା । ସ୍ଥିରମୂଲ୍ୟ ଦୃଷ୍ଟିରୁ ମାନୁଫାକ୍ଚରିଂ ଏବଂ ନିର୍ମାଣ କ୍ଷେତ୍ର ୭% ବଢ଼ିବ । କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଅଭିବୃଦ୍ଧି ୩% ରହିବ । ଯାହା ପୂର୍ବ ଅବଧିରେ ୪.୬% ରହିଥିଲା । ବିଜୁଳି, ଗ୍ୟାସ, ଜଳ ଯୋଗାଣ ଏବଂ ଅନ୍ୟ ୟୁଟିଲିଟି ୨.୧%, ପ୍ରକୃତ ଘରୋଇ ଚାହିଦା ଖର୍ଚ୍ଚ (ପିଏଫ୍‌ସିଇ) ୭% ଏବଂ ମୋଟ ସ୍ଥାୟୀ ପୁଞ୍ଜି ସୃଷ୍ଟି (ଜିଏଫ୍‌ସିଏଫ୍) ୭.୮% ବୃଦ୍ଧି ଆକଳନ କରାଯାଇଛି । ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଜିଡିପି ଆଖିଦୃଶିଆ ଅଭିବୃଦ୍ଧି କରିଥିଲା । ୬ ତ୍ରୈମାସର ସର୍ବୋଚ୍ଚ ସ୍ତର ୮.୨% ଅଭିବୃଦ୍ଧି ଦେଖିଥିଲା ଅର୍ଥନୀତି । ୨୦୨୫-୨୬ ଏପ୍ରିଲ-ଜୁନ ଅବଧିରେ ଅଭିବୃଦ୍ଧି ୭.୮% ଥିଲା । ତେବେ ଦ୍ୱିତୀୟ ତ୍ରୈମାସରେ ଜିଡିପିରେ ଉଲ୍ଲେଖନୀୟ ଅଭିବୃଦ୍ଧି ବଜାରର ଅନୁମାନଠାରୁ ଊର୍ଦ୍ଧ୍ୱରେ ରହିଥିଲା । ବିଶ୍ୱ ବଜାର ଅନିଶ୍ଚିତ ଥିବା ବେଳେ ଭାରତ ଏହାର ଅଭିବୃଦ୍ଧି ଧାରା ଜାରି ରଖିବ । ସେବା କ୍ଷେତ୍ରର ଦୃଢ଼ତା, ନିବେଶ କାର୍ଯ୍ୟକଳାପ ବୃଦ୍ଧି ଏବଂ ସରକାରଙ୍କ ପୁଞ୍ଜି ଖର୍ଚ୍ଚରେ ନିରନ୍ତର ଉନ୍ନତି ଅଭିବୃଦ୍ଧିକୁ ବଳ ଦେବାରେ ସହାୟକ ହେଉଛି । ଦେଶର ଶିଳ୍ପ ଉତ୍ପାଦନ ନିରନ୍ତର ବୃଦ୍ଧି ହେଉଛି । ବ୍ୟାଙ୍କ ଗୁଡ଼ିକର ଋଣ ଯୋଗାଣ ଏବଂ ସରକାରଙ୍କ ସଂସ୍କାର କାର୍ଯ୍ୟକ୍ରମ ଅର୍ଥନୀତି ପାଇଁ ଲାଭକାରୀ ପାଲଟିଛି । ଫଳରେ ଦେଶ ଏସିଆର ପ୍ରମୁଖ ଅର୍ଥନୀତି ମଧ୍ୟରେ ନିଜକୁ ସ୍ଥାନିତ କରିପାରିଛି ।

ଚଳିତ ଆର୍ଥିକ ବର୍ଷରେ ସରକାର ଆୟକର ସଂସ୍କାର ଆଣିଥିଲେ । ଏହାଦ୍ୱାରା ଟିକସଦାତାଙ୍କ ଉତ୍ସାହ ବଢ଼ିଛି । ସେହିଭଳି ସେପ୍ଟେମ୍ବର ୨୨ରେ ଲାଗୁ ହୋଇଥିବା ଜିଏସ୍‌ଟି ୨.୦ ଯୋଗୁ ମଧ୍ୟବିତ୍ତ ବର୍ଗ ଆଶ୍ୱସ୍ତି ଲାଭ କରିଛନ୍ତି । ଏଭଳି ପଦକ୍ଷେପ ଗୁଡ଼ିକ ଖାଉଟିଙ୍କ କ୍ରୟ ଶକ୍ତି ବୃଦ୍ଧି, ଦରଦାମରୁ ଆଶ୍ୱସ୍ତି ଏବଂ ଚାହିଦାକୁ ଊର୍ଦ୍ଧ୍ୱଗାମୀ କରିବାରେ ସହାୟକ ହୋଇଛି । ଜିଏସ୍‌ଟି ହ୍ରାସ ଯୋଗୁ ମୂଲ୍ୟରେ ସ୍ୱଚ୍ଛତା ଏବଂ ସୁଲଭତା ବଢ଼ିଛି । ପୂର୍ବରୁ ଦର ଉଚ୍ଚା ରହିବା ଯୋଗୁ ଲୋକେ ଖର୍ଚ୍ଚ କରିବାକୁ ଆଗଭର ହେଉ ନ ଥିଲେ । ମାତ୍ର ଜିଏସ୍‌ଟି କମିବା ଯୋଗୁ ପାର୍ବଣରେ ବଜାରକୁ ଜୋରଦାର ସମର୍ଥନ ମିଳିଛି । ଉଭୟ ପ୍ରତ୍ୟକ୍ଷ ଟିକସ ଏବଂ ଜିଏସ୍‌ଟି ହ୍ରାସ ଏଫ୍‌ଏମ୍‌ସିଜି, କଞ୍ଜ୍ୟୁମର ଡ୍ୟୁରେବଲ୍ସ ଏବଂ ସେବା କ୍ଷେତ୍ରରେ ଚାହିଦା ଆଧାରିତ ଅଭିବୃଦ୍ଧିକୁ ଊର୍ଦ୍ଧ୍ୱଗାମୀ କରିବାରେ ଯୋଗଦାନ ଦେଇଥିବା କୁହାଯାଇଛି ।

# ଶ୍ରୀ ମନ୍ଦିରରେ ପହିଲିଭୋଗ ଓ ଘୋଡଲାଗି



ପ୍ରସନ୍ନ କୁମାର ମିଶ୍ର
୩୮, ଶ୍ରୀକ୍ଷେତ୍ର କଲୋନୀ, ପୁରୀ-୨
ମୋ : ୮୦୧୮୮୭୫୩୩୫

ରହସ୍ୟମୟ ଶ୍ରୀଜଗନ୍ନାଥଙ୍କ ନୀତି, ରୀତି ,ବେଶ ,ଭୋଗ ଓ ଯାନିଯାତ୍ରା ଆଦି ସବୁକିଛି ସ୍ୱତନ୍ତ୍ର । ପୌରାଣିକ ତଥ୍ୟ ଅନୁଯାୟୀ ଭାରତର ବିଭିନ୍ନ ଧାମରେ ଶ୍ରୀବିଷ୍ଣୁ ଭିନ୍ନ ଭିନ୍ନ ରୂପରେ ପୂଜା ପାଉଥିବା ବେଳେ ଶ୍ରୀକ୍ଷେତ୍ରରେ ବିରାଜିତ ମହାପ୍ରଭୁ ଶ୍ରୀଜଗନ୍ନାଥ ଦାରୁମୂର୍ତ୍ତି ରୂପରେ ଉଭାହୋଇ ଲୋକ କଲ୍ୟାଣ ଓ ଲୋକ ଶିକ୍ଷା ନିମନ୍ତେ ବିବିଧ 'ଲୀଳା' ସଂପନ୍ନ କରି ଥାଆନ୍ତି । ଭୋଜନ କ୍ଷେତ୍ର ଶ୍ରୀକ୍ଷେତ୍ର ଓ ଭୋଜନ ପ୍ରିୟ ଠାକୁରଙ୍କ ଠାରେ କାର୍ତ୍ତିକ ମାସରେ ବାଲଭୋଗ ପରି ପୌଷ ମାସରେ ଧନୁସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପୂର୍ବ ଦିନ ପର୍ଯ୍ୟନ୍ତ ଯେଉଁ ବିଶେଷ ଭୋଗ ଅର୍ପଣ ହୋଇଥାଏ ତାହାକୁ 'ପହିଲି ଭୋଗ' କୁହାଯାଏ ।ଏହି ଦିନ ମାନଙ୍କରେ ସୂର୍ଯ୍ୟ ଧନୁ ରାଶିରେ ଅବସ୍ଥାନ କରୁ ଥିବାରୁ ଶୀତ ପଡିଥାଏ ।ସେଥିପାଇଁ ଆମ୍ଭ ମାନଙ୍କୁ ଶୀତବସ୍ତ୍ର ପିନ୍ଧିବାକୁ ହୋଇଥାଏ । ମହାପ୍ରଭୁ ମଧ୍ୟ ସାତ ବାରରେ ସାତ ରଙ୍ଗର ଶୀତବସ୍ତ୍ର (ଘୋଡ)ପିନ୍ଧି ଶୀତ ପାଳି ଥାଆନ୍ତି ।





ମାନବୀୟ ଲୀଳା କ୍ରମରେ ' ଓଢଣ ଷଷ୍ଠୀ' ଦିନଠାରୁ ଶୀତ ଆରମ୍ଭ ହୋଇ ଯାଉଥିବାରୁ ଶୀତ ଦାଉରୁ ରକ୍ଷା ପାଇବା ନିମନ୍ତେ ଶ୍ରୀମନ୍ଦିର ରତ୍ନ ସିଂହାସନରେ ବିରାଜିତ ତିନିଠାକୁରଙ୍କ ସମେତ ଶ୍ରୀଦେବୀ, ଭୂଦେବୀ, ମାଧବ ଓ ସୁଦର୍ଶନ ଏବଂ ମନ୍ଦିର ବେଢାରେ ଥିବା ସମସ୍ତ ଦେବାଦେବୀଙ୍କ ଠାରେ 'ଘୋଡ ବା ଶୀତବସ୍ତ୍ର 'ଲାଗି ହୋଇଥାଏ । ଭୁପୃଷ୍ଟରୁ ଶୀତ ମେଲାଣି ନେବା ପର୍ଯ୍ୟନ୍ତ ଅର୍ଥାତ୍ ସରସ୍ୱତୀ ପୂଜା ପର୍ଯ୍ୟନ୍ତ ଏହି ନୀତି ଅନୁଷ୍ଠିତ ହେଇଥାଏ । ରତ୍ନ ସିଂହାସନରେ ବିରାଜିତ ଠାକୁରମାନେ ଘୋଡଲାଗି ବେଶରେ ସୂତାବସ୍ତ୍ର, ଖଣ୍ଡୁଆ ପାଟ, ଭେଲଭେଟର ଶୀତବସ୍ତ୍ର(ଘୋଡ), ଫୁଟା (ଚବିଶ ହାତ ଲମ୍ବ ଦୁଇହାତ ଓସାରର ଗୀତଗୋବିନ୍ଦ ପଦାବଳୀ ବୁଣା ହୋଇଥିବା ବସ୍ତ୍ର), ମଫଲର ଓ ଟୋପର ଆଦି ସହିତ ମକରଚୂଳ ଲାଗି ହୋଇଥାଆନ୍ତି । ଶାସ୍ତ୍ର ପରମ୍ପରା ଅନୁଯାୟୀ ସାତବାରରେ ଠାକୁରମାନେ ଭିନ୍ନ ରଙ୍ଗର ଲୁଗା ଲାଗି ହୋଇଥାଆନ୍ତି । ରବିବାରରେ ଲାଲ ରଙ୍ଗ, ସୋମବାରରେ କଳାଛିଟଥିବା ଶୁକ୍ଳ ରଙ୍ଗ , ମଙ୍ଗଳବାର ବାରପଟିଆ (ପଂଚ ରଙ୍ଗ ମିଶା),ବୁଧବାର ନୀଳରଙ୍ଗ , ଗୁରୁବାର ହଳଦିଆ(ବସନ୍ତ)ରଙ୍ଗ , ଶୁକ୍ରବାର ଶୁକ୍ଳ ରଙ୍ଗ ଓ ଶନିବାର ଦିନ କଳାରଙ୍ଗର ଘୋଡ ବସ୍ତ୍ର ଠାକୁରମାନେ ପରିଧାନଙ୍କ କରି ଥାଆନ୍ତି । ଜ୍ୟୋତିଷ ମାନେ ଘୋଡର ରଙ୍ଗକୁ ସାତଗ୍ରହର ପ୍ରତିକ କହିଥାଆନ୍ତି । ଶ୍ରୀମନ୍ଦିରରେ ରାହୁ ଓ କେତୁକୁ ଗ୍ରହ ରୂପେ ଗଣନା କରାଯାଏନାହିଁ ।

ଏହି ପୁଷମାସରେ ଶ୍ରୀମନ୍ଦିରରେ କୁଆ କା କରିବା ପୂର୍ବରୁ ଜୟ ବିଜୟ ଦ୍ୱାରବନ୍ଧ ରହିପ୍ରଥମ ଭୋଗ 'ବଲ୍ଲଭ ଭୋଗ' ସହିତ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ପ୍ରାୟ ୨୩ ପ୍ରକାରର ସୁସ୍ୱାଦୁ ଭୋଗ ସାମଗ୍ରୀ ମହାପ୍ରଭୁଙ୍କୁ ନୈବେଦ୍ୟ କରାଯାଇଥାଏ । ଏହାକୁ 'ପହିଲିଭୋଗ' କୁହାଯାଏ ।ପୌରାଣିକ ଉପାଖ୍ୟାନ ଅନୁଯାୟୀ ଏକଦା ଭଗବାନ ଶ୍ରୀକୃଷ୍ଣ ମାତା ଯଶୋଦାଙ୍କ ବାତ୍ସଲ୍ୟ ସ୍ନେହ ସ୍ମରଣ କରି ନାରଦଙ୍କୁ ଗୋପପୁର ପ୍ରେରଣ କରିଥିଲେ । ନାରଦ ଗୋପପୁର ଯାଇ ଦେଖିଲେ ମାତା ଯଶୋଦା ଦୁଇ ଶିଶୁପୁତ୍ର କୃଷ୍ଣ ଓ ବଳରାମଙ୍କୁ କୋଳରେ ବସାଇ ନାନା ସୁସ୍ୱାଦୁ ଦ୍ରବ୍ୟମାନ ଖୁଆଇ ଦେଉଛନ୍ତି ଏବଂ ଦୁଇଭାଇ ଝୁଲି ଝୁଲି ମହା ଆନନ୍ଦରେ ଭୋଜନ କରୁଛନ୍ତି । ଭଗବାନ ଶ୍ରୀକୃଷ୍ଣଙ୍କ ଏହି ଲୀଳାର ସ୍ମାରକୀ ସ୍ୱରୂପ କଳି ଯୁଗରେ ଶ୍ରୀମନ୍ଦିରରେ ଧନୁସଂକ୍ରାନ୍ତି ଠାରୁ ମାସାନ୍ତ ପର୍ଯ୍ୟନ୍ତ ଗୋପାଳବଲ୍ଲଭ ସହିତ ପହିଲି ଭୋଗ 'କାଉ କା କରିବା' ପୂର୍ବରୁ ତିନି ଠାକୁରଙ୍କୁ ଅର୍ପଣ କରାଯାଇଥାଏ ।ପହିଲିଭୋଗ ହେଉଛି ମା ଯଶୋଦାଙ୍କ ସେବାର ସ୍ମାରକୀ ।ଏହି ମାସରେ ଲକ୍ଷ୍ମୀ ଠାକୁରାଣୀ ବାପଘର ଯାଇଥିବାରୁ ମହାପ୍ରଭୁଙ୍କ ମା ନିଜେ ପୁଷ ମାସ ଶୀତରେ ଶ୍ରୀମନ୍ଦିରରେ 'ବାଜା ଆଟୋପ ନ ଥାଇ' ବଡଝିଲ୍ଲି, ଦରସୁଆ,ବଡି,ଏଣ୍ଡୁରି, ଲଡୁ,ଗଜା, ଚଢେଇନେଦା ଗଇଁଠା, ଖଇରଚୁଳ, ମଣ୍ଡା, ଛତୁ, ଚୁଡାପୁଆ, ଖୁଆ, କାକରା, କଂଟେଇ , ବଡବଡା,ଆରିସା, ମୁଗେଇ ଓ ନଳୀ ଇତ୍ୟାଦି ୨୩ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ତିଆର କରି ପୁଅକୁ ଥଣ୍ଡା ଲାଗିଯିବ ବୋଲି 'ଗରମ ଗରମ ଖୁଆଇ ଦିଅନ୍ତି' ଓ 'ଶୀତଲୁଗା (ଘୋଡ)'ପିନ୍ଧାଇ ଦେଇ ଥାଆନ୍ତି ।ଏହା ହେଉଛି ମା' ମାନଙ୍କର ପୁଅ ପ୍ରତି ଥିବା ଅନାବିଳ ସ୍ନେହର ନିଦର୍ଶନ । ଏହି ମାସରେ ଓଡିଆ ଘର ବୋହୂମାନେ ବର୍ଷକୁ ଥରେ ନିଜ ବାପଘରକୁ ଯାଇ ଥାଆନ୍ତି । କେବଳ ଶ୍ରୀମନ୍ଦିର ନୁହେଁ ଶ୍ରୀକ୍ଷେତ୍ରରେ ଥିବା ସମସ୍ତ ଜାଗା ,ଆଖେଡା , ଠାକୁର ଠାକୁରାଣୀ ମନ୍ଦିର ଓ ମହାବୀର ମନ୍ଦିର ମାନଙ୍କରେ ମଧ୍ୟ ପହିଲିଭୋଗ ଅର୍ପଣ କରାଯାଇଥାଏ ।ସହରର ଅଧିକାଂଶ ବାସିନ୍ଦା ଏହି ମାସରେ ନିଜଘରେ ବନ୍ଧୁ ବାନ୍ଧବଙ୍କୁ ନିମନ୍ତ୍ରଣ କରି ମହାପ୍ରସାଦରେ ଆପ୍ୟାୟିତ କରି ଥାଆନ୍ତି । ଏହା ଶ୍ରୀକ୍ଷେତ୍ରର ପରମ୍ପରା । ଜାଗା ଆଖେଡା ମାନଙ୍କରେ ବଡିଭୋରରୁ ଭେଣ୍ଡିଆମାନେ କୁସ୍ତି କସରତ କରି ଗୁରୁ ମାନଙ୍କର ଆଶୀର୍ବାଦ ପ୍ରାପ୍ତ ହୋଇଥାଆନ୍ତି । ଶ୍ରୀମନ୍ଦିରରେ ପହିଲିଭୋଗ ଦ୍ୱାପର ଯୁଗରେ ମାତା ଯଶୋଦାଙ୍କ ବାତ୍ସଲ୍ୟ ମମତାର ପ୍ରତୀକ ।

# ଅଦ୍ୱୈତ ବେଦାନ୍ତ ଓ ସ୍ୱାମୀ ବିବେକାନନ୍ଦ



ଡ଼. ମନୋଜ କୁମାର ମହାନ୍ତି
ଦର୍ଶନ ବିଭାଗୀୟ ମୁଖ୍ୟ,
ବି.ଏନ.ଏମ.ଏ, ମହାବିଦ୍ୟାଳୟ,
ଭଦ୍ରକ,ମୋ:୮୮୯୫୩୪୧୦୩୩

ଇତିହାସର ପୁନରାବୃତ୍ତି ହେବା ସ୍ୱାଭାବିକ ଘଟଣା। ଯେଉଁଠି ସମାଜ ସେଇଠି ପ୍ରାଚୀନ ପରମ୍ପରା ଓ ସଂସ୍କୃତିର ଆଦାନପ୍ରଦାନ ପୁଣି ଅନୁସରଣ। ଯୁଗେଯୁଗେ ପରମ୍ପରା ଓ ସଂସ୍କୃତିର ବୃହତ୍ ଗନ୍ତାଘରରୂପେ ସମାଜ ଦଣ୍ଡାୟମାନ। ପ୍ରତ୍ୟେକ ମଣିଷ ଏଇଠୁ ଶିଖେ ପୁଣି ପରମୁହୂର୍ତ୍ତରେ ଅନ୍ୟକୁ ଶିଖାଏ। ମାନବିକ ବିକାଶ କ୍ଷେତ୍ରରେ ସମାଜ ଏକ ପ୍ରୟୋଗଶାଳା। ସଭ୍ୟତାର ବିକାଶରେ ବ୍ୟକ୍ତିର ଚିନ୍ତାଚେତନା, ବଳିଷ୍ଠ ବ୍ୟକ୍ତିତ୍ୱ, ଆଦର୍ଶ ଏବଂ ଜୀବନଦର୍ଶନ ଏକ ମହୋଷଧି ରୂପେ କାର୍ଯ୍ୟକରେ। ସେମାନଙ୍କ ଜୀବନଶୈଳୀ ସମାଜର ଜନସାଧାରଣଙ୍କ ପାଇଁ ପ୍ରେରଣାର ଉତ୍ସ। ସେମାନେ ଇତିହାସର ଯେକୌଣସି ଅଧ୍ୟାୟରେ, ଯେ କୌଣସି ପୃଷ୍ଠାରେ ସ୍ଥାନିତ ହୁଅନ୍ତି। ଜାତୀୟ ଚେତନାର ସ୍ରୋତରୂପେ ଏକ ସ୍ୱତନ୍ତ୍ର ପୃଷ୍ଠାଭାବେ ଏକ ନିର୍ଦ୍ଦିଷ୍ଟ ଭୌଗଳିକ ପରିସୀମାର ପରିଧିର ଉର୍ଦ୍ଧ୍ୱକୁ ଯାଇ ବିଶ୍ୱର ଭିନ୍ନଭିନ୍ନ ବିଭିନ୍ନ କୋଣରେ ଛାଡ଼ିଯାନ୍ତି ସେମାନଙ୍କର ପାଦଚିହ୍ନ।

ଯାହାର ଯୌବନ ଯେତେ ଶୁଦ୍ଧ ତାର ବ୍ୟକ୍ତିତ୍ୱ ସେତେ ଦୀର୍ଘସ୍ଥାୟୀ। ଚରିତ୍ର ଆଧାରରେ ବ୍ୟକ୍ତିର ସାମାଜିକ ଓ ରାଷ୍ଟ୍ରୀୟ ପରିଚୟର ଏକ ନୂତନ ଅଧ୍ୟାୟ ସୃଷ୍ଟିହୁଏ। ପ୍ରଥମ ଭାରତୀୟ ଯୁବସନ୍ନ୍ୟାସୀଭାବେ ୧୮୯୩ରେ ଆମେରିକାର ଚିକାଗୋ ସହରରେ ମାତ୍ର ୨୯ତମ ବୟସରେ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଯେଉଁଭଳି ବିଶ୍ୱଧର୍ମ ସଂସଦରେ ଉପସ୍ଥାପନ କରିଥିଲେ ତାହା କେବଳ ଭାରତୀୟଙ୍କୁ ଗୌରବାନ୍ୱିତ କରିନଥିଲା ବରଂ ବିଶ୍ୱଜନମାନସକୁ ଚକିତ ତଥା ପ୍ରେରଣା ଯୋଗାଇଥିଲା। ବିଶ୍ୱରେ ଭାରତୀୟ ସଂସ୍କୃତି, ଦର୍ଶନ ଓ ଜ୍ଞାନର ଏକ ସ୍ୱତନ୍ତ୍ର ପରିଚୟ ଆରମ୍ଭ ହୋଇଥଲା ସ୍ୱାମୀ ବିବେକାନନ୍ଦଙ୍କ ଦ୍ୱାରା। ବେଦାନ୍ତ ଦର୍ଶନର ମୂଳତତ୍ତ୍ୱ, ପ୍ରତ୍ୟେକ ଜୀବନ ପାଇଁ କିପରି ମହତ୍ତ୍ୱପୂର୍ଣ୍ଣ ତାହା ସମଗ୍ର ବିଶ୍ୱବାସୀଙ୍କ ଦ୍ୱାରା କିପରି ଗ୍ରହଣୀୟ ଥିଲା ଏକ ଯୁଗାନ୍ତକାରୀ ଚିନ୍ତାଧାରା। ବେଦାନ୍ତ ଦର୍ଶନର ଚିନ୍ତାଧାରା ଯେଉଁ ମାତ୍ରାରେ ବିଶ୍ୱର ବସ୍ତୁବାଦୀ ସାମାଜିକ ଜୀବନକୁ ପ୍ରଭାବିତ କରିଥିଲା ତାହାର ଫଳସ୍ୱରୂପ ଆମେରିକା ଓ ଇଉରୋପରେ ବେଦାନ୍ତ ଦର୍ଶନର ଆନ୍ଦୋଳନ ଦେଖିବାକୁ ମିଳିଥିଲା। ଚିକାଗୋ ଧର୍ମସଂସଦରେ ନିଜର ଆକର୍ଷଣୀୟ ଭାଷଣ ପରେ ଆମେରିକା ଓ ଇଉରୋପରେ ବେଦାନ୍ତ ଦର୍ଶନର ଖୁବ୍ ଚର୍ଚ୍ଚିତ ବ୍ୟକ୍ତି ଭାବରେ ସ୍ୱାମୀଜୀଙ୍କୁ ନିମନ୍ତ୍ରଣ ପରେ ନିମନ୍ତ୍ରଣ ମିଳିଥିଲା। ପ୍ରାୟ ଅଢେଇ ବର୍ଷ ବେଦାନ୍ତ ଦର୍ଶନର ବକ୍ତାଭାବେ ଆମେରିକା ଓ ଇଂଲଣ୍ଡରେ ପ୍ରଚାର ଓ ଭ୍ରମଣ ପରେ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ସ୍ୱଳ୍ପ ଜୀବନ ମଧ୍ୟରେ ଯେଉଁ ବ୍ୟକ୍ତିର ଚିନ୍ତାଧାରା ବିଶ୍ୱରେ ବିଜୁଳିଗତିରେ ବ୍ୟାପିଥିଲା,ସେଭଳି ବ୍ୟକ୍ତିତ୍ୱକୁ ନିଶ୍ଚିତଭାବେ ଇତିହାସ ତା ପୃଷ୍ଠାରେ ସ୍ଥାନିତ କରିବାର ଗୌରବ ଅର୍ଜନ କରିବ। ଭାରତର ପରମ୍ପରା, ସଂସ୍କୃତି ଓ ସଭ୍ୟତାର ମହତ୍ତ୍ୱକୁ ବିଶ୍ୱଦରବାରରେ ଉପସ୍ଥାପନ କରି ଭାରତୀୟ ଗୌରବର ମହିମାମଣ୍ଡନରେ ଯେ ନିଜକୁ ସାମିଲ୍ କରିଥିଲେ ସେ ହିଁ ବିଶ୍ୱବିଜୟୀ ସ୍ୱାମୀ ବିବେକାନନ୍ଦ।

ଶୈଶବରୁ କୈଶୋର, ପୁଣି କୈଶୋରକୁ ଅତିକ୍ରମ କରି ଜୀବନ ପହଞ୍ଚେ ଯୌବନରେ। ଯୌବନ, ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ସମୟ, ଚଳଚଞ୍ଚଳ ପ୍ରବାହମାନ ସ୍ରୋତ। ଯୌବନ ହିଁ ନିର୍ଦ୍ଧାରଣ କରେ ପ୍ରତ୍ୟେକ ଯୁବକର ଭାଗ୍ୟ ଭବିଷ୍ୟତ। ଯୌବନକୁ ଯେଉଁ ବାଟରେ ପରିଚାଳିତ କରିବା ଜୀବନ ଠିକ୍ ସେମିତି ପ୍ରତିଷ୍ଠା ଲାଭ କରିବ। ସ୍ୱାମୀ ବିବେକାନନ୍ଦ ଏକଥା ମର୍ମେ ମର୍ମେ ଅନୁଭବ କରିଥିଲେ। ୩୯ ବର୍ଷର ସ୍ୱଳ୍ପ ସମୟ ମଧ୍ୟରେ ବିଶ୍ୱ ଯୁବସମାଜକୁ ସେ ଯେଉଁ ମନ୍ତ୍ରରେ ବିମୁଗଧ କରିଥିଲେ ତାହା ଅବିଶ୍ୱସନୀୟ, ଅବର୍ଣ୍ଣନୀୟ । ୨୧ତମ ବର୍ଷ ବୟସରେ ନିଜ ପିତାଙ୍କୁ ହରାଇ ଉଭୟ ପରିବାରିକ ଓ ଆର୍ଥିକ ଦୁର୍ଦ୍ଦଶା ସତ୍ତ୍ୱେ ଗୁରୁ ରାମକୃଷ୍ଣ ପରମହଂସଙ୍କ ନିକଟରେ ନିଜକୁ ସମର୍ପିତ କରିବା ବିବେକାନନ୍ଦଙ୍କ ପାଇଁ ଏକ ବୃହତ୍ ସମସ୍ୟା ଥିଲାପରି ଲାଗେ। ପିତୃ ବିୟୋଗର ଦୁଃଖ, ମାତା ତଥା ଭାତୃଭଗିନୀଙ୍କ ଦାୟିତ୍ୱର ବହୁଉର୍ଦ୍ଧ୍ୱରେ ଥିଲା ଚିନ୍ତାଧାରା। ଯୌବନର ଉଦ୍ଦମତାକୁ କାବୁକରି ଶୁଦ୍ଧଯୌବନର ଅଧିକାରୀ ହେବା ଏତେ ସହଜ ନୁହେଁ। ବରଂ ଯୌବନର କାମନା ରୂପକୁ ନିଆଁକୁ କିପରି ଆୟତ୍ତ କରାଯାଇପାରିବ ତାହା ହିଁ ଥିଲା ତାଙ୍କ ଉଦ୍ଦେଶ୍ୟ। ରାମକୃଷ୍ଣ ପରମହଂସଙ୍କ ଦେହତ୍ୟାଗ ପରେ ନିଜକୁ ସମ୍ପୂର୍ଣ୍ଣ ସମର୍ପିତ କରିଥିଲେ ସନ୍ୟାସୀ ଭାବରେ। ଗେରୁଆବସ୍ତ୍ର ପରିଧାନ ପୂର୍ବକ ସନ୍ୟାସୀ ବେଶରେ ସେ ଭାରତର ଭିନ୍ନଭିନ୍ନ ରାଜ୍ୟର ଅଞ୍ଚଳମାନ ଭ୍ରମଣ କରିଥିଲେ। ଏହି ଭ୍ରମଣ କାଳ ମଧ୍ୟରେ ସେ ଅନୁକ୍ଷଣ କରିଥିଲେ ଭାରତୀୟ ମାନଙ୍କର ଦୁର୍ଦ୍ଦଶାପୂର୍ଣ୍ଣ ଜୀବନ ଓ ଜୀଇଁବାର ଶୈଳୀ। ଇଂରେଜ ଶାସନ କାଳରେ ଭାରତୀୟ ମାନଙ୍କର ଦୁଃଖଭରା ଜୀବନ ତାଙ୍କୁ ବ୍ୟସ୍ତବିବ୍ରତ କରିଥିଲା ଓ ସେ ମାନସିକ ସ୍ତରରେ ଅତ୍ୟନ୍ତ ମର୍ମାହତ ହୋଇଥିଲେ। ଜଣେ ଯୁବକ ଭାବରେ ଭାରତୀୟ ଯୁବଗୋଷ୍ଠୀ ମଧ୍ୟରେ ଥିବା ବିପୁଳ ସମ୍ଭାବନାକୁ ସେ କିପରି ସାକାର କରି ସେମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଅଣାଯାଇପାରିବ ସେଥିପାଇଁ ଉପାୟ ଖୋଜୁଖୋଜୁ ଏକ ସିଦ୍ଧାନ୍ତରେ ଉପନୀତ ହେଲେଯେ ସବୁ ସମସ୍ୟାର କାରଣ ଦାରିଦ୍ର୍ୟତା ଓ ନିରକ୍ଷରତା। ସେମାନଙ୍କ ମଧ୍ୟରୁ ଅଧିକାଂଶ ଯୁବଗୋଷ୍ଠୀ। ଶିକ୍ଷା ହିଁ ଏକମାତ୍ର ଅସ୍ତ୍ର ଯାହାକୁ ହତିୟାର କରି ଯୁବକମାନଙ୍କ ଜୀବନକୁ ପରିବର୍ତ୍ତନ କରାଯାଇପାରିବ। ଫିକା ପଡ଼ିଯାଇଥିବା ଯୁବଗୋଷ୍ଠୀଙ୍କ ଜୀବନର ମାନଚିତ୍ରକୁ କେବଳ ଶିକ୍ଷା ମାଧ୍ୟମରେ ରଙ୍ଗୀନ୍ କରା ଯାଇ ପାରିବ।

ଜଣେ ଆଧ୍ୟାତ୍ମିକ ଯୋଗୀ ଓ ସମାଜ ସଂସ୍କାରକ ଭାବେ ତାଙ୍କର ଅନୁଭବ ଥିଲା ଶିକ୍ଷାର ପୃଷ୍ଠଭୂମିକୁ ଏକ ଉଚିତ୍ ମାର୍ଗର ଆବଶ୍ୟକତା ଅଛି। ଯଦି ଶିକ୍ଷା କେବଳ ଜୀବିକା ଅର୍ଜନର ମାଧ୍ୟମ ନହୋଇ ବରଂ ବଞ୍ଚିବାର ଏକ ଶୈଳୀ ପାଲଟିଯାଆନ୍ତା ତେବେ ପ୍ରତ୍ୟେକ ଯୁବକ ମଧ୍ୟରେ ନୈରାଶ୍ୟ ବସାବାନ୍ଧି ପାରନ୍ତାନାହିଁ। ସେ ଅନୁଭବ କରିଥିଲେ ଭାରତୀୟ ବେଦାନ୍ତ ଦର୍ଶନର ତତ୍ତ୍ୱ ହିଁ ଏକମାତ୍ର ମାଧ୍ୟମ ଯୁବସମାଜକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିବାରେ। ନିଜକୁ ନିଜ ଭିତରେ ଖୋଜିବା, ସ୍ୱ-ଅନୁଭବ କରିବା ନକରିବା ପର୍ଯ୍ୟନ୍ତ ଆମେ ସମସ୍ତେ ଅନ୍ଧ, ମୁକ ଓ ବଧିର। ବିଶ୍ୱର ସମସ୍ତ ଶକ୍ତି ଓ ସମ୍ଭାବନା ଆମ ପାଖରେ ଅଛି କିନ୍ତୁ ଆମେ ଆମ ହାତକୁ ଆଖିକୁ ବନ୍ଦକରି ଏ ସଂସାର ଅନ୍ଧକାର ବୋଲି କାନ୍ଦିବା ହିଁ ଆମମାନଙ୍କର ଅଜ୍ଞାନତା। ଅନ୍ଧକାର ଭିତରେ ନିଜକୁ ଲୁଚେଇ ରଖିଥିବା ମଣିଷ କେବେ ଦେଖିପାରେନା ଆଲୋକର ଭବ୍ୟତା। ତାହା ହିଁ ଆମ ଦୃଢ଼ବିଶ୍ୱାସର ଅଭାବ। ଯୁବସମାଜପାଇଁ ଚରିତ୍ର ଗଠନ ସହ ଆତ୍ମିକ ଶୁଦ୍ଧତ୍ୱ ନିହାତି ଜରୁରୀ। ନୈତିକ ମୂଲ୍ୟବୋଧ, ନ୍ୟାୟ ଓ ସାମାଜିକ ସୌହାର୍ଦ୍ଧପୂର୍ଣ୍ଣ ତଥା ଜାତିବର୍ଣ୍ଣର ସଂକୀର୍ଣ୍ଣତାବୋଧତା ଦୂରୀକରଣ କେବଳ ସଂସ୍କାରମୂଳକ ଶିକ୍ଷା ମାଧ୍ୟମରେ ସମ୍ଭବ। ଅର୍ଥ ଉପାର୍ଜନ ତଥା ବସ୍ତୁବାଦୀ ମାନସିକତାର ପ୍ରୋତ୍ସାହନ ପାଇଁ ଶିକ୍ଷାକୁ ଜୀବନର ମାଧ୍ୟମ କରାନଯାଉ। ଶିକ୍ଷା ମାଧ୍ୟମରେ ସମାଜର ଉତଥାନ, ସମାନତା ସୃଷ୍ଟି ହେବା ସହ ଅନ୍ଧବିଶ୍ୱାସ ଦୂର ହୋଇପାରିବ। ଆଧ୍ୟାତ୍ମିକ ଶିକ୍ଷାକୁ ଆଧୁନିକ ବସ୍ତୁବାଦୀ ଜୀବନରେ ପ୍ରୟୋଗ କରି ଆତ୍ମିକ ଚେତନାର ବିକାଶ କରିପାରିଲେ ସାମାଜିକ ଅଭିବୃଦ୍ଧିର ନୂଆରାସ୍ତା ଉନ୍ମୁକ୍ତ ହେବ।

ବିବେକାନନ୍ଦ ବିଶ୍ୱର ଜନସାଧାରଣଙ୍କୁ ସଦାସର୍ବଦା ଯୁବକ ବୋଲି ଅଭିହିତ କରୁଥିଲେ। ବୟସ ବଢ଼ିଗଲେ କେହି ବୃଦ୍ଧ ହୁଏନି। ମାନସିକସ୍ତରରେ ସୁସ୍ଥ ପ୍ରତ୍ୟେକ ମଣିଷ ଜଣେଜଣେ ଯୁବକ। ସମାଜରେ ସଂସ୍କାର ଆଣିପାରୁଥିବା ପ୍ରତ୍ୟେକ ବ୍ୟକ୍ତି ହିଁ ଜଣେ ଯୁବକ। ଉଠ, ଜାଗୋ, ଅଟକି ଯିବାନି ଯେପର୍ଯ୍ୟନ୍ତ ନିଜ ଲକ୍ଷ୍ୟରେ ଆମେ ନପହଞ୍ଚିଛନ୍ତି। ଏ ପୃଥିବୀ ଏକ ବ୍ୟାୟାମଶାଳ, ଯେଉଁଠି ମଣିଷ ଜନ୍ମ ନିଏ ସୁସ୍ଥ ହୋଇ ଦୁର୍ବଳତାର ବିନାଶପାଇଁ। ଶୋଇଯାଇଥିବା ଭାରତର ଜନସାଧାରଣ ତଥା ଯୁବକମାନଙ୍କୁ ଜାଗ୍ରତ କରି ସେମାନଙ୍କ କାନରେ ଜିଇଁବାର ମନ୍ତ୍ରଫୁଙ୍କି ଯେଉଁ ନୂତନ ରାସ୍ତାରେ ଯୁବଗୋଷ୍ଠୀଙ୍କୁ ପଥିକ ସଜେଇଲେ ତାହା ଆମପାଇଁ ଏକ ନୂଆକିରଣ। ଜଣେ ଯୁବନାୟକ ଭାବରେ,ପ୍ରଚଣ୍ଡ ଜ୍ଞାନର ଅଧିକାରୀ ହୋଇ ନିଜର ମହତ ଉଦ୍ଦେଶ୍ୟକୁ ସାକାର କରିବାର ସଂକଳ୍ପ ଯୁବସମାଜ ପାଇଁ ନିଶ୍ଚୟ ଶିକ୍ଷଣୀୟ ଅଧ୍ୟାୟ। ଯୌବନକୁ ଶୁଦ୍ଧକରି, ସଂଯମୀ ମାନବ ଭାବରେ ସମାଜକୁ ସୁଧାରିବାରେ ନେଇଥିବା ନିଷ୍ପତ୍ତି ନିକଟରେ ବର୍ତ୍ତମାନ ଓ ଭବିଷ୍ୟତ ଯୁବପିଢି ନିଶ୍ଚିତ ଭାବେ କୃତଜ୍ଞ। ସବୁ ଘାତପ୍ରତିଘାତ ସତ୍ତ୍ୱେ ଭାରତୀୟ ଦାର୍ଶନିକ ଚିନ୍ତଚେତନାକୁ ଓ ଯୁବସମାଜକୁ ସଭ୍ୟତାର ଶିଖରରେ ପହଞ୍ଚାଇବାର ସତ ପ୍ରଚେଷ୍ଟାକୁ ଏ ଦେଶର ଯୁବଶକ୍ତି ନିଶ୍ଚୟ ହୃଦୟଙ୍ଗମ କରିବ। ରାମକୃଷ୍ଣ ମିଶନ ଜରିଆରେ ଜାତୀୟ ଯୁବଚେତନାକୁ ବେଦାନ୍ତ ଦର୍ଶନସହ ଯୋଡ଼ି ଯେଉଁ ନୂତନ ଭାରତର ସ୍ୱପ୍ନ ଦେଖିଥିଲେ ତାର ବାସ୍ତବ ଚିତ୍ର ରୂପାୟନ କରିବାରେ ଏ ଯୁବଗୋଷ୍ଠୀ ଆଗଭର ହେବ। ସତ-ଚିତ୍-ଆନନ୍ଦ ତତ୍ତ୍ୱର ଅନ୍ତର୍ନିହିତ ଶକ୍ତିକୁ ଅନୁଭବ ସହ ତାକୁ ସାମାଜିକ ଆଦର୍ଶର କେନ୍ଦ୍ରବିନ୍ଦୁରୂପେ ଗ୍ରହଣ କରିବା ଏକ ଯୁଗାନ୍ତକାରୀ ଚିନ୍ତା ଓ ଚେତନା। ସେହି କାଳଜୟୀ, ଯାଜୁଲ୍ୟମାନ ଓ ମୃତିମନ୍ତ ଅମ୍ଲାନ ବ୍ୟକ୍ତିର ବ୍ୟକ୍ତିତ୍ୱ ପାଲଟିଯାଉ ଯୁବପ୍ରତିଭାଙ୍କ ପ୍ରେରଣା। ଯାହାଙ୍କ ଗୁରୁଭକ୍ତି, ନିର୍ଭୀକତା, ବାଗ୍ମିତା ଓ ପରିଶେଷରେ ଦାର୍ଶନିକ ଚିନ୍ତାଧାରା କେବଳ ଭାରତୀୟଙ୍କ ମାନସ ପଟରେ ନୁହେଁ ବରଂ ବିଶ୍ୱ ଭୌଗଳିକ ପୃଷ୍ଠଭୂମିରେ ଯୁଗଯୁଗ ଧରି ଉଜ୍ଜୀବିତ ହୋଇରହିବ। ବୟସର ଅପରାହ୍ନକୁ ଯାହାକୁ ସ୍ପର୍ଶ କରିବାକୁ ଭୟ କରିଥିଲା। ଯିଏ ସବୁଦିନ ପାଇଁ ଯୁବକ ହୋଇ ଜାତୀୟ ଯୁବଚେତନାରେ ନିଜକୁ ସାମିଲ୍ କରିଥଲେ ସେଭଳି ମହାନ ଆତ୍ମାକୁ ଜାତୀୟ ଯୁବଦିବସ ଅବସରରେ ଶତକୋଟି ପ୍ରଣାମ।

# କର୍ମ ହିଁ ଧର୍ମର ଅଭିବ୍ୟକ୍ତି- ସ୍ୱାମୀ ବିବେକାନନ୍ଦ



କିଶୋର ଚନ୍ଦ୍ର ଜେନା
ସ୍ୱେଚ୍ଛାକୃତ ବରିଷ୍ଠ ଅଧିକାରୀ,
ବି.ଏସ.ଏନ.ଏଲ
ଏବଂ ଅଧିବକ୍ତା, ଭୁବନେଶ୍ୱର
ମୋ: ୯୪୩୭୦୪୧୩୦୦

ଭାଷା ଯେପରି ସାହିତ୍ୟର ଅଭିବ୍ୟକ୍ତି, ସେପରି କର୍ମ ହିଁ ଧମର୍ର ଅଭିବ୍ୟକ୍ତି। ଏହାହିଁ ସ୍ୱାମୀ ବିବେକାନନ୍ଦଙ୍କର ଜୀବନଦଶର୍ନର ଏକ ମୂଳ ବିନ୍ଦୁ। ବିବର୍ଜିତ ବ୍ୟକ୍ତି କ'ଣ ପ୍ରକୃତ ସାହିତ୍ୟ ସୃଷ୍ଟି କରିବାରେ ସମର୍ଥ ହେବ? ସେପରି ଭାବେର କର୍ମ ବିଷୟେର ଅନଭିଜ୍ଞ ବ୍ୟକ୍ତି କିପରି ଭାବେର ବା ଧମର୍ର ପ୍ରକୃତ ସତ୍ତା ନିରୂପଣ କରିବ? ଅଥଚ ସ୍ୱାମୀଜୀ ଧର୍ମ କ'ଣ ଏବଂ ଧମର୍ର ସଂଜ୍ଞା କ'ଣ ଏବଂ ଧର୍ମ ଓ କର୍ମ କିପରି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ତାହାକୁ ସେ ହୃଦ୍‌ଗତ କରି ଓ ବୁଝି ଲୋକଙ୍କ ନିକଟେର ପହେଞ୍ଚାଇବା ପାଇଁ ସମଗ୍ର ଭାରତବର୍ଷ ଭ୍ରମଣ କରିଥିଲେ। ବିଶ୍ୱ କବି ରବୀନ୍ଦ୍ରନାଥ ଠାକୁର ସେପାଇଁ କହିଥିଲେ ଯେ ଯଦି ଭାରତବଷର୍କୁ ଜାଣିବାକୁ ଚାହଁ, ତେେବ ପ୍ରଥେମ ସ୍ୱାମୀ ବିବେକାନନ୍ଦଙ୍କୁ ପଢ଼। କେବଳ ସେହି ବ୍ୟକ୍ତି 'ଉତ୍ତିଷ୍ଠିତ ଜାଗ୍ରତ ପ୍ରାପ୍ୟ ବରାନ୍ନେବାଧେତ'କୁ କର୍ମ ଯୋଗର ଆତ୍ମତତ୍ତ୍ୱ ଜ୍ଞାନ ବୋଲି କହୁଥିଲେ। ତାଙ୍କ ମତେର କର୍ମ କରିବା ହିଁ ଈଶ୍ୱରଙ୍କ ଉପାସନା। ତ୍ୟାଗେର ହିଁ ବିଜୟ ପ୍ରାପ୍ତି ସମ୍ଭବ ହୁଏ। କର୍ମ ଭକ୍ତିଠାରୁ ଭିନ୍ନ ନହୁେଁ। ବରଂ ଏହାର ଅଭିବ୍ୟକ୍ତି ହିଁ ପ୍ରକୃତ କର୍ମ ଅଟେ। ସତ୍ୟନିଷ୍ଠତା, ନୈତିକ ବଳ ଏବଂ ଆଧ୍ୟାତ୍ମିକତା ମଧ୍ୟେର କୌଣସି ପ୍ରେଭଦ ନାହିଁ। ଭାଗବତ ଆମର କେହ- କର୍ମ ମୋହର ନିଜ ଗୁରୁ / ଉଦ୍ଧବ କେତ ତୁ ପଚାରୁ। ତେଣୁ ଗୀତାର ବାଣୀ ଅନୁସାେର ପ୍ରାଣୀମାେନ ନିଷ୍କାମ କର୍ମ କରିବା ଦରକାର। ଏହି ନିଷ୍କାମ କମର୍ର ଅର୍ଥ କ'ଣ? ଆଜିକାଲି ଅେନକାେନକ ଲୋକ ଏହାକୁ ଏପରି ଅଥର୍ରେ ବୁଝନ୍ତି ଯେ- କର୍ମ ଏପରି ଭାବେ କରିବାକୁ ହେବ, ଯାହା ଦ୍ୱାରା ସୁଖ କିମ୍ବା ଦୁଃଖ କିଛିେହେଲ ମନକୁ ସ୍ପର୍ଶ କରିପାରିବ ନାହିଁ। ଯଦି ପ୍ରକୃତ ଅର୍ଥ ଏହା ହୁଏ ତାେହେଲ ଇତର ପ୍ରାଣୀମାେନ ମଧ୍ୟ ନିଷ୍କାମ କର୍ମ ସମ୍ପାଦନ କରନ୍ତି ବୋଲି କହିବାକୁ ହେବ। କୌଣସି କୌଣସି ପ୍ରାଣୀମାେନ ମଧ୍ୟ ନିଜର ଶାସବକମାନଙ୍କୁ ଭକ୍ଷଣ କେଲବି ସେମାନଙ୍କର କୌଣସି ଅନନୁଶୋଚନା ନଥାଏ। ଏପରି ଯଦି ଏହାର ଭାବାର୍ଥ ହୁଏ ତେବେ କଠିନ ବା ପାଷାଣ ହୃଦୟ ଥିବା ଦୁରାଚାରୀମାେନ ମଧ୍ୟ ନିଷ୍କାମ କମର୍ଯୋଗୀ ବୋଲି ବବିେଚିତ ହେବେ!! ତେଣୁ ମହାଭାରତ ଯୁଦ୍ଧେର ଅଜ୍ଜୁର୍ନଙ୍କୁ ସକାମ କମର୍ର ଅର୍ଥ ବୁଝାଇବାକୁ ଯାଇ ଭଗବାନ ଶ୍ରୀକୃଷ୍ଣ ଏପରି ଭାବେର ସକମର୍ର ବ୍ୟାଖ୍ୟା କରିଛନ୍ତି ଯେ- 'ଯସ୍ତିନ୍ଦ୍ରିୟାଣି ମନସା ନିୟମ୍ୟାରେଭେତରଜ୍ଜୁର୍ନ/ କେମର୍ନ୍ଦ୍ରିୟ କମର୍ଯୋଗମସକ୍ତଃ' ସ ବିଶିଷ୍ୟେତ।'' କିନ୍ତୁ ହେ ଅର୍ଜୁନ! ଯେଉଁ ପୁରୁଷ ମନଦ୍ୱାରା ଇନ୍ଦ୍ରିୟ ମାନଙ୍କୁ ବଶ କରି ଅନାସକ୍ତ ହୋଇ ସମସ୍ତ ଇନ୍ଦ୍ରିୟ ଦ୍ୱାରା କମର୍ଯୋଗ ଆଚରଣ କରନ୍ତି ସେମାନେ ହିଁ ଶ୍ରେଷ୍ଠ ଅଟନ୍ତି। ତେଣୁ ନିରନ୍ତର ଆସକ୍ତି ରହିତ ହୋଇ ନିଷ୍ଠାର ସହିତ କତ୍ତର୍ବ୍ୟ କମର୍କୁ କର; କାରଣ ଆସକ୍ତିରହିତ ସହକାେର କର୍ମ କରୁଥିବା ମନୁଷ୍ୟ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥାଏ। ସ୍ୱାମୀ ବିବେକାନନ୍ଦ ବେଦେବଦାନ୍ତ ଗୀତା ଭଳି ବହୁ ଦଶର୍ନ ଶାସ୍ତ୍ରକୁ ଭଲଭାବେର ଅଧ୍ୟୟନ କରିବା ସହ ଏହାର ନିଷ୍କର୍ଷ ପ୍ରତିପାଦନ କରି ଏହାର ନିଗୂଢ଼ ତତ୍ତ୍ୱକୁ ମାନବ କଲ୍ୟାଣାର୍ଥେ ପ୍ରଚାର କରିଯାଇଛନ୍ତି। ମହାଜନ ମାନଙ୍କର ଚିନ୍ତାେ- ଚତନା ପ୍ରସୂତ ଏହି ବାଣୀ ସବୁକୁ ସନ୍ଥ- ସନ୍ନ୍ୟାସୀଗଣ 'ବହୁଜନ ହିତାୟ/ ବହୁଜନ ସୁଖାୟ' ଭାବେର ଗ୍ରହଣ କରି ସନାତନୀ ସତ୍ୟକୁ ଉଦଘୋଷଣ କରିବା ପାଇଁ କାଳେ କାଳେ ଧରାବତରଣ କରିଛନ୍ତି। ଯୋଗଯୁକ୍ତ ହୋଇ କମର୍ସାଧନ କେଲ- ମୋର ତୋ'ର, ଆମର ବୋଲି କିଛି ହିଁ ଅବେବାଧ ରହିବ ନାହିଁ। ଜେଣ ଚିତ୍ରଶିଳ୍ପୀ ଅହଂବୋଧ ଭୁଲି ଚିତ୍ରାଙ୍କନେର ନିମଗ୍ନ ରହିଲେ ସେ ହୁଏତ ଅପୂର୍ବ, ଅଲଭ୍ୟ ଚିତ୍ରଟିଏ ଆଙ୍କିଦେଇ ପାରନ୍ତି! ଏପରି ନିଷ୍କାମ କମର୍ର ଜ୍ୱଳନ୍ତ ଉଦାହରଣ ମାନ ଆମେ ଗୀତା ଗ୍ରନ୍ଥରୁ ଶିକ୍ଷା ପାଇଥାଉ। ପ୍ରେତ୍ୟକଟି କମର୍ଫଳ ଶୁଭାଶୁଭ ମିଶ୍ରିତ ଅେଟ। ଏପରି କୌଣସି ଉତ୍ତମ କର୍ମ ନାହିଁ ଯେଉଁଥିରେ ଅଶୁଭର ସତ୍ତା ରହିନାହିଁ? ତେଣୁ ପ୍ରେତ୍ୟକ କମର୍ରେ ଶୁଭ ଅଶୁଭ ଓତେପ୍ରାତଃ ଭାବେ ଜଡ଼ିତ ଥାଏ। ଭୀଷ୍ମ ଓ ଦ୍ରୋଣାଚାର୍ଯ୍ୟଙ୍କୁ ସେହି ନିଷ୍କାମ କର୍ମ ଯୋଗର ବଶବର୍ତ୍ତୀ ହୋଇ ବଧ କରିନଥିଲେ ସେ କଦାପି ଅସୀମ ବଳଶାଳୀ ଦୁର୍ଯ୍ୟୋଧନଙ୍କୁ ପରାଭୂତ କରି ପାରିନଥାନ୍ତେ! ଏହା ବିଧି ନିର୍ଦ୍ଦିଷ୍ଟ ଏକ କମର୍ଯୋଗ। ଦୀପାଲୋକେର ଆମେ ଗୀତା ପାଠ କରୁଛେ ଅଥଚ ସେହି ଦୀପାଲୋକର ସଂସ୍ପଶର୍ରେ ଆସି ଅେନକାେନକ ପତଙ୍ଗ ଉଡ଼ିଆସି ପୋଡ଼ି ମରୁଛନ୍ତି। ତେଣୁ ଆମେ ଏପରି ସକାମ କର୍ମ କରିବା ସେଥିରେ ଯେପରି ଅଧିକ ଶୁଭ ଥିବ ଏବଂ ନ୍ୟୂନତମ ଭାବେ ଅଶୁଭ ଜଡ଼ିତ ଥିବ। ସ୍ୱାମୀଜୀଙ୍କ ମତେର ସଂସାର ଗୋଟିଏ ଯୁଦ୍ଧ କ୍ଷେତ୍ର ଏଥିରୁ ମୁକୁଳିଯାଇ ମୁକ୍ତି ପଥର ସନ୍ଧାନ କର। ମଣିଷ ଜୀବନ ଈଶ୍ୱର ପ୍ରାପ୍ତିର ଏକ ପ୍ରୟାସ ମାତ୍ର। ତ୍ୟାଗେର ବଳିୟାନ ହୋଇ ଇଚ୍ଛା ଶକ୍ତିର ବିକାଶ କରି ଜୀବନ ଗଠନ କର। ନିଜ ଜ୍ଞାତ ସାରେର ମସ୍ତିଷ୍କର ଚେତନ କେନ୍ଦ୍ରଗୁଡ଼ିକୁ ନିଜ ନିୟନ୍ତ୍ରଣେର ରଖିବା କଥାଟି ଶିକ୍ଷାକର। ତାଙ୍କ କର୍ମ ବ୍ୟାଖ୍ୟାନର ପ୍ରମୁଖ ତିନିଗୋଟି ଉପସର୍ଗ ହେଲା- (୧) ଜୀବନଯାପନର ଆନନ୍ଦ ଗ୍ରହଣ, କୃଚ୍ଛ୍ର ସାଧନା ପୈଶାଚିକ (୨) ପବିତ୍ରତା, ତୃତୀୟ ସୋପାନଟି ହେଲା ମନର ସମ୍ପୂର୍ଣ୍ଣ ନିୟନ୍ତ୍ରଣ। ସତ-ଅସତ ବିଚାର କର, ଅନୁଭବ କର ଯେ- ଈଶ୍ୱର ହିଁ ଏକମାତ୍ର ସତ୍ୟ। ତୁମ୍ଭେ ସବର୍ଦା ମେନକର ଯେ ତୁମ୍ଭେ ଈଶ୍ୱର ନୁହଁ! ନେହଲେ ମହଦ୍ ଭୟେର ଆକ୍ରାନ୍ତ ହେବାଟା ସାରେହବ। ଯେେବ ଚିନ୍ତାକରିବ ଯେ ସୋଅହଂ ସେହି ମୁହୂତ୍ତର୍ରେ ହିଁ ତୁମ୍ଭେ ଅନନ୍ତ ଶାନ୍ତି ଲାଭ କରିବ। କେେବ ନିଜକୁ ଦୁବର୍ଳ ଭାବନାହିଁ। ତୁମ୍ଭ ଭିତେର ଅଦମ୍ୟ ଶକ୍ତି ଓ ସାମର୍ଥ୍ୟ ରହିଛି ତାହାକୁ ସ୍ମରଣ କର। ସାଆଁବାଲୁଆ ପରି ଖୋଳପା ଭିତେର ନରହି ପ୍ରଜାପତି ହେବାର ସ୍ୱପ୍ନ ଦେଖ। ଭକ୍ତି ଓ କମର୍ଯୋଗର ଯୁଗଳ ସଙ୍ଗମେର ହିଁ ପ୍ରେମ ଫୁଟି ଉେଠ ଚେତନାେର। ପ୍ରେମ ହିଁ ଈଶ୍ୱର। ସୁତରାଂ ସେଇ ଭକ୍ତିପଥ ଦେଇ ହିଁ ଆମେ ନିଶ୍ଚିତ ଭାବେ ଆତ୍ମା ସ୍ୱରୂପ ଭଗବାନଙ୍କୁ ଲାଭ କରିପାରିବା। 'ସୋଽହମ୍'। ଧର୍ମ ବିଷୟେର ସେ ଏକ ଚମତ୍କାର ବ୍ୟାଖ୍ୟାନେର କହିଛନ୍ତି ଯେ- ଗୋଟିଏ ବିଷୟେର ତୁମ୍ଭେ ସବର୍ଦା ସତର୍କ ରୁହ, କାହାରି ବିଶ୍ୱାସ ନଷ୍ଟ କରିବନାହିଁ। ଜାଣ ଯେ ଧର୍ମ କୌଣସି ମତବାଦ ଦ୍ୱାରା ସୀମିତ ନହୁେଁ। ଆଦଶର୍ର ସ୍ୱରୂପ ହୋଇଯିବା ହିଁ ଧର୍ମ। ଅନୁଭୂତି ହିଁ ଧର୍ମ। ମନୁଷ୍ୟର ପୌନେପୌନିକତା ଜନ୍ମଗତ। ନିମ୍ନସ୍ତରର ମନୁଷ୍ୟ ପଶୁତୁଲ୍ୟ। ଉଚ୍ଚତମ-ଆସ୍ପୃହାର ମନୁଷ୍ୟ ସବର୍ଦା ପୂର୍ଣ୍ଣ। ଏହି ଦୁଇ ସ୍ତରର ମଧ୍ୟବର୍ତ୍ତୀ ଅନ୍ୟ ସମସ୍ତ ଶବ୍ଦ ବର୍ଣ୍ଣବାଦର ଆଚାର ଅନୁଷ୍ଠାନ ଅବଲମ୍ବନେର ଚିନ୍ତା କରିବାକୁ ହୁଏ। ଯେେବଳ ତୁମ ଚିନ୍ତାେର ମୁଁ ଶ୍ରବଣ ତୁମ୍ଭ ଶରୀର ଭାବେ ଚିନ୍ତା କେର- ତେେବ ତୁମ୍ଭେ ପୌତ୍ତଳିକ। ଧର୍ମ ଅାେଦୌ ବୁଦ୍ଧିର କସରତ ନହୁେଁ। ଧର୍ମ ଅାେଗାରକ୍ଷାନୁଭୂତି। ଈଶ୍ୱରଙ୍କୁ ଜାଣିବା ପାଇଁ କୌଣସି ଦଶର୍ନ-ଶାସ୍ତ୍ରର ପ୍ରେୟାଜନ ହୁଏନାହିଁ। ଅନ୍ୟର ବିଶ୍ୱାସ ନଷ୍ଟ କରିବା ଆମର ବୈଧନୁହଁ। ଧର୍ମ ପ୍ରତ୍ୟକ୍ଷ ଅଭିଜ୍ଞତା ସେର୍ବାତ ଭାବେର ଆନ୍ତରିକ ହୁଅ। କୌଣସି ଦ୍ରବ୍ୟ ପ୍ରତି ନିଜକୁ ତା'ଠାରୁ ଅଭିନ୍ନ ବୋଲି ମେନକେଲ ଆସକ୍ତି ଓ କାମନା ଜାତ ହୁଏ। ମନୁଷ୍ୟ ଦୁଃଖ ପାଏ। ତେଣୁ ସମସ୍ତ ମୋହ କାମନା ଓ ବାସନାରୁ ନିବୃତ୍ତ ରୁହ। ସନ୍ଥ ରାମକୃଷ୍ଣ ପରମହଂସ ଓ ସ୍ୱାମୀଜୀ ଗୋଟିଏ ଜୀବନର ଦୁଇଟି ଅଙ୍ଗ ଥିଲେ। ରାମକୃଷ୍ଣଙ୍କର ପ୍ରତ୍ୟକ୍ଷ ଅନୁଭୂତି ଥିବାେବେଳ ସ୍ୱାମୀଜୀ ଥିଲେ ତାହାର ବ୍ୟାଖ୍ୟାକାର। ରାମକୃଷ୍ଣଙ୍କର ଦଶର୍ନ ଓ ବବିେକାନନ୍ଦଙ୍କର କ୍ରିୟାଯୋଗ ଏକ ସମ୍ମିଳିତ ମାଧ୍ୟମ। ରାମକୃଷ୍ଣ ହିନ୍ଦୁଧମର୍ର କମଣ୍ଡଳୁର ଗଙ୍ଗା ଥିବାେବେଳ ସ୍ୱାମୀଜୀ ଥିଲେ ଭଗୀରଥ। ସେହି ପବିତ୍ର ଗଙ୍ଗା ଜଳକୁ କମଣ୍ଡଳୁ ମଧ୍ୟରୁ ନିଗର୍ତ କରାଇ ବବିେକାନନ୍ଦ ସମଗ୍ର ଭାରତବଷର୍ରେ ସେହି ପବିତ୍ର ଡାଳକୁ ସିଞ୍ଚନ କରିଥିଲେ।

ଆଜି କେନ୍ଦ୍ର ସରକାରଙ୍କ ଗରିବୀ କଲ୍ୟାଣ ଯୋଜନାମାନ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଏକାନ୍ତ ମାନବବାଦ ଉପେର ଆଧାରିତ ଏକ କଲ୍ୟାଣକାରୀ ଯୋଜନା। ସମାଜର ଶେଷ ଧାଡ଼ିରେ ମଣିଷଙ୍କୁ କିପରି କଲ୍ୟାଣ ଯୋଜନାର ସୁଫଳ ମିଳିପାରିବ ତାହାହିଁ ଏହାର ଏକ ଉପଲବ୍ଧି। ପଣ୍ଡିତ ଦୀନଦୟାଲ ବବିେକାନନ୍ଦଙ୍କ ଆଦଶର୍ରେ ଅନୁପ୍ରାଣିତ ହୋଇ ଏକାତ୍ମବାଦର ଦଶର୍ନକୁ ଗରିବିମାନଙ୍କ ନିକେଟର ପହଞ୍ଚାଇବାକୁ ଚେଷ୍ଟା କରିଯାଇଛନ୍ତି। ତାଙ୍କର ଦଶର୍ନ 'କର୍ମ-ଧର୍ମ'ର ଅଭିବ୍ୟକ୍ତି।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ଜାନୁଆରୀ ୨୦୨୬ ମଙ୍ଗଳବାର





# ଗ୍ରାମାଞ୍ଚଳରେ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱାରୋପ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ବିକଶିତ ଭାରତ ରୋଜଗାର ଏବଂ ଜୀବିକା ପାଇଁ ଗ୍ୟାରେଣ୍ଟି ମିଶନ (ଭିବି-ଜି ରାମ ଜି) ଆଇନ୍ ଉପରେ ଭାରତୀୟ ଜନତା ପାର୍ଟି ସୁବର୍ଣ୍ଣପୁର ଜିଲ୍ଲା ଶାଖା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ବିରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ଗ୍ରାମାଞ୍ଚଳରେ ଭିତ୍ତିଭୂମି ବୃଦ୍ଧି ଏବଂ ଦାରିଦ୍ର୍ୟ ହ୍ରାସ କରିବାରେ 'ଭିବି-ଜି ରାମ ଜି' ଆଇନ୍ କିପରି ପ୍ରଭାବଶାଳୀ ଅଟେ ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଥିଲେ । ଏହି ବିଲ୍ ଡିସେମ୍ବର ୧୯, ୨୦୨୫ରେ ସଂସଦ ଦ୍ୱାରା ଗୃହୀତ ହୋଇଥିଲା । ଲୋକସଭା ଏହାକୁ ଡିସେମ୍ବର ୧୮, ୨୦୨୫ରେ ଗୃହୀତ କରିଥିଲା । ଏହି ଆଇନ୍ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ୧୨୫ ଦିନର ମଜୁରୀ ନିଯୁକ୍ତିର ଗ୍ୟାରେଣ୍ଟି ଦିଏ, ଯାହା ବର୍ତ୍ତମାନର ୧୦୦ ଦିନରୁ ଅଧିକ । ଆଇନର ଧାରା ୨୨ ଅନୁଯାୟୀ, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ପାଣ୍ଠି ବଣ୍ଟନ ଢାଞ୍ଚା ୬୦:୪୦ ହେବ । ଦୁର୍ନୀତି ଓ ଅପବ୍ୟବହାର ରୋକିବା ପାଇଁ ବାୟୋମେଟ୍ରିକ୍ ଯାଞ୍ଚ, ସ୍ଥାନ ଆଧାରିତ ଯାଞ୍ଚ, ସିଧାସଳଖ ଡିଜିଟାଲ୍ ପେମେଣ୍ଟ, ଏଆଇ ମନିଟରିଂ ହେବାସହ ଏହି ଆଇନ୍ ସମ୍ପୂର୍ଣ୍ଣ ସ୍ୱଚ୍ଛତା ସୁନିଶ୍ଚିତ କରୁଛି ବୋଲି ସେ କହିଥିଲେ । ଗ୍ରାମାଞ୍ଚଳରେ ଭିତ୍ତିଭୂମି ବୃଦ୍ଧି ଏବଂ ଦାରିଦ୍ର୍ୟ ହ୍ରାସ କରିବାରେ ଭିବି-ଜି ରାମ ଜି ଆଇନ୍ କିପରି ପ୍ରଭାବଶାଳୀ ହେବ । ଭିବି-ଜି ରାମ ଜି ଆଇନ୍ ପ୍ରଚଳନର କାରଣ ହେଉଛି ଭିବି-ଜି ରାମ ଜିରେ ପ୍ରଚଳିତ ଦୁର୍ନୀତି ଏବଂ ତ୍ରୁଟିକୁ ସୁଧାରିବା ବୋଲି ବିଧାୟକ ରଘୁନାଥ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ବିଜେପି ଜିଲ୍ଲା ସଭାପତି ବେଣୁଧର ଦାସ ସୂଚନା ଦେଇ କହିଥିଲେ ଯେ, ବିଜେପି ଏଥିପାଇଁ ଏକ ଦେଶବ୍ୟାପୀ ଅଭିଯାନ ମଧ୍ୟ ଆରମ୍ଭ କରିଛି । ଯେଉଁଥିରେ ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀମାନେ ଅଂଶଗ୍ରହଣ କରିବେ । ଏହି ଅଭିଯାନରେ ଶ୍ରମିକ ଏବଂ କୃଷକମାନଙ୍କ ସହିତ ଯୋଗାଯୋଗ, ସାମ୍ବାଦିକ ସମ୍ମିଳନୀ, ସେମିନାର ଅନ୍ତର୍ଭୁକ୍ତ ହେବ । ବିଭିନ୍ନ ସ୍ଥାନରେ କୃଷକ ଏବଂ ଶ୍ରମିକ ସମ୍ମିଳନୀ ଅନୁଷ୍ଠିତ ହେବ । କଂଗ୍ରେସର ଭ୍ରମାତ୍ମକ ଦାବିକୁ ପ୍ରତିହତ କରିବାକୁ ଏବଂ ପ୍ରକୃତ ଚିତ୍ର ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଜେପି ଚେଷ୍ଟା କରିବ ବୋଲି ଜିଲ୍ଲା ସଭାପତି ଶ୍ରୀ ଦାସ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉଷା କୁମାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ବରିଷ୍ଠ ନେତା ରାଧାକାନ୍ତ ମହାକୁର, ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବିଶି ଏବଂ ସୁକାନ୍ତ ସାହୁ ଉପସ୍ଥିତ ଥିଲେ ।

# ଚିକିଟି ଏନ୍ଏସିରେ ପରିମଳ ବ୍ୟବସ୍ଥାର ସର୍ବନିମ୍ନ ସୁବିଧା ନାହିଁ:ଲୋକେ ହନ୍ତସନ୍ତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଚିକିଟି ପେଣ୍ଠ ବଜାର ଉପରେ ଚିକିଟି, ପାତ୍ରପୁର ଓ ଦିଗପହଣ୍ଡି ବ୍ଲକର ପ୍ରାୟ ୨୦୦ ଖଣ୍ଡ ଗ୍ରାମ ବ୍ୟବସାୟିକ ଦୃଷ୍ଟି କୋଣରୁ ନିର୍ଭରଶୀଳ । ପ୍ରତିଦିନ ଏଠାକୁ ହଜାର ହଜାର ଲୋକ ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି । କେନ୍ଦ୍ର ସରକାର ପରିମଳ ଉପରେ ବ୍ୟାପକ ପଦକ୍ଷେପ ନେଇ ସ୍ୱଚ୍ଛ ଭାରତ ସର୍ବେକ୍ଷଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି, ଏହି ପ୍ରରିପେକ୍ଷୀରେ ଚିକିଟି ଏନ୍ଏସି ତିନି ତିନି ଥର ସ୍ୱଚ୍ଛ ସର୍ବେକ୍ଷଣକୁ ନେଇ ଜାତୀୟ ସ୍ତରରେ ପୁରସ୍କୃତ ହେଲାଣି । କିନ୍ତୁ ଚିକିଟି ବଜାରରେ ଲୋକଙ୍କ ପାଇଁ ପରିସ୍ରା ଗାରର ବ୍ୟବସ୍ଥା କରିପାରିନାହିଁ । ସ୍ୱଚ୍ଛତାର ସର୍ବନିମ୍ନ ସୁବିଧା ପରିସ୍ରା ଗାରଟିଏ ନଥିବାରୁ ଲୋକେ ନାନାଦି ହଇରାଣ ହରକତ ହେଉଛନ୍ତି, ପୁରୁଷ ମାନେ ଲଜ୍ଜା ଛାଡି ରାସ୍ତା କଡ଼ରେ ପରିସ୍ରା କରୁଥିବା ବେଳେ ମହିଳା ଓ ଝିଅମାନେ ଜରୁରୀକାଳୀନ ଅବସ୍ଥାରେ ଓ ପରିଶ୍ରା କରିବା ପାଇଁ ନାହିଁନଥିବା ହଇରାଣ ହେଉଛନ୍ତି । ବକ୍ସି ବଜାର ନାଳ ପାର୍ଶ୍ୱରେ ଏକ ପାଇଖାନା ଓ ପରିସ୍ରାଗାର ନିର୍ମାଣ ହୋଇଛି, କିନ୍ତୁ ଏହା ସର୍ବଦା ଚାବି ପଡି ରହୁଥିବା ନଜରକୁ ଆସୁଛି । ଏହା ବ୍ୟତୀତ ପ୍ରାୟ ଦେଢ଼ କିମି ରାସ୍ତାରେ ଆଉ ବିକଳ୍ପ ବ୍ୟବସ୍ଥା ନାହିଁ, ପୂର୍ବରୁ ବଡ଼ବଜାର ଲୋକନାଥପୁର ଛକରେ ଦୁଇଟି ପରିଶ୍ରାଗାର ଏନ୍ଏସି ତରଫରୁ ନିର୍ମାଣ କରାଯାଇଥିଲା, କିନ୍ତୁ ଏବେ ସେହି ପରିସ୍ରାଗାର କୁଆଡେ ଉଭାନ ହୋଇଯାଇଥିଲା । ଅନୁସନ୍ଧାନରୁ ଜଣାପଡିଛି ଯେ ଏନ୍ଏସି ପକ୍ଷରୁ ସେହି ପରିସ୍ରାଗାରକୁ ଭାଙ୍ଗି ଦୋକାନରେ ମିଶେଇ ବହୁତ ବଡ଼ କରିଦିଆଯାଇଛି । ତେବେ କାହା ସ୍ୱାର୍ଥରେ ସେହି ପରିସ୍ରାଗାର ଭାଙ୍ଗିଦିଆଯାଇ ଦୋକାନ ଘରରେ ମିଶାଗଲା ଏହା ପଛରେ କାହାର ହାତ ଅଛି ? ଏଥିପାଇଁ ଦାୟୀ କିଏ ? ଯେଉଁ ପରିଶ୍ରାଗାରଟି ହଜାର ହଜାର ଲୋକଙ୍କ ସ୍ୱାର୍ଥରେ ଆସୁଥିଲା ତାକୁ ଭାଙ୍ଗିଦେଇ ଜଣେ ଦୋକାନୀର ସ୍ୱାର୍ଥରେ ଟେକିଦିଆଯିବା କେତେଦୂର ଯୁକ୍ତିଯୁକ୍ତ ତାର ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ପୁଣି ସେହି ସ୍ଥାନରେ ଏକ ସୁଲଭ ଶୌଚାଳୟ ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି । ସେହିପରି ହାଇସ୍କୁଲ ଛକରେ ମଧ୍ୟ ଏକ ପରିଶ୍ରାଗାରର ଆବଶ୍ୟକତା ରହିଛି, ଏଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜନସ୍ୱାର୍ଥ ନିମନ୍ତେ ଲେଟିନ୍ ଓ ୟୁରିନାଲ୍ ନିର୍ମାଣ ପାଇଁ ଦାବି ହେଉଛି । ସେହିପରି ଚିକିଟି ଗଡ଼ର ଅବସ୍ଥା ମଧ୍ୟ ସମାନ । ଏଠାରେ ବ୍ଲକ ଅଫସ, ଆଇସିଡ଼ିଏସ୍, କୃଷି କାର୍ଯ୍ୟାଳୟ, ବିଜ୍ଞାପିତ ଅଞ୍ଚଳ ପରିଷଦ, ତହସିଲ, ଉପନିବନ୍ଧକ କାର୍ଯ୍ୟାଳୟ, ସବ୍ ଟ୍ରେଜେରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ, ବାହୁଦା ଜଳ ସେଚନ ବିଭାଗ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ, ଦୁଇଟି ହାଇସ୍କୁଲ ସାଙ୍ଗକୁ ଚିକିଟି ମହାବିଦ୍ୟାଳୟ ଭଳି ବିଭିନ୍ନ ଅନୁଷ୍ଠାନ ଓ କାର୍ଯ୍ୟାଳୟ ଥିବାବେଳେ ସର୍ବସାଧାରଣଙ୍କ ନିମନ୍ତେ ପରିସ୍ରା ଗାରଟିଏ ବି ନାହିଁ । ଯାହାଫଳରେ ଏଠାକାର ଅବସ୍ଥା କହିଲେ ନସରେ । ଏଣୁ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ଦୃଷ୍ଟିରୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇବାରେ ଏନ୍ଏସି କର୍ତ୍ତୃପକ୍ଷ କେତେଦୂର ଯତ୍ନବାନ ତାହା ଆଗାମୀ ସମୟ କହିବ ।



# କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଖେଳପଡ଼ିଆରେ ହେବ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଉତ୍ସବ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଜିଲ୍ଲାପାଳ ରଘୁରାମ୍ ଆର୍ ଆୟର୍ଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆ ଠାରେ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ସକାଳ ୮.୩୦ ମିନିଟ୍ ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବେ । ସାଧାରଣତନ୍ତ୍ର ଦିବସ ଦିନ ରାମଧୂନ୍ ପରିବେଷଣ, ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତ ଫେରି ସମେତ ପ୍ୟାରେଡ୍ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ । ଏହାସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜେଲ୍‌ରେ ମୁଖ୍ୟଅତିଥିଙ୍କ ଦ୍ୱାରା ମିଷ୍ଟାନ୍ନ ଏବଂ ଫଳ ବଣ୍ଟନ କରାଯିବ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲୀକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ) ଡ. ସଚ୍ଚିଦାନନ୍ଦ ମିଶ୍ର, ଡିଏସପି ଡିଆଇବି ଲକ୍ଷ୍ମୀନାରାୟଣ ତିୱାରୀ, ରିଜର୍ଭ ଇନିସ୍ପେକ୍ଟର ଅଫ୍ ପୋଲିସ ପ୍ରଶାନ୍ତ କୁମାର ରଣସିଂ, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଡିପିସି ମିଶନ ଶକ୍ତି ଆରତୀ ସାହୁ, ଏସ୍ଇଆର୍ ଏଣ୍ଡ ବି ରତିକାନ୍ତ ବେହେରା, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ସାନ୍ତନୁ କୁମାର ଜେନା ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସେକ୍‌ବାଡ଼ ସ୍ମାର୍ଟ ପାର୍କରୁ ଶିଖରପୁର ବାଲିଚଡ଼କୁ ରୁଫ୍-ୱେ ନିର୍ମାଣ ଦାବି

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ମ୍ୟୁନିସିପାଲିଟି ଅଧୀନସ୍ଥ ୩ ନମ୍ବର ୱାର୍ଡ ସେକବାଡ଼ ସ୍ମାର୍ଟ ପାର୍କ ଠାରୁ ସୁବର୍ଣ୍ଣରେଖା ନଦୀର ଅପର ପାର୍ଶ୍ୱରେ ପ୍ରାକୃତିକ ଶୋଭାରାଜିରେ ଭରପୁର ଥିବା ବିସ୍ତୀର୍ଣ୍ଣ ଶିଖରପୁର ବାଲି ଚଡ଼କୁ ଏକ ରୁପ୍-ୱେ ନିର୍ମାଣ କରାଯାଉ ବୋଲି ଜଳେଶ୍ୱର ପୌରପାଳିକାର ଅଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ ଓଡ଼ିଶା ଷଷ୍ଠ ଅର୍ଥ ଆୟୋଗଙ୍କ ବାଲେଶ୍ୱର ଗସ୍ତ ସମୟରେ ପ୍ରସ୍ତାବ ରଖିଛନ୍ତି । ଏହି ରୁଫ୍-ୱେ ନିର୍ମାଣ ହେଲେ ନବନିର୍ମିତ ସ୍ମାର୍ଟ ପାର୍କର ଗୁରୁତ୍ୱ ବଢ଼ିବା ସହ ସୁବର୍ଣ୍ଣରେଖା ନଦୀର ଜଳଧାର ଉପରେ ନଦୀର ଅପର ପାର୍ଶ୍ୱରେ ଥିବା ଶିଖରପୁର ବାଲିଚଡ଼କୁ ପର୍ଯ୍ୟଟକମାନେ ସୁବିଧାରେ ଯାତାୟାତ କରିପାରିବେ ବୋଲି ଶ୍ରୀ ପ୍ରଧାନ ତାଙ୍କ ପ୍ରସ୍ତାବରେ ଉଲ୍ଲେଖ କରିଛନ୍ତି । ଏଥିପାଇଁ କ୍ରିଏସନ୍ ଅଫ୍ କେପିଟାଲ୍ ଆସେଟ୍ ଅଥବା ଇନୋଭେଟିଭ୍ ପ୍ରାକ୍ଟିସ୍‌ରୁ ଅର୍ଥ ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଉ ବୋଲି ଅର୍ଥ ଆୟୋଗର ଅଧ୍ୟକ୍ଷ ତଥା ପ୍ରାକ୍ତନ ଆଇଏସ୍ ଅଧିକାରୀ ଅରୁଣ ପଣ୍ଡାଙ୍କୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି ବୋଲି ସୂଚନା ମିଳିଛି ।

'ମହିମା' ସୁବର୍ଣ୍ଣପୁର ଲୋକ ମହୋତ୍ସବ - ୨୦୨୬

# ପରିବର୍ତ୍ତିତ ସାଂସ୍କୃତିକ ବିକାଶ ଓ ସୁବର୍ଣ୍ଣପୁର ରଙ୍ଗମଞ୍ଚ ଉପରେ ଆଲୋଚନାଚକ୍ର

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ 'ମହିମା' ସୁବର୍ଣ୍ଣପୁର ଲୋକ ମହୋତ୍ସବ ଅବସରରେ 'ପରିବର୍ତ୍ତିତ ସାଂସ୍କୃତିକ ବିକାଶ ଓ ସୁବର୍ଣ୍ଣପୁର ରଙ୍ଗମଞ୍ଚ' ପ୍ରସଙ୍ଗକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ମହୋତ୍ସବ ପରିସରରେ ଆୟୋଜିତ ହୋଇଯାଇଛି । ସୁବର୍ଣ୍ଣପୁରର ସାଂସ୍କୃତିକ ପରମ୍ପରା, ନାଟ୍ୟ ଐତିହ୍ୟ ଓ ଆଧୁନିକ ସମାଜରେ ରଙ୍ଗମଞ୍ଚର ଭୂମିକାକୁ ନେଇ ଏହି ଆଲୋଚନାଚକ୍ର ଉତ୍ସାହଜନକ ଓ ଚିନ୍ତନପ୍ରବଣ ରହିଥିଲା । ଏହି ଆଲୋଚନାଚକ୍ରରେ ସଙ୍ଗୀତ ନାଟକ ଏକାଡେମୀର ସଭ୍ୟ ତଥା ପ୍ରଖ୍ୟାତ ନାଟ୍ୟ ନିର୍ଦ୍ଦେଶକ ନାଟ୍ୟଶ୍ରୀ ଗଦାଧର ବାରିକ, ସାଂସ୍କୃତିକ ପରିବର୍ତ୍ତନର ଧାରା, ଗ୍ଲୋବାଲାଇଜେସନ୍ ଓ ଡିଜିଟାଲ୍ ମାଧ୍ୟମର ପ୍ରଭାବ ରଙ୍ଗମଞ୍ଚ ଉପରେ କିପରି ପଡୁଛି, ସେନେଇ ଆହ୍ୱାନ୍ ସହ ସୁବର୍ଣ୍ଣପୁର ମାଟିର କଳାକାରଙ୍କ କଳାର ବିକାଶ ପାଇଁ ମଞ୍ଚର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଯୁବ ଅଭିନେତା ପ୍ରଦ୍ୟୁମ୍ନ ସାହୁ ଏବଂ ଗବେଷକ ତଥା ଲେଖକ ସୁଦାମ ନାଏକ ଅତିଥି ଆଲୋଚକ ଭାବେ ଯୋଗଦେଇ ରଙ୍ଗମଞ୍ଚର ବଦଳୁଥିବା ଆକୃତି, ସାଂସ୍କୃତିକ ଚେତନା ଓ ସମକାଳୀନ ଚୁନୌତି ଉପରେ ବିସ୍ତୃତ ଆଲୋକପାତ କରିଥିଲେ । ଯୁବ ଅଭିନେତା ପ୍ରଦ୍ୟୁମ୍ନ ସାହୁ ଯୁବପିଢ଼ି ସହିତ ରଙ୍ଗମଞ୍ଚର ସଂଯୋଗ, ପ୍ରଶିକ୍ଷଣ ଓ ନୂତନ ମଞ୍ଚ ସୃଷ୍ଟିର ଆବଶ୍ୟକତା ଉପରେ ଜୋର୍ ଦେଇଥିଲେ । ଗବେଷକ ସୁଦାମ ନାଏକ ସୁବର୍ଣ୍ଣପୁର ରଙ୍ଗମଞ୍ଚର ଐତିହାସିକ ପୃଷ୍ଠଭୂମି ଓ ସାମାଜିକ ସଚେତନତାରେ ଏହାର ଅବଦାନ ବିଷୟରେ କହିଥିବାବେଳେ ସେନେଇ ତାଙ୍କର ଗବେଷଣାମୂଳକ ମତ ରଖିଥିଲେ । ଶିକ୍ଷାବୀତ ଲକ୍ଷ୍ମଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରର ସଂଯୋଜନା ବେଣୁଧର ପ୍ରଧାନ କରିଥିଲେ । ସଭାପତିତ୍ୱ ଅଭିଭାଷଣରେ ଶିକ୍ଷାବିତ ଲକ୍ଷ୍ମଣ ମିଶ୍ର ବଦଳୁଥିବା ସମୟ ଏବଂ ପାରମ୍ପାରିକ କଳାର ଅର୍ଥନୈତିକ ବିକାଶ ଉପରେ ଗୁରୁତ୍ୱ ଦେଇଥିବାବେଳେ ଅଧୂନାତନ ସମୟର ଆବଶ୍ୟକତାକୁ ନେଇ ମତ ଦେଇଥିଲେ । ଆଲୋଚନାଚକ୍ରରେ ଜିଲ୍ଲାପାଳ, ଡ଼. ନୃପରାଜ ସାହୁ ଓ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ପରମ୍ପରାର ସୁରକ୍ଷା, ସ୍ଥାନୀୟ କଳାକାରଙ୍କୁ ପ୍ରୋତ୍ସାହନ ଓ ପ୍ରଶାସନିକ ସହଯୋଗର ଆବଶ୍ୟକତାକୁ ନେଇ ଆଗାମୀ ଦିନରେ କାର୍ଯ୍ୟାନ୍ୱୟନ ଓ କାର୍ଯ୍ୟାନୁଷ୍ଠାନ କରିବାକୁ ପ୍ରଶାସନିକ ସ୍ତରରେ ଯୋଜନା ରହିଛି ବୋଲି ବକ୍ତବ୍ୟ ଦେଇଥିଲେ । ସେମିନାର କମିଟିର ଆବାହକ ଗତିକୃଷ୍ଣ ମିଶ୍ର ସ୍ୱାଗତ ସମ୍ଭାଷଣ ମାଧ୍ୟମରେ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଓ ପୃଷ୍ଠଭୂମି ଉପସ୍ଥାପନ କରିଥିବାବେଳେ, କମିଟି ସଦସ୍ୟ ଡ଼. ସୌରଭ ରଞ୍ଜନ ଖମାରୀ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମର ସମାପନ କରିଥିଲେ । ସାରଗର୍ଭିତ ଆଲୋଚନା, ମତବିନିମୟ ଓ ଚିନ୍ତନମୂଳକ ପ୍ରସ୍ତାବ ସହ ଏହି ଆଲୋଚନାଚକ୍ର ସୁବର୍ଣ୍ଣପୁର ରଙ୍ଗମଞ୍ଚର ଭବିଷ୍ୟତ ଦିଗନିର୍ଦ୍ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ପରିଗଣିତ ହୋଇଛି ।






# 'ଅନ୍ୱେଷଣ'ର ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ୍ ଓ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ସହଯୋଗରେ ଗୌତମ ବୁଦ୍ଧ ସଂସ୍କୃତି ଭବନ, ଯାଜପୁର ଠାରେ ଅନ୍ୱେଷଣ ଥିଏଟର ଗ୍ରୁପ୍ ସପ୍ତମ ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ ଯାଜପୁର ଲୋକକଳା ମହୋତ୍ସବ ଦ୍ୱିତୀୟ ଦିବସରେ ମହାସମାରୋହରେ ପାଳିତ ହୋଇଯାଇଛି, ଅନୁଷ୍ଠାନର କୋର୍ କମିଟିର ଅଧ୍ୟକ୍ଷ ସେକ୍ ଅବ୍ଦୁଲ୍ ସାଜିଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ଅର୍ଥମନ୍ତ୍ରୀ ଡ଼. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଉଦ୍‌ଘାଟକ ଭାବେ ଯୋଗଦେଇଥିବା ବେଳେ ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟ ଅତିଥି, ଯାଜପୁରର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ ମୁଖ୍ୟ ବକ୍ତା, ଦାନଗଦି ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀ ଅତିଥି, ବରିଷ୍ଠ ସାମ୍ବାଦିକ କୈଳାସ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ଅନ୍ୱେଷଣ ଥିଏଟର ଗ୍ରୁପ୍ ଏଭଳି ଏକ ନିଆରା ଢଙ୍ଗରେ ଯାଜପୁର ଲୋକକଳା ମହୋତ୍ସବ ମହୋତ୍ସବ ପାଳନ କରୁଥିବାରୁ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ । ସଭାପତି ବୃନ୍ଦାବନ ମିଶ୍ର ଅନୁଷ୍ଠାନ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ କୋର୍ କମିଟିର ସଦସ୍ୟ ସୂର୍ଯ୍ୟକାନ୍ତ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ ଅତିଥି ମାନଙ୍କୁ ଆମନ୍ତ୍ରଣ କରିଥିଲେ, କୋର୍ କମିଟିର ସଦସ୍ୟ ଭରତ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହିତ ସମ୍ପାଦକ ଅଭିମନ୍ୟୁ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସୁରଜ୍ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ । କଳା, ସାହିତ୍ୟ, ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ ଅବଦାନ ପାଇଁ ଅନୁଷ୍ଠାନ ପକ୍ଷରୁ ଅନ୍ୱେଷଣ ସମ୍ମାନ- ୨୦୨୬ ପ୍ରଦାନ କରାଯାଇଥିଲା । ବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ତା ସହିତ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଲୋକକଳା କଳାକାର ମାନଙ୍କ ଦ୍ୱାରା ବାଦ୍ୟ, ନୃତ୍ୟ ପରିବେଷଣ ହେବା ସହିତ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

# ପୁଷ୍ପ ପ୍ରଦର୍ଶନୀରେ ଜନଜାତି କଳା ପ୍ରଦର୍ଶନ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**




ଟାଟା ଷ୍ଟିଲ ଫାଉଣ୍ଡେସନ୍ ସହାୟତାରେ କଳିଙ୍ଗ ନଗରର 'ନବ ଜୀବନ କୋଅପରେଟିଭ୍ ଲିମିଟେଡ୍'ର ମହିଳା ଉଦ୍ୟୋଗୀ ମାନେ ଜାମସେଦପୁରର ଗୋପାଳ ମୈଦାନ ଠାରେ ଅନୁଷ୍ଠିତ ୩୫ତମ ବାର୍ଷିକ ପୁଷ୍ପ ପ୍ରଦର୍ଶନୀରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜନଜାତି ଐତିହ୍ୟ, ଦକ୍ଷତା ଏବଂ ଦୀର୍ଘସ୍ଥାୟୀ ଜୀବିକାକୁ ନେଇ ଗଠିତ ଏହି ମହିଳା ଉଦ୍ୟୋଗଗୁଡ଼ିକ ଚିତ୍ତାକର୍ଷକ ହୋଇଥିଲା । ନବଜୀବନର ଷ୍ଟଲ୍‌ରେ ପ୍ରଦର୍ଶିତ ହସ୍ତଶିଳ୍ପ ସାମଗ୍ରୀଗୁଡ଼ିକ ପର୍ଯ୍ୟଟକମାନଙ୍କୁ ବେଶ୍ ଆକୃଷ୍ଟ କରିଥିଲା, ଯାହା ପ୍ରମାଣିତ କରିଛି ଯେ ବର୍ତ୍ତମାନର ଗ୍ରାହକମାନେ ପ୍ରାମାଣିକ ଜନଜାତି କଳା ଏବଂ ନୈତିକ ଭାବେ ଉତ୍ପାଦିତ ବସ୍ତ୍ର ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି । ୨୦୧୨ ମସିହାରେ ପ୍ରାୟ ୧,୨୦୦ ପରିବାର, ମୁଖ୍ୟତଃ 'ହୋ' ସମ୍ପ୍ରଦାୟର ଥଇଥାନ ପରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନଟି ପ୍ରଥମେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଭାବେ ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ଏହା ଏକ ମହିଳା ସମବାୟ ସମିତିରେ ପରିଣତ ହୋଇଥିଲା ଏବଂ ୨୦୨୫ରେ ଏହା ଏକ ଟ୍ରଷ୍ଟ-ପରିଚାଳିତ ସଂଗଠନର ରୂପ ନେଇଛି । ବର୍ତ୍ତମାନ ଗୋବରଘାଟି, ତ୍ରିଜଙ୍ଗା ଏବଂ ସନସାଇଲୋ ଅଞ୍ଚଳର ପ୍ରାୟ ୮୫ ଜଣ ସକ୍ରିୟ ସଦସ୍ୟା ପୋଷାକ ନିର୍ମାଣ, ଜନଜାତି କଳା ଓ ହସ୍ତଶିଳ୍ପ ଏବଂ ଟସର ସିଲ୍କ ଉତ୍ପାଦନ ଭଳି ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇ ନିଜକୁ ସ୍ୱାବଲମ୍ବୀ କରିପାରିଛନ୍ତି । ଓଡ଼ିଶାର ପ୍ରାଚୀନ 'ସଉରା' ଚିତ୍ରକଳାର ପୁନରୁଦ୍ଧାର ଏହି ସଂଗଠନର ଏକ ପ୍ରମୁଖ ସଫଳତା । ତ୍ରିଜଙ୍ଗାର ନବଜୀବନ ସଭାପତି କୌଶଲ୍ୟା ପାତ୍ରଙ୍କ କହିବା ଅନୁଯାୟୀ, ପ୍ରଥମେ ସେମାନେ ସିଲେଇ କାମ ଆରମ୍ଭ କରିଥିଲେ ଏବଂ ସେଥିରୁ ହେଉଥିବା ସଞ୍ଚୟ ମାଧ୍ୟମରେ ସଉରା ଚିତ୍ରକଳାର ପ୍ରଶିକ୍ଷଣ ନେଇଥିଲେ । ଆଜି ସେମାନଙ୍କ ଦ୍ୱାରା ପ୍ରସ୍ତୁତ କଳାକୃତିର ବହୁତ ଚାହିଦା ରହିଛି ଏବଂ ସେମାନେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇ ନିଜ ପରିବାରକୁ ସାହାଯ୍ୟ କରିପାରୁଛନ୍ତି । ଏହା ସହିତ ନବଜୀବନର 'ଫାର୍ମ ଟୁ ଫ୍ୟାଶନ୍' ଅଭିଯାନ ଜି.ଆଇ ଟ୍ୟାଗ୍ ପ୍ରାପ୍ତ ସୁକିନ୍ଦା ଇକୋରେସ୍ ଟସର ସିଲ୍କକୁ ନେଇ ଏକ ଦୀର୍ଘସ୍ଥାୟୀ ମୂଲ୍ୟ ଶୃଙ୍ଖଳା ଗଠନ କରିଛି । ଯାଜପୁର ଏବଂ କେନ୍ଦୁଝର ଜିଲ୍ଲାର ୫୦୦ରୁ ଅଧିକ ଚାଷୀଙ୍କ ସହ ମିଶି ଏହି ସମବାୟ ସମିତି କୋଷାରୁ ସୂତା ପ୍ରସ୍ତୁତ କରିବା ସହ ସେଥିରେ ପ୍ରାକୃତିକ ରଙ୍ଗ ଦେଇ ଉଚ୍ଚମାନର ପୋଷାକ ଓ ଘର ସଜା ସାମଗ୍ରୀ ପ୍ରସ୍ତୁତ କରୁଛି । ଆର୍ଥିକ ବର୍ଷ ୨୦୨୪-୨୫ରେ ନବଜୀବନ ୨୪ ଲକ୍ଷ ଟଙ୍କାର କାରବାର କରିବା ସହ ଟସର ସିଲ୍କ ଏବଂ ଫଟୋ ଫ୍ରେମିଂ ଭଳି ନୂତନ ୟୁନିଟ୍ ମାନ ଖୋଲିଛି । ସଂଗଠନର ଦୁଇଜଣ କାରିଗରଙ୍କୁ ଯାଜପୁର ଜିଲ୍ଲା ଶିଳ୍ପ କେନ୍ଦ୍ର ଦ୍ୱାରା ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଛି ଏବଂ ଦୁଇଜଣଙ୍କୁ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ସଂଗଠନଟି ଓଡ଼ିଶା ସରକାରଙ୍କ ଏସ୍ଆଇଡିଏସି ସହ ମିଶି କାରିଗରମାନଙ୍କ ପ୍ରମାଣପତ୍ର ଏବଂ ସ୍ୱୀକୃତି ଦିଗରେ କାର୍ଯ୍ୟ କରୁଛି । ଆଗାମୀ ଦିନରେ ଓଡ଼ିଶାର ସମୃଦ୍ଧ ଜନଜାତି ଐତିହ୍ୟକୁ ବଞ୍ଚାଇ ରଖିବା ସହ ଅଧିକ ମହିଳାଙ୍କୁ ସମ୍ମାନଜନକ ଜୀବିକା ଯୋଗାଇବା ପାଇଁ ନବଜୀବନ ଏହାର ବଜାର ସଂଯୋଗକୁ ଆହୁରି ମଜ୍‌ବୁତ୍ କରିବାକୁ ଲକ୍ଷ୍ୟ ରଖିଛି ।

# ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଅଧିକ ପୁଞ୍ଜି ନିବେଶ ପାଇଁ ଗୁରୁତ୍ୱ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ଜିଲ୍ଲା ମତ୍ସ୍ୟ ବିଭାଗ ତରଫରୁ ମତ୍ସ୍ୟଚାଷର ବ୍ୟବସାୟୀ ବିକାଶ ନିମନ୍ତେ ଚାଷ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମଧ୍ୟରୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମତ୍ସ୍ୟ ଉଦ୍ୟୋଗଙ୍କୁ (ବିଟୁବି)ର ଅଧିକ ଉଚ୍ଚ ଆକାଂକ୍ଷା ହେବା ସଙ୍ଗେ ସଙ୍ଗେ ବ୍ୟବସାୟୀ କ୍ଷେତ୍ରରେ ଅଧିକ ପୁଞ୍ଜି ନିବେଶକରି ଅଗ୍ରଣୀ ଉଦ୍ୟୋଗ ହେବାର କ୍ଷମତା ଏହି ବ୍ୟବସାୟୀ ଭିତ୍ତିକ ଆଲୋଚନା ଚକ୍ରରେ ଆଲୋକପାତ କରାଯାଇଛି । ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବରଫକଳ, ଆକୁଆସପ୍ ବିତରକ ଓ ବାୟୋପ୍ଲଗରୁ ତିନିଜଣ ବିତରକ ଅଗ୍ରଣୀ ଚାଷୀମାନେ ତାଙ୍କର ଅଭିଜ୍ଞତା ସମ୍ପର୍କରେ ପ୍ରକାଶ କରିଥିଲେ । ଏହି ଆଲୋଚନାରେ ମୁଖ୍ୟମନ୍ତ୍ରୀ ଯୋଜନାକୁ ଅଧିକରୁ ଅଧିକ ମତ୍ସ୍ୟକ୍ଷେତ୍ର ମାଧ୍ୟମରେ ଅଧିକ ମତ୍ସ୍ୟ ଉଦ୍ୟୋଗୀ କରାଇବା ପାଇଁ ଆୟୋଜନ କରାଯାଇଥିଲା । କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକରୁ ଆସିଥିବା ମତ୍ସ୍ୟ ଉଦ୍ୟୋଗୀ ଆଲୋଚନାରେ ଅଂଶଗ୍ରହଣ କରି ନିଜର ସମସ୍ୟା ସମାଧାନ କରିଥିଲେ । ଆୟୋଜିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ୍, କୃଷି ନିର୍ବାହୀ ଅଧିକାରୀ ସିବକୁମାର ତ୍ରିପାଠୀ, ଅତିରିକ୍ତ ମତ୍ସ୍ୟ ଅଧିକାରୀ କୋକିଳା ମଞ୍ଜରୀ ନାୟକ, ଆଲୋକକୁମାର ନାଥ, ବରଫ ପ୍ଲାଣ୍ଟର ବିତରକ ଅମନ ପ୍ରସିଂ, ବାହ୍ୟ ପ୍ଲଗର ଜଗନ୍ନାଥ ଏଣ୍ଟର ପ୍ରାଇଜର୍ସ, ସଖୀଲତା ମହାନ୍ତି, ଶାରଦା ପ୍ରସନ୍ନ ଦାସ, ପ୍ରତାପ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ଦେଇଥିଲେ ।

# ବ୍ୟବହାର ନହୋଇ ଖାଲିପଡ଼ିଛି କର୍ମଜୀବୀ ମହିଳା ନିବାସ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

କର୍ମଜୀବୀ ମହିଳାମାନଙ୍କ ରହିବା ନିମନ୍ତେ କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ ଆଙ୍କୁଶପୁର ପଞ୍ଚାୟତର ୧୧ ଏକର ଜମିରେ ୪ କୋଟି ୨୯ ଲକ୍ଷ ଟଙ୍କା ବ୍ୟୟରେ ୨୦୨୩ରେ ୧୦୧ ଶଯ୍ୟା ବିଶିଷ୍ଟ ଏକ ହଷ୍ଟେଲ୍ ଇଡ୍‌କୋ ତରଫରୁ ନିର୍ମାଣ କରାଯାଇଥିଲା । ୨୦୨୪ରେ ନିର୍ମାଣ କାର୍ଯ୍ୟ ଶେଷ ହୋଇ ଏହାକୁ ନିର୍ଦ୍ଦିଷ୍ଟ ବିଭାଗକୁ ହସ୍ତାନ୍ତର କରାଯାଇଛି । କିନ୍ତୁ ବିଡ଼ମ୍ବନାର ବିଷୟ ଆଜି ପର୍ଯ୍ୟନ୍ତ ଏହି ବ୍ୟୟ ବହୁଳ କର୍ମଜୀବୀ ମହିଳା ନିବାସ ଅବ୍ୟବହୃତ ହୋଇ ପଡ଼ିରହିଛି । ପୂର୍ବରୁ ବ୍ରହ୍ମପୁର ଜିଲ୍ଲା ଜଜ୍ ବାସଭବନ ନିକଟରେ ୧୯୯୦ରେ କର୍ମଜୀବୀ ମହିଳାଙ୍କ ଲାଗି ସେତେବେଳର ବ୍ରହ୍ମପୁର ପୌରପାଳିକା ପକ୍ଷରୁ ୪୨ ଶଯ୍ୟା ବିଶିଷ୍ଟ ଏକ କର୍ମଜୀବୀ ମହିଳା ନିବାସ ନିର୍ମାଣ କରାଯାଇଥିଲା । ଯାହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ତେବେ ସରକାରୀ ଓ ବେସରକାରୀ ଅଫିସ୍ ସଂଖ୍ୟା ବୃଦ୍ଧି ସହ ମହିଳା କର୍ମଚାରୀଙ୍କ ବୃଦ୍ଧିକୁ ଦୃଷ୍ଟିରେ ରଖି ଆଙ୍କୁଶପୁର ପଞ୍ଚାୟତରେ ନୂତନ ରୂପେ କର୍ମଜୀବୀ ମହିଳା ନିବାସ ନିର୍ମାଣ କରାଯାଇଛି । କିନ୍ତୁ ଏହା ବ୍ରହ୍ମପୁର ସହର ଠାରୁ ପାଞ୍ଚ କିଲୋମିଟର ଦୂର ଓ ପାଣିର ଅଭାବ ଥିବାରୁ ସମ୍ପୃକ୍ତ ବିଭାଗ ପକ୍ଷରୁ ଦୁଇ ଦୁଇ ଥର ବିଭିନ୍ନ ଅଫିସ୍‌କୁ ବିଜ୍ଞାପନ ଦିଆଯାଇଥିଲେ ମଧ୍ୟ କୌଣସି ମହିଳା କର୍ମଚାରୀ ଆସିବାକୁ ଅମଙ୍ଗ ହେଉଛନ୍ତି । ତେଣୁ ୪ କୋଟି ୨୯ ଲକ୍ଷ ଟଙ୍କା ଖର୍ଚ୍ଚ ବିଶିଷ୍ଟ ଏହି ନିବାସ ଏବେ ଅଲୋଡ଼ା ହୋଇ ପଡ଼ିରହିଛି । ଏହା ଭିତରେ ଲାଗିଥିବା ଥଣ୍ଡା ପାଣି ଯୋଗାଇବା ମେସିନ୍ ସହ ପଙ୍ଖା ଓ ବହୁ ଆସବାବପତ୍ର ଅବ୍ୟବହୃତ ହୋଇ ପଡ଼ିରହିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ପ୍ରଶାସନିକ ଅବହେଳା ଓ ଠିକ୍ ସମନ୍ୱୟ ଅଭାବରୁ ଏହି ପ୍ରକଳ୍ପ ଲକ୍ଷ୍ୟରୁ ବଞ୍ଚିତ ହେଉଛି । ଯଦି ଶୀଘ୍ର ପଦକ୍ଷେପ ନନିଆଯାଏ ତେବେ କୋଟି କୋଟି ଟଙ୍କାରେ ନବନିର୍ମିତ ଏହି ମହିଳା ନିବାସ ଜରାଜିର୍ଣ୍ଣ ହୋଇଯିବାର ଆଶଙ୍କା ରହିଛି । ତେଣୁ ଯଥାଶୀଘ୍ର ଏହି କର୍ମଜୀବୀ ମହିଳା ନିବାସକୁ କାର୍ଯ୍ୟକ୍ଷମ କରାଯାଉ ଓ ମହିଳାମାନଙ୍କ ପାଇଁ ସୁରକ୍ଷିତ ରହିବା ବ୍ୟବସ୍ଥା ନିଶ୍ଚିତ କରାଯାଉ । ଅପରପକ୍ଷେ ବର୍ତ୍ତମାନ ସରକାରଙ୍କ ବିଜ୍ଞପ୍ତି ପ୍ରକାରେ ଆଙ୍କୁଶପୁର ପଞ୍ଚାୟତକୁ ବ୍ରହ୍ମପୁର ମହାନଗର ନିଗମ ସହ ମିଶ୍ରଣ କରାଯାଇଛି । ଫଳରେ ଏହା ବ୍ରହ୍ମପୁର ମହାନଗର ନିଗମ ପରିସରରେ ଆସୁଛି । ତେଣୁ ପୁଣି ବିଭିନ୍ନ ବିଭାଗକୁ ବିଜ୍ଞାପନ ମାଧ୍ୟମରେ ଡକାଯିବ ଓ ମହିଳାମାନେ ଯିବାଆସିବା କରିବା ନିମନ୍ତେ ସ୍ୱତନ୍ତ୍ର ବସ୍ ସହ ବିଭିନ୍ନ ସୁବିଧା ଯୋଗାଇଦିଆଯିବ । ଫଳରେ କର୍ମଜୀବୀ ମହିଳାମାନେ ରହିବାକୁ କୁଣ୍ଠାବୋଧ କରିବେନାହିଁ ଏବଂ ଏହି କର୍ମଜୀବୀ ମହିଳା ନିବାସକୁ ଅତିଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ କହିଛନ୍ତି ।

# ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସାଇବର ଠକେଇ:୧୨ ଗିରଫ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବଡ଼ ଧରଣର ସାଇବର ସିଣ୍ଡିକେଟ୍‌କୁ ଧରିଲା ପୋଲିସ ଓ ୭ ବର୍ଷରୁ ଅଧିକ ସମୟ ହେବ ଭୁବନେଶ୍ୱରରେ ଅଫିସ ଖୋଲି ଚଳାଇଥିଲେ ନେଟ୍‌ୱାର୍କ ଓ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସାଇବର ଠକେଇରେ ସମ୍ପୃକ୍ତ ଗ୍ୟାଙ୍ଗକୁ ମାଡି ବସିଲା ପୋଲିସ ଓ ସାଇବର ଠକେଇ ମାମଲାରେ ବିଭିନ୍ନ ରାଜ୍ୟର ୧୨ ଜଣଙ୍କୁ ଗିରଫ କଲା କମିଶନରେଟ୍ ପୋଲିସ ଓ ଓଡ଼ିଶାରେ ଚାଲୁଥିଲା ଅଫିସ ଉପରେ ରେଡ୍ ମାରିଲା ବଡଗଡ଼ ଥାନା । ବିପୁଳ ମାତ୍ରରେ ଫୋନ୍, ଲାପ୍‌ଟପ୍, କାଗଜ ପତ୍ର ଜବତ କରାଯାଇଛି । ଓଡ଼ିଶାର ଦେବାଶିଷ ତ୍ରିପାଠୀ ସମ୍ପୃକ୍ତ ଥିବା ବେଳେ ନିଜ ଘରେ କ୍ରିମିନାଲଙ୍କୁ ଆଶ୍ରୟ ଦେଇଥିଲା ଅଭିଯୁକ୍ତ ।

# ଆଧୁନିକ କୃଷି ଯନ୍ତ୍ରପାତି ସମ୍ପର୍କରେ ଚାଷୀମାନଙ୍କୁ ତଥ୍ୟ ପ୍ରଦାନ

**କଟକ, ନ୍ୟୁଜ୍ ବ୍ୟୁରୋ**



କଟକ ବାଲିଯାତ୍ରା ପଡିଆରେ ଉଦ୍ଘାଟିତ ହୋଇଥିବା କୃଷି ଯନ୍ତ୍ରପାତି ମେଳାର ଦ୍ୱିତୀୟ ଦିବସ କୃଷକମାନଙ୍କ ସକ୍ରିୟ ଭାଗୀଦାରୀରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ କୃଷି କର୍ମଶାଳାର ଆୟୋଜନ କରାଯାଇଥିଲା । କର୍ମଶାଳାରେ ଇଂ ପ୍ରଦୀପ ପାଇକରାୟ କ୍ଷେତ୍ର ପ୍ରସ୍ତୁତି ଠାରୁ ଆରମ୍ଭ କରି କୃଷି କାର୍ଯ୍ୟରେ ବ୍ୟବହୃତ ବିଭିନ୍ନ ଆଧୁନିକ ଯନ୍ତ୍ରପାତି ଉପରେ ଉପସ୍ଥିତ ଚାଷୀମାନଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଜିଲ୍ଲା କୃଷି ଅଧିକାରୀ, ବାଙ୍କୀ ଶୁଭଶ୍ରୀ ଜେନା ସରକାରଙ୍କ ବିଭିନ୍ନ ବହୁମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । କର୍ମଶାଳାରେ ଉପସ୍ଥିତ ଚାଷୀ ଓ ବିଭାଗୀୟ ଅଧିକାରୀ ମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଠାରେ ଏକ ଜିଲ୍ଲାସ୍ତରୀୟ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଫସଲ ବିବିଧିକରଣ ଯୋଜନା ମାଧ୍ୟମରେ ଆୟୋଜନ କରଯାଇଥିଲା ଯେଉଁଥିରେ ବଡମ୍ବା ଓ ନରସିଂହପୁର ଅଞ୍ଚଳରୁ ଆସିଥିବା ୭ଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାରେ ମାଣ୍ଡିଆ, ମୁଗ ଓ ମକାରେ ତିଆରି ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରି ମହିଳାମାନେ ପୁରସ୍କୃତ ହୋଇଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ୩୦୦ ଜଣ ଚାଷୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ରୋଜାଲିନ ସୁନ୍ଦରରାୟଙ୍କ ଦ୍ୱାରା ଓଡ଼ିଶୀ ଓ ଆଞ୍ଚଳିକ ନୃତ୍ୟ ପରିବେଷଣ କରାଯିବା ସହ ବଦ୍ରିନାରାୟଣ ମିଶ୍ରଙ୍କ ଦ୍ୱାରା ପ୍ରଦର୍ଶିତ ମ୍ୟାଜିକ୍ ଶୋ ଦର୍ଶକଙ୍କ ମନ ମୋହିଥିଲା । ଏହି ଅବସରରେ ଜିଲ୍ଲା କୃଷିଅଧିକାରୀ ଡ. ରୋଜାଲିନ୍ ନାୟକ, କୃଷି ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଶାନ୍ତ କୁମାର ଜେନା ଉପସ୍ଥିତ ରହି କୃଷକମାନଙ୍କ ମଧ୍ୟରେ ଆଧୁନିକ କୃଷି ଯନ୍ତ୍ରପାତି ପ୍ରତି ଉତ୍ସାହ ବଢାଇଥିଲେ ।

# 'ମନରେଗା'ର ନାମ ପରିବର୍ତ୍ତନକୁ କଂଗ୍ରେସର ବିରୋଧ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**




ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ସର୍କିଟ୍ ହାଉସ୍ ଠାରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସରକାର ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଉଚ୍ଛେଦ କରିବା ଏବଂ ତାକୁ ବିକୃତ କରି ଶ୍ରମିକ ଅଧିକାର ଛଡାଇ ନେବା, ଟାଟା ପାୱାରର ମନମାନୀ ଏବଂ ଉପଭୋକ୍ତା ମାନଙ୍କୁ ଶୋଷଣ କରିବା ଓ ଧାନ ସଂଗ୍ରହ ମଣ୍ଡି ଗୁଡିକରେ ରହୁଥିବା କଟନି ଛଟନି ସମସ୍ୟାକୁ ନେଇ ଆଗାମୀ ଦିନରେ କଂଗ୍ରେସ ଦଳ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛି । ଆଗାମୀ ଦିନରେ କଂଗ୍ରେସ ଦଳ ସାଧାରଣ ଜନତାଙ୍କ ଏହି ସମସ୍ୟା ଗୁଡିକୁ ନେଇ ଗାଁରୁ ବିଧାନସଭା ପର୍ଯ୍ୟନ୍ତ ଆନ୍ଦୋଳନ କରିବ । ଆସନ୍ତାକାଲି କେନ୍ଦ୍ର ସରକାର ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଉଚ୍ଛେଦ କରିବା ବିରୋଧ କରି ଗାନ୍ଧୀଛକ ଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଦଳୀୟ ନେତା , କର୍ମୀ ଓ ଜବ୍‌କାର୍ଡ ଧାରୀଙ୍କୁ ନେଇ ଉପବାସ ପାଳନ ପୂର୍ବକ ପ୍ରତୀକାତ୍ମକ ପ୍ରତିବାଦ କରାଯିବ ସହ ଜିଲ୍ଲାର ସମସ୍ତ ପଞ୍ଚାୟତରେ ଜନସମ୍ପର୍କ ଯାତ୍ରା ଏବଂ ବିଧାନସଭା ସ୍ତରୀୟ ସଭା ଏବଂ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା, ବିଧାନସଭା ଘେରାଉ କରାଯିବର କାର୍ଯ୍ୟକ୍ରମ ରହିଛି ଏଥିସହ ଟାଟା ପାୱାର ଓ ସରକାର ବିରୁଦ୍ଧରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚା କପ୍ ଗପ ସପ କାର୍ଯ୍ୟକ୍ରମ ମାଧ୍ୟମରେ ଟାଟା ପାୱାର ଓ ସରକାର ମିଳିତ ଭାବେ କିପରି ସାଧାରଣ ଜନତାଙ୍କୁ ଲୁଟ୍ କରୁଛନ୍ତି ସେ ସମ୍ବନ୍ଧରେ ଜନ ସଚେତନତା ସୃଷ୍ଟି କରିବାର କାର୍ଯ୍ୟକ୍ରମ ରହିଛି । ଉପରୋକ୍ତ କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ଭାବେ ପର୍ଯ୍ୟବେକ୍ଷକ ହୋଇ ଆସିଥିଲେ ଓପିସିସି ଏସି ସେଲ୍ ସଭାପତି ମାନସ ମଲ୍ଲିକ୍, ଏସି ସେଲ୍ ପ୍ରଭାରୀ ଜେ ଗୌତମ, ରାଜକିଶୋର ନାୟକ, ପୂର୍ବତନ ଜଗତସିଂହପୁର ମ୍ୟୁନିସିପାଲିଟି ସଭାପତି ପ୍ରଶାନ୍ତ ମହାପାତ୍ର, ଆଇନଜୀବୀ ଦିପକ କୁମାର ପଶାୟତ, ମହମ୍ମଦ ଅବଦୁଲ ୱାହିଦ, ପ୍ରିୟବ୍ରତ ମିଶ୍ର, ଆର୍ତ୍ତତ୍ରାଣ ପଣ୍ଡା, ଲକ୍ଷ୍ମୀଧର ମଲ୍ଲିକ, ବୃନ୍ଦାବନ ପ୍ରଧାନ, ଶ୍ରୀମୟୀ ସରସ୍ୱତୀ ସାହୁ, ସୁଚିସ୍ମିତା ପଣ୍ଡା, ଉମେଶ ସ୍ୱାଇଁ, ଦୋଳ ଗୋବିନ୍ଦ ପଟ୍ଟନାୟକ, ହିଫଜୁର ରେହେମାନ, ଅଶ୍ୱିନୀ ସ୍ୱାଇଁ, ନିହାର ଦାସ, ସଫି ଆଜମ୍, ମହମ୍ମଦ ଇସମାଇଲ, ପ୍ରଦୀପ୍ତ ଦାସ, ସାରଦା ଜେନା, ଅସିମ ରାଉତ, ଅମ୍ରିତ ପଶାୟତ, ଆଲୋକ ସାହୁ, ରିଙ୍କୁ ପାଳ, ଗଗନ ବିହାରୀ ସାହୁ, ଶୁଭାଶିଷ ସ୍ୱାଇଁ, ପ୍ରତ୍ୟୁଷ ନାୟକ, ଅଭିନନ୍ଦନ ସେଠୀ, ସାଇ ପ୍ରଭଞ୍ଜନ ମହାପାତ୍ର, ବିଶ୍ୱଜିତ ସାହୁ ପ୍ରମୁଖ ଯୋଗଦେଇଥିଲେ ।





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପୋଲାଭରମ ପ୍ରକଳ୍ପ ...

ଜଳଭଣ୍ଡାରରୁ ମରୁଡ଼ିଗ୍ରସ୍ତ ରାୟଲସୀମାର ବାନାକାଚେର୍ଲା ଅଞ୍ଚଳକୁ ପ୍ରଦାନ କରିବା ପ୍ରସ୍ତାବକୁ ନେଇ କେନ୍ଦ୍ରିତ ହୋଇଛି। ତେଲଙ୍ଗାନା ଆନ୍ଧ୍ର ପ୍ରଦେଶ ସରକାରଙ୍କ ପ୍ରସ୍ତାବକୁ ଲଗାତାର ବିରୋଧ କରିଆସୁଛି।

## ପିଏସ୍‌ଏଲଭି...

କରିଥିବାବେଳେ ଉତକ୍ଷେପଣ ପରେ ଏହା ଉପଗ୍ରହଠାରୁ ନିୟନ୍ତ୍ରଣ ହରାଇଛି। ଫଳରେ ପିଏସ୍‌ଏଲଭି-ସି୬୨ରେ ଥିବା ୧୬ ଟି ଉପଗ୍ରହ ସନ୍-ସିଙ୍କ୍ରୋନସ୍ ପୋଲର ଅର୍ବିଟରେ ମୁତୟନ ହୋଇପାରିନାହିଁ। ତୃତୀୟ ପର୍ଯ୍ୟାୟ ଇଗ୍ନିସନ୍ ପରେ କୌଣସି ଟେଲିମେଟ୍ରି ଅପଡେଟ୍ ବିନା, ଗତବର୍ଷର ପିଏସଏଲଭି-ସି୬୧ ବିପର୍ଯ୍ୟୟ ପରି କକ୍ଷପଥ ପ୍ରବେଶ ବିଫଳ ରହିଥିବା ଜଣାପଡ଼ିଛି।

ପିଏସ୍‌ଏଲଭି-ସି୬୨ ସତୀଶ ଧାୱନ ମହାକାଶ କେନ୍ଦ୍ରର ପ୍ରଥମ ଲଞ୍ଚ ପ୍ୟାଡ୍‌ରୁ ରକେଟ୍ ଉଡ଼ାଣ କରିଥିଲା, ଯେଉଁଥିରେ ଇଓଏସ୍-ଏନ୍‌୧ (ଅନ୍ୱେଶା) ପୃଥିବୀ ଓ ସାମୁଦ୍ରିକ ପର୍ଯ୍ୟବେକ୍ଷଣ ଉପଗ୍ରହ ସହିତ ୧୫ଟି ଅନ୍ୟ ଉପଗ୍ରହ ରହିଥିଲା। ଲଞ୍ଚ ପ୍ରୟାସର କିଛି ଘଣ୍ଟା ପରେ ଇସ୍ରୋ ସୂଚିତ କରିଥିଲା ଯେ ମିଶନର ଫଳାଫଳ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ପୋଲାର ସାଟେଲାଇଟ୍ ଲଞ୍ଚ ଭେହିକଲ (ପିଏସ୍‌ଏଲଭି)ର ଏହା ୬୪ତମ ଉଡ଼ାଣ ଥିଲା। ଅନ୍ୱେଶା ବ୍ୟତୀତ ୧୫ଟି ଅନ୍ୟ ଉପଗ୍ରହ ମଧ୍ୟରେ ଭାରତୀୟ ଷ୍ଟାର୍ଟଅପ୍ , ବିଶ୍ୱବିଦ୍ୟାଳୟ ଓ ସ୍ପେନର କେଷ୍ଟ୍ରେଲ ଇନିସିଆଲ ଡେମୋନଷ୍ଟ୍ରେଟର ପରି ଅନ୍ୟ ଆର୍ନ୍ତଜାତିକ ସହଯୋଗୀଙ୍କ ରକେଟ ରହିଥିଲା।

## ଓଡ଼ିଶାର ବିକାଶ...

କରିଛନ୍ତି। ତେବେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେବା ପାଇଁ ବିଜେଡିର ପୁରୀ ବିଧାୟକ ସୁନୀଲ ମହାନ୍ତି ଏବଂ ଧର୍ମଶାଳା ବିଧାୟକ ତଥା ବିଜେପି ନେତା ହିଂମାଂଶୁ ଶେଖର ସାହୁଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେମାନେ କିନ୍ତୁ କାର୍ଯ୍ୟକ୍ରମରେ ଯୋଗଦେଇ ନଥିଲେ। ମାତ୍ର କଟକ-ବାରବାଟୀର କଂଗ୍ରେସ ବିଧାୟିକା ତଥା ମହମ୍ମଦ ମୋକିମ୍‌ଙ୍କୁ କନ୍ୟା ସୋଫିଆ ଫିର୍ଦ୍ଦୋସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୋକିମ୍ କହିଛନ୍ତି, ଓଡ଼ିଶାର ବିକାଶ ପାଇଁ ଯୁବଗୋଷ୍ଠୀର ଆବଶ୍ୟକତା ରହିଛି । ଆଗାମୀ ମାର୍ଚ୍ଚ ମାସରେ ନୂଆ ଦଳ ଗଠନ ହେବ । ରାଜନୀତି ହେଉଛି ଶ୍ରେଷ୍ଠ ନୀତି । ତେଣୁ ରାଜ୍ୟର ବିକାଶ ପାଇଁ ଯୁବକ ମାନଙ୍କ ଆବଶ୍ୟକତା ଥିବାରୁ ଆଗାମୀ ଦିନରେ ନୂଆ ଦଳର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି ।

## ଦରମରା କଲାଣି ...

ନେଇଥିବା ୬୦ ପ୍ରତିଶତ ଯୁବକଯୁବତୀ କହିଥିଲେ ଯେ ନିଜ ଦକ୍ଷତା ବଢ଼ାଇବା ଲାଗି ସେମାନେ ନିୟମିତ ଭାବେ ଏଆଇ ଟୁଲ୍ ବ୍ୟବହାର କରୁଛନ୍ତି। ୬୬ ପ୍ରତିଶତ କହିଥିଲେ ଯେ ଏଆଇ ପ୍ରଭାବରେ ଆସନ୍ତା ତିନି ବର୍ଷ ମଧ୍ୟରେ ନୂଆ ଚାକିରି ସୃଷ୍ଟି କମିଯିବ। ୫୭ ପ୍ରତିଶତ ଯୁବକଯୁବତୀ ଗୁଣାତ୍ମକ ନିଯୁକ୍ତି ସୃଷ୍ଟି ଓ ଉଦ୍ୟମିତା ସୁଯୋଗରେ ସମାନତା ଆଣିବାକୁ କହିଥିଲେ।

ପ୍ରତି ୧୦ରୁ ୯ ଜଣ ଉତ୍ତର ଦେଇଥିଲେ ଯେ ଆଗାମୀ ଦିନରେ ଦ୍ରୁତ ଗତିରେ ରୂପାନ୍ତରଣ ଆଣିବାକୁ ଯାଉଥିବା ପ୍ରଯୁକ୍ତି ହେଉଛି ଏଆଇ। ୫୭ ପ୍ରତିଶତ ଯୁବକଯୁବତୀ ଅର୍ଥପୂର୍ଣ୍ଣ ନିଯୁକ୍ତି ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ନିଯୁକ୍ତି ଭଳି ସୁଲଭ ଓ ଗୁଣାତ୍ମକ ଶିକ୍ଷାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା, ସୁଲଭ ବାସଗୃହ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଯୁବପିଢ଼ିଙ୍କ ଅଂଶଗ୍ରହଣ ବଢ଼ାଇବାକୁ ସେମାନେ ପରାମର୍ଶ ଦେଇଛନ୍ତି। ସର୍ବେକ୍ଷଣରେ ଭାଗ ନେଇଥିବା ୬୧ ପ୍ରତିଶତ ଯୁବକଯୁବତୀ ଜଳବାୟୁ ପରିବର୍ତ୍ତନ ଓ ପରିବେଶରେ ହେଉଥିବା ଅବନତିକୁ ବିଶ୍ୱର ପ୍ରମୁଖ ସମସ୍ୟା ଭାବେ ଅଭିହିତ କରିଥିଲେ। ୪୪ ପ୍ରତିଶତ ଯୁବକଯୁବତୀ ସାମରିକ ସଂଘର୍ଷ ଓ ୨୯ ପ୍ରତିଶତ ପ୍ରଶାସନିକ ବିଫଳତାକୁ ଅନ୍ୟତମ ସମସ୍ୟା ବୋଲି କହିଛନ୍ତି।

## ମହିଳାଙ୍କୁ ଗାଡି ଚାବି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

# ମହିଳାଙ୍କୁ ଆତ୍ମନିର୍ଭର କରିବା ପାଇଁ ଆରମ୍ଭ ହେବ ନୂଆ ଯୋଜନା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୋମବାର ମୁଖ୍ୟମନ୍ତ୍ରୀ ପୂର୍ତ୍ତ ବିଭାଗର ୬,୭୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ସମୁଦାୟ ୭୧ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥି ମଧ୍ୟରୁ ପ୍ରାୟ ୫,୬୩୦ କୋଟି ଟଙ୍କା ବିନିଯୋଗରେ ୩୯ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଥିବା ବେଳେ, ପ୍ରାୟ ୧,୦୭୦ କୋଟି ଟଙ୍କା ବିନିଯୋଗରେ ୩୨ଟି ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫ ଜଣ ମହିଳା ଗାଡି ଚାଳକମାନଙ୍କୁ ଗାଡି ଚାବି ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟ ଯେ ଆମ ସୁବାହକ ଯୋଜନା ଅଧୀନରେ ସରକାରୀ ଗ୍ୟାରେଣ୍ଟିରେ କାର୍ କିଣିବା ପାଇଁ ଋଣ ପ୍ରଦାନ କରାଯାଉଛି। ଦୀପାବଳି ପୂର୍ବରୁ ଏହି ଯୋଜନା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଥିଲେ। ମହିଳାଙ୍କୁ ଆତ୍ମନିର୍ଭର କରିବା ପାଇଁ ଆରମ୍ଭ ହେବ ନୂଆ ଯୋଜନା । ଯାହାର ନାଁ ରହିବ ଆତ୍ମନିର୍ଭର ମହିଳା ସୁବାହକ ବା ଆମ ସୁବାହକ ଯୋଜନା। ଏହି ଯୋଜନା ଅଧୀନରେ ରାଜ୍ୟର ମହିଳାଙ୍କୁ କାର୍ କିଣାଇ ଦେବେ ସରକାର । ଋଣ କରି କାର୍ କିଣିବେ ମହିଳା । ଆଉ ସବୁ ସୁଧ ସୁଝିବେ ରାଜ୍ୟ ସରକାର । ମହିଳାଙ୍କୁ ଆହୁରି ଆତ୍ମନିର୍ଭରଶୀଳ କରିବା ପାଇଁ ସରକାର ଏଭଳି ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି । ଯେଉଁମାନେ ବି ଋଣ କରି କାର୍ କିଣିବାକୁ ଚାହିଁବେ ସେମାନଙ୍କୁ କାର୍ କିଣାଇ ଦେବେ ରାଜ୍ୟ ସରକାର। ପ୍ରତ୍ୟେକ ମହିଳାଙ୍କୁ ୧୦ ଲକ୍ଷ ଟଙ୍କା ଯାଏଁ ଋଣ ଯୋଗାଇ ଦିଆଯିବ । ଆଉ ଯେଉଁ ମହିଳାମାନେ କାର୍ କିଣିବାକୁ ଋଣ ନେବେ ତାହାକୁ ୫ ବର୍ଷ ମଧ୍ୟରେ ସୁଝିପାରିବେ। ମହିଳାମାନେ ଲୋନ୍ କରି କାର୍‌ତ କିଣିବେ ସତ କିନ୍ତୁ ସବୁ ସୁଧ ସୁଝିବେ ସରକାର। ପ୍ରତ୍ୟେକ ମହିଳାଙ୍କୁ ମିଳିବ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ମୁକ୍ତ ଋଣ । ୪ ବର୍ଷରେ ୧୧୦୦ ମହିଳାଙ୍କୁ କାର୍ କିଣି ଟ୍ୟାକ୍ସି ଭାବେ ବ୍ୟବହାର କରିବାକୁ ଋଣ ଯୋଗାଇ ଦେବେ ସରକାର । ଯାହା ଫଳରେ ମହିଳାଙ୍କୁ ଆଉ ସୁଧ ବାବଦକୁ ଟେନସନ ନେବାକୁ ପଡିବନି । ବ୍ୟାଙ୍କରୁ ପ୍ରତି ମହିଳାଙ୍କୁ ୧୦ ଲକ୍ଷ ଟଙ୍କା ଯାଏଁ ଋଣ ଯୋଗାଇ ଦିଆଯିବ । ଋଣର କିସ୍ତି ମହିଳାମାନେ ୫ ବର୍ଷରେ ସୁଝିବେ ଏବଂ ରାଜ୍ୟ ସରକାର ବାର୍ଷିକ ୧୧% ହାରରେ ସୁଧ ସୁଝିବେ ।

# ପଣ୍ୟ ପରିବହନ କ୍ଷେତ୍ରରେ ପୂର୍ବତଟ ରେଳପଥର ଉଲ୍ଲେଖନୀୟ ସଫଳତା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷରେ ପଣ୍ୟ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ରେକର୍ଡ କରିଛି, ଯାହା ପ୍ରମୁଖ ସାମଗ୍ରୀ ଗୁଡ଼ିକରେ ନିରନ୍ତର ଚାହିଦା ଏବଂ ଉନ୍ନତ ଲଜିଷ୍ଟିକ୍ସ ଦକ୍ଷତାକୁ ପ୍ରତିଫଳିତ କରୁଛି । ଡିସେମ୍ବର ମାସ ପର୍ଯ୍ୟନ୍ତ ଅବଧି ମଧ୍ୟରେ, ପୂର୍ବତଟ ରେଳପଥ ୨୦୯.୯୭ ନିୟୁତ ଟନ୍ ମୋଟ ମାଲ ପରିବହନ ହାସଲ କରିଛି, ଯାହା ଗତ ବର୍ଷର ସମାନ ସମୟ ତୁଳନାରେ ୧୧% ଅଭିବୃଦ୍ଧି ପଞ୍ଜିକରଣ କରିଛି। ଏହି ପ୍ରଦର୍ଶନ ନିର୍ଦ୍ଧାରିତ ଲକ୍ଷ୍ୟ ତୁଳନାରେ ୪ ପ୍ରତିଶତ ଅଭିବୃଦ୍ଧିକୁ ମଧ୍ୟ ଦର୍ଶାଉଛି, ଯାହା ଏହି ଜୋନର ନିରନ୍ତର କାର୍ଯ୍ୟ ଦକ୍ଷତାକୁ ଦର୍ଶାଉଛି । ପୂର୍ବତଟ ରେଳପଥ ଦ୍ୱାରା ପଣ୍ୟ ବୋଝେଇ କରାଯାଇଥିବା ପ୍ରମୁଖ ଦ୍ରବ୍ୟ ଗୁଡିକ ହେଲା:- ଫର୍ଟିଲାଇଜର ପରିବହନରେ ୪୦% ବୃଦ୍ଧି ଘଟିଥିବା ବେଳେ ଉତ୍ପାଦ ଇସ୍ପାତରେ ୩୧% ବୃଦ୍ଧି ଘଟିଛି। ସେହିଭଳି ଲୁହାପଥର ପରିବହନରେ ୨୦% ବୃଦ୍ଧି ପାଇଛି, ତତସହିତ ଖାଦ୍ୟ ଶସ୍ୟ ପରିବହନରେ ୧୬% ବୃଦ୍ଧି ରେକର୍ଡ କରାଯାଇଛି, ଯାହା କୃଷି ଏବଂ ମୁଖ୍ୟ ଶିଳ୍ପଗୁଡ଼ିକୁ ସମର୍ଥନ କରିବାରେ ରେଳବାଇର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ପଷ୍ଟ କରୁଛି । ପରିବହନ ହୋଉଥିବା ପ୍ରମୁଖ ସାମଗ୍ରୀ ମଧ୍ୟରେ କୋଇଲା ସ୍ଥିର ପ୍ରଦର୍ଶନ ବଜାୟ ରଖି ବିଦ୍ୟୁତ୍ ଏବଂ ଶିଳ୍ପ କ୍ଷେତ୍ରକୁ ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରୁଛି। ଏହି ଉଲ୍ଲେଖନୀୟ ସଫଳତା ହାସଲ କରିବାରେ ଅନେକ ପ୍ରମୁଖ ପଦକ୍ଷେପ ବା ପ୍ରମୁଖ ଭୂମିକା ଗ୍ରହଣ କରାଯାଇଅଛି ଯାହାକୁ ନିମ୍ନରେ ପ୍ରଦତ୍ତ କରାଯାଇଅଛି । ନୂତନ ରେଳ ଲାଇନର ନିର୍ମାଣ ଏବଂ କାର୍ଯ୍ୟକ୍ଷମ ସହ ଦୋହରୀକରଣ ଏବଂ ତୃତୀୟ ଓ ଚତୁର୍ଥ ରେଳ ଲାଇନ ପ୍ରକଳ୍ପର କାର୍ଯ୍ୟକାରିତା ଯାହା ସମଗ୍ର ଅଞ୍ଚଳରେ ସଂଯୋଗକୁ ବୃଦ୍ଧି କରିଅଛି । ବିସ୍ତାରିତ ରେଳ ଭିତ୍ତିଭୂମି ମାଧ୍ୟମରେ ଖଣିଜ ବେଲ୍ଟ ଏବଂ ବନ୍ଦର ସହିତ ଶିଳ୍ପଗୁଡିକୁ ସଂଯୋଗ କରିବା ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ମାଲ ପରିବହନ ହବ୍ ଭାବରେ ରେଳପଥର ସ୍ଥିତିକୁ ଦୃଢ଼ୀଭୁତ କରିବା । ବିଭିନ୍ନ ସରକାରୀ ଏଜେନ୍ସି ଏବଂ ଶିଳ୍ପଗୁଡିକ ସହିତ ସାମଗ୍ରୀ ପରିବହନର ସମୟାନୁବର୍ତ୍ତୀ ଏବଂ ଦକ୍ଷତାର ସହିତ ଟ୍ରେନ ଚଳାଚଳ ସୁନିଶ୍ଚିତ କରିବା ପାଇଁ ନିରନ୍ତର ସହଯୋଗ ଏବଂ ଯୋଜନା । ଏହି ସଫଳତା ସହିତ, ପୂର୍ବତଟ ରେଳପଥ ପଣ୍ୟ ବୋଝେଇ ଓ ପରିବହନରେ କ୍ରମାଗତ ଭାବେ ବୃଦ୍ଧି କରିବାରେ ଲାଗିଛି ଯାହାକି କାର୍ଯ୍ୟକ୍ଷମ ଉତ୍କର୍ଷତା ପାଇଁ ନୂତନ ମାନଦଣ୍ଡ ସ୍ଥିର କରି ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେଉଛି । ଏହାର ସାମର୍ଥ୍ୟ ବୃଦ୍ଧି ଏବଂ ଭବିଷ୍ୟତ ପାଇଁ ନିରନ୍ତର ଏବଂ ଦକ୍ଷ ପରିବହନ ସମାଧାନ ପ୍ରଦାନ କରିବାକୁ ପୂର୍ବତଟ ରେଳପଥ ପ୍ରତିବଦ୍ଧ ଅଟେ ।

# ଇପିଏଫ୍‌ଓ, ଇଏସ୍‌ଆଇ ବେତନ ସୀମା ୩୦ହଜାର ହେବ !

**ନୂଆଦିଲ୍ଲୀ :**

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ଓ କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ଲାଗି ମାସିକ ବେତନ ସୀମାକୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ବଢ଼ାଇବା ଉପରେ କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ଗମ୍ଭୀରତାର ସହ ବିଚାର କରୁଛନ୍ତି । ବେତନ ସୀମା ବଢ଼ାଇବାକୁ ବହୁଦିନରୁ ଶ୍ରମିକ ସଂଗଠନଗୁଡ଼ିକ ଦାବି କରିଆସୁଥିଲେ। ନିକଟରେ ସୁପ୍ରିମକୋର୍ଟ ମଧ୍ୟ ଏହି ମାମଲାର ହସ୍ତକ୍ଷେପ କରି ସରକାରଙ୍କୁ ପ୍ରସ୍ତାବ ଉପରେ ବିଚାର କରିବାକୁ କହିଥିଲେ।ସଂପ୍ରତି ଇପିଏଫ୍‌ଓର ମାସିକ ବେତନ ସୀମା ୧୫ ହଜାର ଟଙ୍କା ଓ ଇଏସ୍‌ଆଇସି ପାଇଁ ୨୧ ହଜାର ଟଙ୍କା ରହିଛି। ଉଭୟ ସଂସ୍ଥା ପାଇଁ ଏହି ସୀମାକୁ ବଢ଼ାଇ ୨୫ହଜାର ଟଙ୍କା କିମ୍ବା ୩୦ହଜାର ଟଙ୍କା କରିବା ଉପରେ ସରକାର ବିଚାର କରୁଛନ୍ତି। ସର୍ବନିମ୍ନ ମଜୁରିରେ ହୋଇଥିବା ବୃଦ୍ଧି, ମୁଦ୍ରାସ୍ଫୀତିର ପ୍ରଭାବ ପାଇଁ ବେତନ ସୀମା ସଂଶୋଧନ ଜରୁରୀ ହୋଇପଡ଼ିଛି। ଏହା ଘଟିଲେ ବହୁବର୍ଷ ଧରି ପୂର୍ଣ୍ଣ ସାମାଜିକ ସୁରକ୍ଷା ପାଇବାରୁ ବଞ୍ଚିତ ଥିବା ଘରୋଇ କ୍ଷେତ୍ରର କୋଟି କୋଟି କର୍ମଚାରୀ ଉପକୃତ ହେବେ। ଇପିଏଫ୍‌ଓରେ ବର୍ତ୍ତମାନ ୮.୫ କୋଟି ସଦସ୍ୟ ଥିବା ବେଳେ ଇଏସ୍‌ଆଇସିରେ ବୀମାଭୁକ୍ତ ଥିବା କର୍ମଚାରୀ ସଂଖ୍ୟା ୩.୨୫ କୋଟି ରହିଛି। ଇଏସ୍‌ଆଇସିରେ ପରିବାର ସଦସ୍ୟଙ୍କୁ ମଧ୍ୟ ବୀମାଭୁକ୍ତ କରାଯାଇଛି। ତେଣୁ ଏହି ସଂସ୍ଥାର ମୋଟ୍ ବୀମାଭୁକ୍ତ ହିତାଧିକାରୀ ସଂଖ୍ୟା ୧୪ କୋଟିରୁ ଅଧିକ ରହିଛି। ଏଠାରେ ବେତନ ସୀମା ତାହାକୁ ବୁଝାଉଛି ଯାହା ଉପରେ ସଦସ୍ୟଙ୍କ ମାସିକ ବେତନରୁ ଯୋଗଦାନ ରାଶି ସଂଗ୍ରହ କରାଯାଉଛି। ଜଣେ କର୍ମଚାରୀଙ୍କ ବେତନ ଯେତେ ହୋଇଥାଉ ନା କାହିଁକି, ଇପିଏଫ୍ ଯୋଗଦାନ ରାଶି କଟିବା ବେଳେ ତାଙ୍କ ବେତନକୁ ଏବେ ମାସିକ ୧୫ ହଜାର ଟଙ୍କା ହିଁ ବିଚାର କରାଯାଉଛି। ସେହି ସୀମା ୩୦ ହଜାର ହେଲେ ତାଙ୍କ ବେତନରୁ ଦୁଇଗୁଣା ଅଧିକ ରାଶି କଟିବ। ଫଳରେ ତାଙ୍କ ଅବସରକାଳୀନ ପାଣ୍ଠିରେ ବଡ଼ ଧରଣର ବୃଦ୍ଧି ହୋଇପାରିବ। କିନ୍ତୁ ତାହାର ବିପରୀତ ଦିଗଟି ହେଉଛି ଲୋକଙ୍କ ହାତକୁ ପ୍ରତି ମାସରେ ଆସୁଥିବା ବେତନ ପରିମାଣ କମିଯିବ। ଶେଷ ଥର ପାଇଁ ୨୦୧୪ରେ ଇପିଏଫ୍‌ଓ ସଦସ୍ୟଙ୍କ ବେତନ ସୀମାକୁ ସଂଶୋଧନ କରାଯାଇଥିଲା। ସଂପ୍ରତି ଉଭୟ ବେତନଭୋଗୀ ଓ ନିଯୁକ୍ତିଦାତାଙ୍କ ତରଫରୁ କର୍ମଚାରୀଙ୍କ ମାସିକ ମୂଳ ବେତନ ଓ ମହଙ୍ଗା ଭତ୍ତାର ୧୨ ପ୍ରତିଶତକୁ ଯୋଗଦାନ ରାଶି ଭାବେ ଖାତାରେ ଜମା କରାଯାଉଛି। କର୍ମଚାରୀଙ୍କ ଯୋଗଦାନ ରାଶିର ୮.୩୩ ପ୍ରତିଶତକୁ କର୍ମଚାରୀ ପେନସନ୍ ସ୍କିମ୍ ଖାତାରେ ଜମା କରାଯାଉଥିବା ବେଳେ ଅବଶିଷ୍ଟ ୩.୬୭ ପ୍ରତିଶତ ରାଶିକୁ ଭବିଷ୍ୟନିଧି ପାଣ୍ଠି ଖାତାରେ ଜମା କରାଯାଉଛି। ମଜୁରି ଓ ମୁଦ୍ରାସ୍ଫୀତିରେ ଉଲ୍ଲେଖନୀୟ ବୃଦ୍ଧି ହୋଇଥିବାରୁ ସର୍ବନିମ୍ନ ବେତନ ସୀମାକୁ ବଢ଼ାଇବା ଲାଗି ୪ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ପ୍ରଚଳନରେ ଥିବା ଧାରା ମୁଦ୍ରାସ୍ଫୀତି, ବାସ୍ତବ ମଜୁରୀ, ମୁଣ୍ଡପିଛା ଆୟରେ ବୃଦ୍ଧି ଓ ଅର୍ଥନୈତିକ ବାସ୍ତବତା ବିଚାରକୁ ନେଉଥିବା ଜଣେ ଆବେଦନକାରୀ କୋର୍ଟଙ୍କୁ କହିଥିଲେ। ସଂସଦୀୟ କମିଟି ରିପୋର୍ଟ ଓ ବିଶେଷଜ୍ଞଙ୍କ ମତାମତ ଆଧାରରେ ନିଷ୍ପତ୍ତି ନିଆଯାଉଥିବା ସେ କୋର୍ଟଙ୍କୁ କହିଥିଲେ। ଇଏସ୍‌ଆଇସି ପକ୍ଷରୁ ୨୦୧୭ରେ ସର୍ବନିମ୍ନ ବେତନ ସୀମାକୁ ମାସିକ ୧୫ହଜାର ଟଙ୍କାରୁ ବଢ଼ାଇ ୨୧ ହଜାର ଟଙ୍କା କରାଯାଇଥିଲା। ତେବେ କାରଖାନା ଓ ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରୁଥିବା ଦିବ୍ୟାଙ୍ଗମାନଙ୍କ ପାଇଁ ମାସିକ ବେତନ ସୀମା ୨୫ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଇପିଏଫ୍‌ଓରେ ଯୋଡ଼ିହେବା ଇଚ୍ଛାଧୀନ ଥିବା ବେଳେ ଇଏସ୍‌ଆଇସି କିନ୍ତୁ ବାଧ୍ୟତାମୂଳକ ରହିଛି।

# ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ଦ୍ୱାରା ୪୬ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀ ସମ୍ମାନିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୋମବାର କଟକସ୍ଥିତ ଆର.କେ. ପାଢୀ ମେମୋରିଆଲ ହଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ୪୬ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ କରି ସମ୍ମାନିତ କରିଛନ୍ତି। ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସେବା, କର୍ତ୍ତବ୍ୟନିଷ୍ଠା ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ନିମନ୍ତେ ଡିଜିପି ଶ୍ରୀ ଖୁରାନିଆ ଅନୁଷ୍ଠାନିକ ଭାବେ ପଦକ ଓ ମାନପତ୍ର ପ୍ରଦାନ କରିଥିଲେ। ପଦକ ପ୍ରାପ୍ତମାନଙ୍କ ମଧ୍ୟରେ ଆଇଜି (କେନ୍ଦ୍ରାଞ୍ଚଳ) ଡ. ସତ୍ୟଜିତ ନାଏକ, ରାୟଗଡା ଏସପି ସ୍ୱସ୍ତି ଏସ. କୁମାର, କଳାହାଣ୍ଡି ଏସପି ନାଗରାଜ ଦେବରକୋଣ୍ଡା, ଝାରସୁଗୁଡା ଏସପି ଗୁଣ୍ଡଲା ରେଡ୍ଡୀ ରାଘବେନ୍ଦ୍ର, କନ୍ଧମାଳ ଏସପି ହରିଶ ବି.ସି., ଗଜପତି ଏସପି ଯତୀନ୍ଦ୍ର କୁମାର ପଣ୍ଡା, କମାଣ୍ଡାଂଟ ପ୍ରଫୁଲ କୁମାର ସିଂହଙ୍କ ସହିତ ୩ ଜଣ ଅତିରିକ୍ତ ଏସ୍‌ପି, ୫ ଜଣ ଡିଏସ୍‌ପି, ୫ ଜଣ ଇନ୍‌ସପେକ୍ଟର, ୭ ଜଣ ସବ୍-ଇନ୍‌ସପେକ୍ଟର, ୫ ଜଣ ଆସିଷ୍ଟାଂଟ ସବ୍-ଇନ୍‌ସପେକ୍ଟର, ୫ ଜଣ ହାବିଲଦାର ଓ ୯ ଜଣ କନଷ୍ଟେବଲ/ ଓଏପିଏଫ/ ସିପାହୀ ଅନ୍ତର୍ଭୁକ୍ତ ଥିଲେ। ଏହି ଅବସରରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ନିର୍ଦ୍ଦେଶକ (ଗୁଇନ୍ଦା) ଆର.ପି. କୋଚେଙ୍କ ସମେତ ଅନେକ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି ପଦକ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା।

# ଶ୍ରେଷ୍ଠ ଶିକ୍ଷାନୁଷ୍ଠାନକୁ ମିଳିବ ୫୦ ହଜାର ଟଙ୍କାର ପୁରସ୍କାର ରାଶି : ମେୟର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ଅଂଚଳର ଶ୍ରେଷ୍ଠ ସ୍ୱଚ୍ଛ ବିଦ୍ୟାଳୟକୁ ମିଳିବ ୫୦ ହଜାର ଟଙ୍କାର ନଗଦ ପୁରସ୍କାର ରାଶି । ଗୋଟିଏ ନୁହେଁ, ବିଏମ୍ ସିର ତିନୋଟି ଜୋନରେ ୩ଟି ବିଦ୍ୟାଳୟକୁ ୫୦ ହଜାର ଲେଖାଏଁ ଟଙ୍କା ମିଳିବ । ଏହି କଥା ଘୋଷଣା କରିଛନ୍ତି ମାନନୀୟା ମେୟର ଶ୍ରୀମତୀ ସୁଲୋଚନା ଦାସ। ବିଏମ୍ ସି ମୁଖ୍ୟାଳୟର ଏକାମ୍ର ହଲରେ ଅନୁଷ୍ଠିତ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ନିମନ୍ତେ ଆୟୋଜିତ ସ୍ୱଚ୍ଛ ସର୍ବେକ୍ଷଣ ତାଲିମ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହି ଘୋଷଣା କରାଯାଇଛି । ସ୍ୱଚ୍ଛତାକୁ ସଂସ୍କାର ଅଭିମୁଖୀ କରିବାରେ ଶିକ୍ଷାନୁଷ୍ଠାନଗୁଡିକର ପ୍ରମୁଖ ଭୂମିକା ରହିଛି । ସହରର ପ୍ରତ୍ୟେକ କୋଣ ଅନୁକୋଣକୁ ସ୍ୱଚ୍ଛ ରଖିବାର ଦାୟିତ୍ୱ, କେବଳ ବିଏମ୍ ସିର ନୁହେଁ, ନାଗରିକମାନଙ୍କର ମଧ୍ୟ କର୍ତ୍ତବ୍ୟ ଓ ଦାୟିତ୍ୱ ରହିଛି । ସହରକୁ ସ୍ୱଚ୍ଛ ଓ ସବୁଜ ରଖିବା ପାଇଁ ପ୍ରତ୍ୟେକ ନାଗରିକ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ କରିବାକୁ ବିଏମ୍ ସି ପକ୍ଷରୁ ଆହ୍ୱାନ ଦିଆଯାଇଛି । ନିଜ ବିଦ୍ୟାଳୟରୁ ବାହାରୁଥିବା ବର୍ଜ୍ୟକୁ ଓଦା ଓ ଶୁଖିଲା ଅଲଗା ଅଲଗା କରି ଦେବା ସହ ବିପଦ ପୂର୍ଣ୍ଣ ଇଲେକ୍ଟ୍ରୋନିକ୍ ବର୍ଜ୍ୟକୁ ମଧ୍ୟ ସ୍ୱତନ୍ତ୍ର ଭାବେ ଅଲଗା କରି ବିଏମ୍ ସି ସଫେଇ ଗାଡିକୁ ଦେବାକୁ ଅନୁରୋଧ କରାଯାଇଛି । କେବଳ ସେତିକି ନୁହେଁ, ବିଦ୍ୟାଳୟ ପରିବେଶକୁ ସ୍ୱଚ୍ଛ ଓ ସବୁଜ ରଖିବା ପାଇଁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ଅନୁରୋଧ କରାଯାଇଛି । ଏ ସଂପର୍କରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇବା ସହ ସେମାନଙ୍କ ଅଭିଭାବଙ୍କୁ ମଧ୍ୟ ଅବଗତ କରାଇବା ଜରୁରୀ । ସହରର ପ୍ରତ୍ୟେକ ବାସିନ୍ଦା ଘରୁ ବା ବଗିଚାରୁ ବାହାରୁଥିବା ଯେ କୌଣସି ବର୍ଜ୍ୟକୁ ଏଣେତେଣେ ନ ପକାଇ ଓଦା, ଶୁଖିଲା ଓ ଇଲେକ୍ଟ୍ରୋନିକ୍ ବର୍ଜ୍ୟକୁ ଅଲଗା ଅଲଗା କରି ବିଏମ୍ ସି ସଫେଇ ଗାଡିକୁ ଦେବାକୁ କୁହାଯାଇଛି । ଭୁବନେଶ୍ୱରର ପ୍ରତ୍ୟେକ ବିଦ୍ୟାଳୟ ଓ ମହାବିଦ୍ୟାଳୟ, ରାସ୍ତା, ପାର୍କ, ଖେଳ ପଡିଆ, ଡ୍ରେନ, କଞ୍ଜରଭେନ୍ସି ଲେନ୍, ଜଳାଶୟ, ମନ୍ଦିର, ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟ ଯେପରି ସ୍ୱଚ୍ଛ ଓ ସବୁଜ ରହିବ, ସେଥିପାଇଁ ସମସ୍ତେ ଉଦ୍ୟମ କରିବାକୁ ଅନୁରୋଧ କରିଛନ୍ତି ମାନନୀୟା ମେୟର ଶ୍ରୀମତୀ ଦାସ । ଆଗାମୀ ଦିନରେ ସ୍ୱଚ୍ଛ ସହର ତାଲିକାର ଏକ ନମ୍ବର ସ୍ଥାନରେ ଯେପରି ଭୁବନେଶ୍ୱର ରହିବ, ସେଥିପାଇଁ ବିଏମ୍ ସି ଅଂଚଳର ଆବାଳ ବୃଦ୍ଧ ବନୀତା ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି । କେବଳ ସ୍ୱଚ୍ଛତା ନୁହେଁ, ପରିବେଶକୁ ସବୁଜୀକରଣ କରିବା ଦରକାର ବୋଲି ସେ କହିଛନ୍ତି । ବିଏମ୍ ସି କମିଶନର ଶ୍ରୀ ଚଂଚଳ ରାଣାଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ପ୍ରତ୍ୟେକ ବିଦ୍ୟାଳୟ ପରିବେଶ ପରିଷ୍କାର ରଖିବା ପାଇଁ ନିଜ ନିଜର ସ୍ୱତନ୍ତ୍ର ଯୋଜନା କରିବାକୁ କୁହାଯାଉଛି । ଅନ୍ୟପକ୍ଷରେ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସ୍ୱତନ୍ତ୍ର ଭାବେ ତାଲିମ ଦେବା ସହ ସେମାନଙ୍କ ମଧ୍ୟରେ ସ୍ୱଚ୍ଛତା ତଥା ସ୍ୱଚ୍ଛ ସର୍ବେକ୍ଷଣ ସଂପର୍କିତ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିବାକୁ କୁହାଯାଇଛି । ଆସନ୍ତା ଫେବୃଆରୀ ମାସରୁ ଆରମ୍ଭ ହେବ ସ୍ୱଚ୍ଛ ସର୍ବେକ୍ଷଣ ସର୍ଭେ । ଏଥିପାଇଁ କେନ୍ଦ୍ରୀୟ ଟିମ୍ କିମ୍ବା ତୃତୀୟ ପକ୍ଷ ଭୁବନେଶ୍ୱର ନିଶ୍ଚିତ ଭାବେ ପରିଦର୍ଶନରେ ଆସିବେ । ଏଥିପାଇଁ ଆମ ସହରର ପରିମଳ ପରିଚାଳନା ନିୟମ ମାନନ୍ତୁ ଏବଂ ଅନ୍ୟକୁ ମଧ୍ୟ ସଚେତନ କରାଇବାକୁ ଅନୁରୋଧ କରାଯାଇଛି । ପ୍ରତ୍ୟେକ ନାଗରିକ ନିଜ ଘରୁ ବାହାରୁଥିବା ବର୍ଜ୍ୟକୁ ଅଲଗା ଅଲଗା କରି ଦେବା ସହ ଆଖପାଖ ଅଂଚଳକୁ ପରିଷ୍କାର ପରିଚ୍ଛନ୍ନ ରଖିବା । ଏହାକୁ ଏକ ଅଭ୍ୟାସରେ ପରିଣତ କରିବା । ଏହି ତାଲିମ କାର୍ଯ୍ୟକ୍ରମରେ ୧୩୦ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟ ସହିତ ଆଇଇସି ଆସିଷ୍ଟାଂଟମାନେ ମଧ୍ୟ ଯୋଗଦେଇଥିଲେ । ଅତିରିକ୍ତ କମିଶନର ଶ୍ରୀ କୈଳାସ ଚନ୍ଦ୍ର ଦାସ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ତାଲିମ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ତାଲିମ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ପରିମଳ ଉପାୟୁକ୍ତ ଏନ୍ ଗଣେଶ ବାବୁ ।

## ସୋଆର ପ୍ରଫେସର ଏମିରିଟସ ଆର୍.ଏନ୍.ପି ଚୌଧରୀଙ୍କ ପରଲୋକ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଶିଷ୍ଟ ଶିକ୍ଷାବିତ୍, ଗବେଷକ ଏବଂ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ଏମିରିଟସ୍ ଆର୍. ଏନ୍. ପି. ଚୌଧରୀଙ୍କ ରବିବାର ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେବ ଅସୁସ୍ଥ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ତାଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିବା ସହ ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ପ୍ରଫେସର ଚୌଧରୀଙ୍କ ମୃତ୍ୟୁ ଗଭୀର କ୍ଷତି ଘଟାଇଲା ବୋଲି କହିଛନ୍ତି। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ପ୍ରଫେସର ଚୌଧରୀଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିବା ସହ ସେ ଜଣେ ଉଚ୍ଚକୋଟୀର ଶିକ୍ଷକ ଏବଂ ଗବେଷକମାନଙ୍କର ମାର୍ଗଦର୍ଶକ ଥିଲେ ବୋଲି କହିଛନ୍ତି।

# ଓଡ଼ିଶାର ଯୁବ ବିକାଶ ପ୍ରତି ଆମେ ସର୍ବଦା ପ୍ରତିବଦ୍ଧ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

'ଯୁବରେ ନିବେଶ ହେଉଛି ଭବିଷ୍ୟତରେ ନିବେଶ।' ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ମୂଳନୀତି ଆଧାରରେ ଓଡ଼ିଶାର ଯୁବସମାଜର ଅନନ୍ୟ ଶକ୍ତି ଓ ଉତ୍ସାହକୁ କ୍ରୀଡ଼ା, ଶିକ୍ଷା ଓ ଦକ୍ଷତା ବିକାଶ ମାଧ୍ୟମରେ ସଠିକ୍ ଦିଗରେ ନେବା ପାଇଁ ବିଜୁ ଜନତା ଦଳ ପ୍ରତିବଦ୍ଧ । ରାଷ୍ଟ୍ରୀୟ ଯୁବ ଦିବସରେ ବିଜୁ ଜନତା ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଏକ ପ୍ରେସ୍ ବାର୍ତ୍ତାରେ କହିଛି ଯେ, ଯୁବ ସଶକ୍ତିକରଣ ପ୍ରତି ପ୍ରତିବଦ୍ଧତା ସ୍ୱରୂପ ଗତ ୨୪ ବର୍ଷରେ ବିଜୁ ଜନତା ଦଳ ସରକାର ନୂଆ ଉଦାହରଣ ସୃଷ୍ଟି କରିପାରିଛି । ବିଜୁ ଜନତା ଦଳ ସରକାର ଦକ୍ଷତା ବିକାଶ, ଶିକ୍ଷା ଓ ନିଯୁକ୍ତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ। ସ୍କିଲଡ୍ ଇନ୍ ଓଡ଼ିଶା' ଆଜି ଏକ ବିଶ୍ୱ ବ୍ରାଣ୍ଡ୍ ଭାବେ ଉଭା ହୋଇଛି। ଏହା ଜରିଆରେ ୭୮ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ମିଳିଥିଲା। ବିଶ୍ୱ ଦକ୍ଷତା କେନ୍ଦ୍ର, ୬୦ଟି ସରକାରୀ ଆଇଟିଆଇ, ୩୪ଟି ସରକାରୀ ପଲିଟେକ୍ନିକ୍ ଏବଂ ୮୨ଟି ଦକ୍ଷତା ବିକାଶ କେନ୍ଦ୍ର ଦ୍ୱାରା ୬.୫ ଲକ୍ଷରୁ ଅଧିକ ଯୁବକ ଯୁବତୀଙ୍କୁ ଦକ୍ଷତା ପ୍ରଶିକ୍ଷଣ ଦିଆଯାଇଥିଲା। ସମସ୍ତ ସରକାରୀ ଇଞ୍ଜିନିୟରିଂ କଲେଜରେ ନିଯୁକ୍ତି ପାଇଁ ସେଂଟର ଅଫ୍ ଏକ୍ସେଲେନ୍ସ' ସ୍ଥାପନ କରାଯାଇଥିଲା। ସ୍ୱୟମ ଯୋଜନା' ଦ୍ୱାରା ଯୁବକ ଯୁବତୀମାନଙ୍କୁ ଆତ୍ମନିର୍ଭର ନିଯୁକ୍ତି ସୁବିଧା ପ୍ରଦାନ କରାଯାଇଥିଲା । ମେକ୍ ଇନ୍ ଓଡ଼ିଶା' ନିବେଶ ମାଧ୍ୟମରେ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରାଯାଇଥିଲା । ବିଜୁ ଜନତା ଦଳ ୨୦୨୪ ନିର୍ବାଚନୀ ଇସ୍ତାହାରରେ ଆଗାମୀ ୫ ବର୍ଷରେ ୧୫ ଲକ୍ଷ ଯୁବକ ଯୁବତୀଙ୍କୁ ଦକ୍ଷ କରିବା ସହ ୨୦୩୬ ସୁଦ୍ଧା ୧ ଲକ୍ଷ କୋଟି ଟଙ୍କାର ଯୁବ ବଜେଟ୍' ପାଇଁ ବିଜେଡି ପ୍ରତିଶ୍ରୁତି ଦେଇଥିଲା । ରାଜ୍ୟରେ ମେଡ଼ିକାଲ କଲେଜ ଓ ଇଞ୍ଜିନିୟରିଂ କଲେଜରେ ଓଡ଼ିଆ ବୋର୍ଡରୁ ପାସ୍ ଛାତ୍ରଛାତ୍ରୀଙ୍କ ପାଇଁ ୧୫ ପ୍ରତିଶତ ଆସନ ସଂରକ୍ଷଣ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ୩୧୩ଟି ବ୍ଲକରେ ୩୧୫ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା, ପୁରୀର ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ, ଓୟୁଏଟି, ଓଡ଼ିଶା ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ରିସର୍ଚ୍ଚ, ଭିଏସ୍‌ଏସୟୁଟି ବୁର୍ଲାର ରୂପାନ୍ତରୀକରଣ କରାଯାଇଛି । ୨୦୧୯ରୁ ୨୦୨୪ ପର୍ଯ୍ୟ ଶିକ୍ଷା କ୍ଷେତ୍ରରେ ୧.୨ ଲକ୍ଷ କୋଟିରୁ ଅଧିକ ବଜେଟ୍ ଖର୍ଚ୍ଚ କରାଯାଇଥିଲା। ଅନ୍ୱେଷା' ଓ ଆକାଂକ୍ଷା' ଯୋଜନା ମାଧ୍ୟମରେ ଏସସି, ଏସଟି ଓ ଅନ୍ୟାନ୍ୟ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କରାଯାଇଥିଲା । ନୂତନ ସରକାର ଆସିଲା ପରେ ଛାତ୍ରଛାତ୍ରୀ ମାନଙ୍କୁ ଦିଆଯାଉଥିବା ନୂଆ-ଓ ବୃତ୍ତି ବନ୍ଦ କଲା । ୨୦ଟି ପରୀକ୍ଷାରେ ମହାବିଭ୍ରାଟ ସୃଷ୍ଟି ହେଲା । ରାଜ୍ୟରେ ବେକାରୀ ହାର ବଢ଼ିଲା । ଜେଏସଡବ୍ଲ୍ୟୁ ଇଭି, ଆର୍ସେଲର୍ ମିତ୍ତଲ ଇସ୍ପାତ, ଏସ୍ ରାମ୍ ଏନ୍ ରାମ୍ ସେମିକଣ୍ଡକ୍ଟର୍ ଓ ୱାରୀ ସୋଲାର୍ ଭଳି ବଡ଼ ପ୍ରକଳ୍ପ ଗୁଡ଼ିକ ଓଡ଼ିଶାରୁ ଚାଲିଯିବା ଦ୍ୱାରା ବିଜେପି ଯୁବବର୍ଗଙ୍କ ପ୍ରତି ବିଶ୍ୱାସଘାତକତା କରିଛି । ବଡ଼ ବଡ଼ ଘୋଷଣା ଓ ପ୍ରଚାର ବିଜ୍ଞାପନରୁ ଦୂରେଇ ରହି ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, କ୍ରୀଡ଼ା ପ୍ରୋତ୍ସାହନ, ନିଯୁକ୍ତି, ଜୀବିକା ଓ ଯୁବ ସଶକ୍ତିକରଣ ପାଇଁ କାର୍ଯ୍ୟ କରୁ ବୋଲି ଡ଼ ମହାନ୍ତି କହିଛି।

# ଆଗାମୀ ଦିନରେ ସମସ୍ତ କଳାକାରଙ୍କ ପାରିଶ୍ରମୀକ ବୃଦ୍ଧି କରିବା ନେଇ ଆଲୋଚନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମା'ଧାକୁଲେଇ ପୀଠରେ ଅନୁଷ୍ଠିତ ହୋଇଯାଇଛି କଳାକାଳ ସଂଘ ବୈଠକ । ଉକ୍ତ ବୈଠକରେ ସଂଘର ସଭାପତି ଶାରଦା ପ୍ରସାଦ ମହାନ୍ତି, ଉପ ସଭାପତି ଦିଲ୍ଲୀପ କୁମାର ଦାସ, ସମ୍ପାଦକ ଅଶୋକ କୁମାର ଦାସ, ସହ ସମ୍ପାଦକ ପ୍ରଦୀପ କୁମାର ଧଳ, କୋଷାଧ୍ୟକ୍ଷ ରମାକାନ୍ତ ଜେନା, ନ୍ୟାସୀ ତଥା ମୁଖ୍ୟ ପ୍ରଶାସନିକ ଅଧିକାରୀ ପ୍ରଭାସ କୁମାର ମହାପାତ୍ର, ନ୍ୟାସୀ ପରେଶ ଦଳେଇ, ନିରଞ୍ଜନ ପରିଡା, ମନୋରଞ୍ଜନ ପାତ୍ର, ପୁଷ୍ପଲତା ମହାନ୍ତି, ସୁରେନ୍ଦ୍ର କୁମାର ସ୍ୱାଇଁ ଓ ସମସ୍ତ କଳାକାର ଉପସ୍ଥିତ ଥିଲେ। ଆଗାମୀ ଦିନ ମାନଙ୍କରେ କିଭଳି ଭାବରେ ସମସ୍ତ କଳାକାରମାନଙ୍କର ପାରିଶ୍ରମୀକ ବୃଦ୍ଧି କରାଯାଇ ପାରିବ ସେବାବଦରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଆଲୋଚନା କରାଯାଇଥିଲା । ତତ୍ ସହିତ କିଭଳି କଳାକାରଙ୍କ ଜୀବନ ବୀମା କରାଯିବା ସହିତ କଳାକାର ଭତ୍ତା କିଭଳି ସରକାରଙ୍କ ତରଫରୁ ପାଇ ପାରିବେ ସେ ବାବଦରେ ଆଲୋଚନା କରାଯାଇଥିଲା। ଏହାପରେ ସଭାପତି ଶାରଦା ପ୍ରସାଦ ମହାନ୍ତି ଚଳିତ ମାସରେ ଏକ ରାକ୍ତଦାନ ଶିବିର କରାଯିବା ପାଇଁ ନିଷ୍ପତ୍ତି ନେଇଥିଲେ, ଯାହାକୁ ସମସ୍ତ କାର୍ଯ୍ୟକାରୀ ସଭ୍ୟ ସଭ୍ୟା ଓ କଳାକାର ସମର୍ଥନ ଜଣାଇଥିଲେ। ପରିଶେଷରେ କଳାକାର କାହ୍ନୁ ସେଠୀ ବୈଠକକୁ ସଫଳ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଆସନ୍ତା ୨୦ରେ ଦିଲ୍ଲୀବାସୀଙ୍କୁ ମିଳିବ କ୍ରୁଜ୍ ସେବା

**ନୂଆଦିଲ୍ଲୀ :**

ଦିଲ୍ଲୀରେ ଯମୁନା ନଦୀରେ କ୍ରୁଜ୍ ସେବା ଆରମ୍ଭ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପର୍ଯ୍ୟଟନ ମନ୍ତ୍ରୀ କପିଲ ମିଶ୍ରା କହିଛନ୍ତି ଯେ ଏହି କ୍ରୁଜର ନିର୍ମାଣ କାର୍ଯ୍ୟ ମୁମ୍ବଇରେ ପ୍ରାୟ ପୂର୍ଣ୍ଣ ହୋଇସାରିଛି ଏବଂ ଖୁବ୍ ଶୀଘ୍ର ଏହି ସେବା ଦିଲ୍ଲୀ ଲୋକଙ୍କ ପାଇଁ ଉପଲବ୍ଧ ହେବ। ମହାରାଷ୍ଟ୍ରର ନଭି ମୁମ୍ବଇରେ ଗଣମାଧ୍ୟମ ସହ ଆଲୋଚନା କରି କପିଲ ମିଶ୍ରା କହିଛନ୍ତି ଯେ ଏହି କ୍ରୁଜ୍ ଯମୁନା ନଦୀରେ ଚଳାଯିବ ଏବଂ ଏହାର ନିର୍ମାଣ ମୁମ୍ବଇରେ କରାଯାଉଛି। ସେ କହିଛନ୍ତି ଯେ କ୍ରୁଜ୍ ଏ ପର୍ଯ୍ୟନ୍ତ ପ୍ରାୟ ପ୍ରସ୍ତୁତ ହୋଇସାରିଛି ଏବଂ ୨୦ ଜାନୁଆରୀରେ ମୁମ୍ବଇରୁ ଦିଲ୍ଲୀ ଅଭିମୁଖେ ବାହାରିବ। କ୍ରୁଜକୁ ଦିଲ୍ଲୀ ପହଞ୍ଚିବା ପାଇଁ ୪-୫ ଦିନ ସମୟ ଲାଗିବ। ସୂଚନା ଅନୁସାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏହି କ୍ରୁଜ୍ ସେବାକୁ ଉଦଘାଟନ କରିବେ। ଏହା ପରେ ଦିଲ୍ଲୀବାସୀ ଯମୁନା ନଦୀରେ କ୍ରୁଜ ଯାତ୍ରାର ଆନନ୍ଦ ନେଇପାରିବେ। ସେ କହିଛନ୍ତି ଯେ ଏହି ପ୍ରକଳ୍ପକୁ ନେଇ ଜରୁରି ପ୍ରସ୍ତୁତି ହୋଇସାରିଛି। କ୍ରୁଜରେ ପ୍ରାୟ ୪୦ ଯାତ୍ରୀ ବସିପାରିବେ। ପର୍ଯ୍ୟଟନ ମନ୍ତ୍ରୀ କହିଛନ୍ତି ଯେ ଦିଲ୍ଲୀରେ ଆରମ୍ଭ ହେବାକୁ ଯାଉଥିବା ଏହି କ୍ରୁଜ୍ ସେବା ଲୋକଙ୍କୁ ଗୋଆ ଭଳି କ୍ରୁଜ୍ ଯାତ୍ରାର ଅନୁଭବ ଦେବ। ଏହି ପଦକ୍ଷେପ ଫଳରେ ଦିଲ୍ଲୀର ପର୍ଯ୍ୟଟନକୁ ପ୍ରୋତ୍ସାହନ ମିଳିବା ସହ ଯମୁନା ନଦୀ କୂଳରେ ଲୋକଙ୍କୁ ନୂଆ ଅନୁଭୂତି ମିଳିବ ବୋଲି ସେ କହିଛନ୍ତି।

ଉତ୍କଳ ଦୀପିକା

ଭୁବନେଶ୍ୱର
୧୩ ଜାନୁଆରୀ,
ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ୧୦ ବିଧାୟକଙ୍କ ସହ ଆଲୋଚନା କଲେ ନବୀନ



**ଭୁବନେଶ୍ୱର, ୧୨/୧ ନ୍ୟୁଜ ବ୍ୟୁରୋ**

ସୋମବାର ସନ୍ଧ୍ୟାରେ ନବୀନ ନିବାସରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ବିଜୁ ଜନତା ଦଳର ୧୦ ଜଣ ବିଧାୟକଙ୍କ ସହ ସେମାନଙ୍କ ନିର୍ବାଚନ ମଣ୍ଡଳୀର ବିକାଶ ଓ ସଂଗଠନ ସମ୍ପର୍କରେ ଆଲୋଚନା କରିଥିଲେ।

ତୃଣମୂଳ ସ୍ତରରେ ଦଳର ସଂଗଠନକୁ ମଜବୁତ କରିବା ସହ ଲୋକଙ୍କ ସହ ସିଧା ସଳଖ ସମ୍ପର୍କ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସେମାନଙ୍କ ନିର୍ବାଚନ ମଣ୍ଡଳୀର ବିକାଶ କାମ ବିଷୟରେ ପଚାରି ବୁଝିବା ସହ ଲୋକଙ୍କ ସୁବିଧା ଅସୁବିଧାକୁ ଗୁରୁତ୍ୱ ଦେବା ପାଇଁ ଶ୍ରୀ ପଟ୍ଟନାୟକ କହିଥିଲେ। ଏହା ସହିତ ବିଧାୟକମାନଙ୍କ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ ଶ୍ରୀ ପଟ୍ଟନାୟକ ପଚାରି ବୁଝିଥିଲେ। ବିଜୁ ଜନତା ଦଳର ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ବିଧାୟକମାନଙ୍କୁ ପରାମର୍ଶ ଦେଇଥିଲେ।

ଏହି ବୈଠକରେ ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟିକା ସୁଜାତା ସାହୁ, ବିଧାୟକ ସର୍ବଶ୍ରୀ ବିଶ୍ୱରଞ୍ଜନ ମଲ୍ଲିକ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ପ୍ରଦୀପ ସାହୁ, ତୁଷାର କାନ୍ତି ବେହେରା, ନବ ମଲ୍ଲିକ, ସାରଦା ଜେନା ଓ ରମାକାନ୍ତ ଭୋଇ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।



ଭୁବନେଶ୍ୱର : ଗୀତଗୋବିନ୍ଦ ସଦନ ପରିସରରେ ଜନନେତା ପ୍ରହଲ୍ଲାଦ ମଲ୍ଲିକଙ୍କ ୯୭ ତମ ଜୟନ୍ତୀ ଉତ୍ସବ ପାଳନ ଅବସରରେ ସୁପ୍ରିୟା ମଲ୍ଲିକଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଭାରତରତ୍ନ ଆମ୍ବେଦକର'କୁ ଉନ୍ମୋଚନ କରୁଛନ୍ତି ମୁଖ୍ୟଅତିଥି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପିସିସିର ପୂର୍ବତନ ସଭାପତି ବିଶିଷ୍ଟ ସ୍ତମ୍ଭକାର ପ୍ରହ୍ଲାଦ ସିଂହ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସାମ୍ବାଦିକା ସୁପ୍ରିୟା ଦାସ, ବସନ୍ତ କୁମାର ମଲ୍ଲିକ ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କଳିଙ୍ଗା ଘାଟିରେ 'ସତର୍କ ସୂଚନା ଘଣ୍ଟି' ଉଦ୍‌ଘାଟିତ



**ଜି.ଉଦୟଗିରି, ୧୨।୧ ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲ୍ଲା କଳିଙ୍ଗା ଘାଟିରେ ଅତ୍ୟଧିକ ଦୁର୍ଘଟଣା ଯୋଗୁ ବହୁ ସଂଖ୍ୟକ ଲୋକେ ପ୍ରାଣ ହରାଇଥିବା ବେଳେ ଦୁର୍ଘଟଣା ଏଡ଼ାଇବା ନିମନ୍ତେ କିଛି ପଦକ୍ଷେପ ନେବା ପାଇଁ ସରକାରଙ୍କ ନିକଟରେ ଅଞ୍ଚଳବାସୀଙ୍କ ତରଫରୁ ବହୁବାର ଦାବି ହୋଇଥିଲା। ଏହାକୁ ନଜରରେ ରଖି କଳିଙ୍ଗା ଘାଟିରେ ଗାଡି ଚାଳକମାନଙ୍କୁ ସତର୍କ କରାଇବା ପାଇଁ ସୋମବାର ମୁଖ୍ୟମନ୍ତ୍ରୀ ସତର୍କ ସୂଚନା ଘଣ୍ଟିର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ବ୍ୟବସ୍ଥାରେ ଘାଟିର ଉଭୟ ପଟୁ ଗାଡି ଆସୁଥିଲେ ସାଇରନ ବାଜି ସତର୍କ କରାଇବ। ଏହା ଏକ ପାଇଲଟ ପ୍ରୋଜେକ୍ଟ ଭାବେ ଆରମ୍ଭ କରାଯାଇଛି। ଏହା ସୌର ବିଦ୍ୟୁତ୍ ଚାଳିତ ସହ ନିଜେ ପରିଚାଳିତ ହେବ। ଯାହା ଫଳରେ ୪ ଫୁଟ ଉଚ୍ଚତାରେ ସେନ୍ସର ଓ କ୍ୟାମେରା ଆଲର୍ଟ କରିବ। ଏହା ସେନ୍ସର୍ ମେଶିନ ଦୁର୍ଘଟଣା ଘଟୁଥିବା ସ୍ଥାନମାନଙ୍କରେ ଚାଳକମାନଙ୍କୁ ସତର୍କ କରିବା ସହ ଗାଡ଼ି ଚଳେଇବା ନିମନ୍ତେ ସୂଚନା ଦେବ । ଦୁର୍ଘଟଣା ପ୍ରବଣ ସ୍ଥାନର ଉଭୟ ପାର୍ଶ୍ୱରେ ଏହା ଲାଗିବ ଯାହା ଗୋଟିଏ ପାର୍ଶ୍ୱରେ ଗାଡ଼ି ଆସିଲେ ବିପରୀତ ପାର୍ଶ୍ୱରେ ନାଲିବତି ଜଳି ହର୍ଣ୍ଣ ବାଜିବ। ଯାହା ଫଳରେ ଅନ୍ୟ ପାର୍ଶ୍ୱରୁ ଆସୁଥିବା ଗାଡ଼ିକୁ ସୂଚନା ଦେବ। ଏହି ଭେଇକାଲ ସେନ୍ସର୍ ଆଲର୍ଟ ଯନ୍ତ୍ର ରାଜ୍ୟରେ ପ୍ରଥମ ଥର କଳିଙ୍ଗା ଘାଟିରେ ଲାଗିଥିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଆସନ୍ତାଦିନ ମାନଙ୍କରେ ଅନ୍ୟ ଦୁର୍ଘଟଣା ପ୍ରବଣ ସ୍ଥାନ ମାନଙ୍କରେ ଲଗାଯିବ ବୋଲି ସୂଚନା ଦେଇଛନ୍ତି।

## ୧୪ରୁ କିଟ୍‌ରେ ଚେସ୍ ମହାକୁମ୍ଭ

# ସୋସିଆଲ୍ ଆଣ୍ଡ ଏଜୁକେସ୍‌ନାଲ୍ ଚେସ୍ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର, ୧୨।୧ ନ୍ୟୁଜ ବ୍ୟୁରୋ**

ଜାନୁଆରୀ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ କିଟ୍‌ରେ ଅନୁଷ୍ଠିତ ହେବାକୁ ଯାଉଛି ସାମାଜିକ ଏବଂ ଶିକ୍ଷାଗତ ଚେସ୍ (ସୋସିଆଲ୍ ଆଣ୍ଡ ଏଜୁକେସନାଲ୍ ଚେସ୍) ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ। ଭାରତରେ କିଟ୍‌ରେ ପ୍ରଥମ ଥର ଲାଗି ଚେସ୍‌ର ଏଭଳି ମହାକୁମ୍ଭ ଅନୁଷ୍ଠିତ ହେବାକୁ ଯାଉଛି। ଅନ୍ତର୍ଜାତୀୟ ଚେସ୍ ସଂଘ (ଏଫ୍‌ଆଇଡିଇ) ଓ ଭାରତୀୟ ଚେସ୍ ସଂଘ (ଏଆଇସିଏଫ୍)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଚେସ୍‌ର ଏହି ମହାକୁମ୍ଭରେ ଏଫ୍‌ଆଇଡିଇର ସଭାପତି ତଥା ଋଷର ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଆର୍କାଡି ଡଭୋର୍କୋବିଚ୍, ଏଫ୍‌ଆଇଡିଇର ଉପସଭାପତି ତଥା ଭାରତୀୟ ଗ୍ରାଣ୍ଡ ମାଷ୍ଟର ବିଶ୍ୱନାଥନ୍ ଆନନ୍ଦ, ଏଫ୍‌ଆଇଡିଇର ଡେପୁଟି ଚେୟାର ତଥା ଲଟଭିଆର ପ୍ରାକ୍ତନ ଅର୍ଥମନ୍ତ୍ରୀ ଦାନା ରେଜନିସ୍, ଏଆଇସିଏଫ୍ ସଭାପତି ନିତିନ ନାରଙ୍ଗ, ସମ୍ପାଦକ ଦେବ ପଟେଲ୍ ଓ ଇଭେଣ୍ଟ କମିସନ୍ ସଦସ୍ୟ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ କିଟ୍ ପରିସରରେ ଥିବା ଇଣ୍ଟରନ୍ୟାସ୍‌ନାଲ୍ ଚେସ୍ ହଲ୍ ଓ ଚେସ୍ ଗ୍ରାଉଣ୍ଡକୁ ବିଶ୍ୱନାଥନ ଆନନ୍ଦ ଉଦ୍‌ଘାଟନ କରିବେ। ଉଭୟ କିଟ୍ କ୍ୟାମ୍ପସ୍ ଓ ହୋଟେଲ୍ ମେଫେୟାରରେ ଏହି କାର୍ଯ୍ୟକ୍ରମ ଚାଲିବ। ଏହି ମେଗା ଇଭେଣ୍ଟରେ ଭାରତର ୮୦ ଚେସ୍ ତାରକାଙ୍କ ସମେତ ବିଶ୍ୱର ୪୦ଟି ଦେଶର ବିଶିଷ୍ଟ ଚେସ୍ ତାରକା ଯୋଗ ଦେଉଛନ୍ତି। ଏହା ସହିତ ମୋଟ ୫ହଜାର ୨ଶହ ଅଂଶଗ୍ରହଣ କରୁଥିବା ବେଳେ ଭାରତର ୫ହଜାର ଚେସ୍ ଖେଳାଳି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏଥିରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଛନ୍ତି, ଭାରତରେ କିଟ୍‌ରେ ପ୍ରଥମ ଥର ପାଇଁ ଏଭଳି ମେଗା କାର୍ଯ୍ୟକ୍ରମ ହେବା ନିଶ୍ଚିତ ଭାବେ ଓଡ଼ିଶା ପାଇଁ ଗୌରବର ବିଷୟ। ଏହା ଦ୍ୱାରା ଓଡ଼ିଶାର ଖେଳାଳିମାନେ ବିଶେଷ ସୁଯୋଗ ପାଇବା ସହ ସେମାନଙ୍କ ପାଇଁ ଏହା ଉଦାହରଣ ହୋଇ ରହିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଡ. ସାମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କିଟ୍ ଓ କିସ୍ ଦୀର୍ଘ ଦିନରୁ ଚେସ୍‌ର ବିକାଶ ଦିଗରେ କାର୍ଯ୍ୟ କରିଆସୁଛନ୍ତି। କିସ୍‌ରେ ସମୟକୁ ସମୟ ଅନ୍ତର୍ଜାତୀୟ ଚେସ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥାଏ ଏବଂ କିଟ୍ ଅନ୍ତର୍ଜାତୀୟ ଚେସ୍ ଟୁର୍ଣ୍ଣାମେଣ୍ଟରେ ସବୁଠାରୁ ଅଧିକ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥାଏ।

# ପ୍ରଶ୍ନପତ୍ର ଲିକ୍ ରୋକିବାକୁ ବ୍ୟବହାର ହେବ ଏଆଇ କ୍ୟାମେରା

**ଭୁବନେଶ୍ୱର ୧୨।୧ ନ୍ୟୁଜ ବ୍ୟୁରୋ**

ପ୍ରଶ୍ନପତ୍ର ଲିକ୍ ରୋକିବ ଏଆଇ କ୍ୟାମେରା! ପ୍ରଶ୍ନପତ୍ର ଲିକ୍ ରୋକିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବ୍ୟବହାର କରିବ ଏଆଇ କ୍ୟାମେରା । ୨୧୧ ହବ୍‌ରେ ଏହା ନିଜ ଆଡୁ ଲଗାଇବ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ । କଲେଜ ଇଣ୍ଟେରନେଟ୍ ଉପରେ ନିର୍ଭର କରିବାକୁ ପଡିବ ନାହିଁ । ଏଆଇ କ୍ୟାମେରାରେ ଲଗାଯିବ ୧୨୮ ଜିବି ସିମ୍ କାର୍ଡ। ଏଥିପାଇଁ ଦିଆଯିବ ପାୱାର ବ୍ୟାକଅପ୍। ଆସନ୍ତା ଫେବୃୟାରୀ ୯ ସୁଦ୍ଧା ସବୁ ହବ୍‌ରେ ଲଗାଯିବ । ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଫିସରେ ଖୋଲିଲା କଣ୍ଟ୍ରୋଲ ରୁମ୍ । ପ୍ରଥମ ଥର ପାଇଁ ପ୍ରାକ୍ଟିକାଲ ପରୀକ୍ଷାକୁ ଏହି କଣ୍ଟ୍ରୋଲ ରୁମ୍‌ରୁ ମନିଟର କରାଯାଇଛି। ପୂର୍ବରୁ କେବଳ ଥିଓରୀ ପରୀକ୍ଷାକୁ କଣ୍ଟ୍ରୋଲ ରୁମ୍‌ରୁ ମନିଟର କରାଯାଉଥିଲା। ଏହାଦ୍ୱାରା ପିଲାମାନଙ୍କ ସମେତ ଏକ୍ସଟରନାଲମାନଙ୍କ ଗତିବିଧି ଉପରେ ବି ନଜର ରଖାଯାଉଛି । କାରଣ ଏକ୍ସଟରନାଲଙ୍କୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ଆସୁଥିଲା ।

# ରାଜଧାନୀରେ ଲୁଟେରାଙ୍କ ଆତଙ୍କ : ୧୨ ଚୋରା ବାଇକ୍ ଉଦ୍ଧାର , ୨ ଗିରଫ




**ଭୁବନେଶ୍ୱର, ୧୨।୧ ନ୍ୟୁଜ ବ୍ୟୁରୋ**

ପାର୍କିଂସ୍ଥଳକୁ ଟର୍ଗେଟ୍ କରୁଥିଲେ । ନକଲି ଚାବିରେ ଚୁଟ୍‌କୀରେ ବାଇକ୍ ଲୁଟି ନେଇ ଚମ୍ପଟ ମାରୁଥିଲେ । ରାଜଧାନୀରେ ଏଭଳି ବାଇକ୍ ଲୁଟ୍‌ପାଟ କରି ଆତଙ୍କ ଖେଳାଇଥିବା ୨ ପେଷାଦାର ଲୁଟେରାଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ସେମାନେ ହେଲେ ଇନଫୋସିଟି ଥାନା ଶିଖରଚଣ୍ଡୀ ନଗରର ୨୦ ବର୍ଷୀୟ ଚାଇନା ଓରଫ ଟି.ସୁରେଶ ଏବଂ ଶିଖରଚଣ୍ଡୀ ନଗର ମୁସଲିମ ବସ୍ତିର ୧୯ ବର୍ଷୀୟ ରାଜ୍ ଖାନ୍ । ପୁଲିସ ସେମାନଙ୍କଠାରୁ ୧୨ଟି ଚୋରା ବାଇକ୍ ସମେତ ୭ଟି ନକଲି ବାଇକ୍ ଚାବି ଓ ୨ଟି ମୋବାଇଲ ଜବତ କରିଛି । ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିଶନର ଡ. ଏସ୍.ଦେବଦତ୍ତ ସିଂହ କହିଛନ୍ତି, ରାଜଧାନୀରୁ ଦୈନିକ ବାଇକ୍ ଲୁଟପାଟ ଅଭିଯୋଗ ହେଉଥିଲା । ବିଶେଷକରି ଗତ କିଛିଦିନ ଭିତରେ କ୍ୟାପିଟାଲ ଥାନା ଅଞ୍ଚଳରୁ ବାଇକ୍ ଲୁଟ୍ ବେଶି ହେଉଥିଲା। ତେଣୁ ଇନ୍‌ସ୍ପେକ୍ଟର ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ତନାଘନା ଆରମ୍ଭ କରିଥିଲେ ।

ଏହି ଟିମ୍ ୟୁନିଟ୍-୨ ମାର୍କେଟ ପାର୍କିଂ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଚାଇନା ଏବଂ ରାଜ୍ ଏକ ସ୍କୁଟରରେ ଆସି ପାର୍କିଂ ଅଞ୍ଚଳରେ ବୁଲାବୁଲି କରିଥିଲେ। ପରେ ସେମାନେ ସ୍କୁଟର ରଖି ନକଲି ଚାବିରେ ପାର୍କିଂ ସ୍ଥଳରୁ ବାଇକ୍ ଚୋରି କରିବା ପାଇଁ ଉଦ୍ୟମ କରୁଥିବା ବେଳେ ପୁଲିସ ଟିମ୍ ଉଭୟଙ୍କୁ କାବୁ କରିଥିଲା। ଚାଇନାଙ୍କ ପକେଟରୁ ୩ଟି ନକଲି ବାଇକ୍ ଚାବି ଏବଂ ରାଜ୍‌ଙ୍କ ପକେଟରୁ ୪ଟି ନକଲି ଚାବି ମିଳିଥିଲା। ସେମାନେ ବ୍ୟବହାର କରୁଥିବା ସ୍କୁଟର ମଧ ଚୋରା ଏବଂ ସେଥିରେ ଜାଲି ନମ୍ବର ଲଗାଇ ବାଇକ୍ ଲୁଟୁଥିବା ଜଣା ପଡ଼ିଥିଲା। ଉଭୟଙ୍କୁ ଧରି ସେମାନଙ୍କ ନିକଟରୁ ଆଉ ୧୧ଟି ବାଇକ୍ ଜବତ ହୋଇଥିଲା। ତଦନ୍ତରୁ ଚାଇନାଙ୍କ ନାମରେ ରାଜଧାନୀର ବିଭିନ୍ନ ଥାନାରେ ୭ ମାମଲା ଥିବାବେଳେ ରାଜ୍ ନାମରେ ୫ ମାମଲା ଥିବା ଜଣା ପଡ଼ିଥିଲା। ୨ ଜଣଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି । ଏମାନେ ଏପରି କେତେ ବାଇକ୍ ଚୋରି କରି କାହାକୁ ବିକ୍ରି କରିଛନ୍ତି ସେ ନେଇ ତଦନ୍ତ ଜାରି ରହିଛି । ଆବଶ୍ୟକ ପଡ଼ିଲେ ଉଭୟଙ୍କୁ ରିମାଣ୍ଡରେ ଆଣି ଜେରା କରାଯିବ ବୋଲି କମିଶନର ଶ୍ରୀ ସିଂହ କହିଛନ୍ତି ।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଜାତୀୟ ଯୁବ ଦିବସ ପାଳିତ

# ସ୍ୱାମୀଜୀ ରାଷ୍ଟ୍ର ନିର୍ମାଣର ଆଧାର ଓ ଚାରିତ୍ରିକ ମୂଲ୍ୟବୋଧର ପ୍ରତୀକ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୨/୧ ନ୍ୟୁଜ ବ୍ୟୁରୋ**




ସୋମବାର ଉତ୍କଳ ବିଶ୍ୱ ବିଦ୍ୟାଳୟ ବାଣୀବିହାର ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦାନ କରି ସ୍ୱାମୀଜୀଙ୍କୁ ରାଷ୍ଟ୍ର ନିର୍ମାଣର ଆଧାର ଓ ଚାରିତ୍ରିକ ମୂଲ୍ୟବୋଧର ଆଧାର ବୋଲି କହିଥିଲେ।

ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ କିପରି ଯୁବସମାଜକୁ ପ୍ରେରଣା ପ୍ରଦାନ କରୁଛି, ସେ ବିଷୟରେ କହିବାକୁଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସ୍ୱାମୀ ବିବେକାନନ୍ଦ ଭାରତର ଯୁବ ସମାଜ ପାଇଁ ଅସୀମ ପ୍ରେରଣାର ଉତ୍ସ। ଯୁବବର୍ଗ ପ୍ରତି ତାଙ୍କର ଅତୁଟ ଭରସା ଥିଲା ଏବଂ ସେ ସବୁବେଳେ କହୁଥିଲେ ଯେ, ଯୁବ ସମାଜ ହିଁ ଭାରତର ଭାଗ୍ୟ ପରିବର୍ତ୍ତନ କରିପାରିବ।

ସ୍ୱାମୀଜୀଙ୍କ ପ୍ରଦତ୍ତ ଶିକ୍ଷା କହିଲେ 'କେବଳ ଯଥାର୍ଥ ଜ୍ଞାନ ଅର୍ଜନ, କିମ୍ବା ପୋଥିଗତ ବିଦ୍ୟା ନୁହେଁ।' ବ୍ରହ୍ମଚର୍ଯ୍ୟ, ଶ୍ରଦ୍ଧା, ଶୃଙ୍ଖଳା ଓ ଆତ୍ମବିଶ୍ୱାସକୁ ସେ ଶିକ୍ଷାର ମୂଳମନ୍ତ୍ର ବୋଲି କହୁଥିଲେ। ପାଶ୍ଚାତ୍ୟ ବିଜ୍ଞାନ ସହ ବେଦାନ୍ତର ସମନ୍ୱୟକୁ ସେ ଗୁରୁତ୍ୱ ଭାବେ ଗ୍ରହଣ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ ଯେ, ଯୁବ ସଶକ୍ତିକରଣ ପାଇଁ ଶିକ୍ଷା ସହିତ ସରକାର ବିଭିନ୍ନ ଯୁବ ସେବାମୂଳକ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ପ୍ରଶିକ୍ଷଣ, ଦକ୍ଷତା ବୃଦ୍ଧି, ଖେଳକୁଦରେ ଉତ୍କର୍ଷତା ଓ ସାଂସ୍କୃତିକ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଅନେକ ଯୋଜନା ରୂପାୟନ କରାଯାଇଛି। ଆଜି ଓଡ଼ିଶା ଦେଶର 'ଖେଳ ରାଜଧାନୀ' ଭାବେ ପରିଚିତ।

ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ଓଡ଼ିଶାର ଯୁବବର୍ଗ ଆଜି ବିଶ୍ୱସ୍ତରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରୁଛନ୍ତି ଓ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଫିଟ୍ ଇଣ୍ଡିଆ ମିଶନ ଦେଶବ୍ୟାପୀ ଆନ୍ଦୋଳନରେ ପରିଣତ ହେବା ସହ ପ୍ରତ୍ୟେକ ଭାରତୀୟଙ୍କୁ ସୁସ୍ଥ ଓ ସଫଳ ଜୀବନଶୈଳୀ ନିମନ୍ତେ ଅନୁପ୍ରାଣିତ କରୁଛି। ଏହି କାର୍ଯ୍ୟକ୍ରମ ଅବସରରେ ବିଧାୟକ ଏକାମ୍ର ଭୁବନେଶ୍ୱର ବାବୁ ସିଂ, କୁଳପତି ଉତ୍କଳ ବିଶ୍ୱବିଦ୍ୟାଳୟ ଡଃ ଯଜ୍ଞେଶ୍ୱର ଦଣ୍ଡପାଟ, ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ସଚିବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ପୁରୀ ଜିଲ୍ଲାରେ ଡ୍ରପ୍ ଆଉଟ୍ : ଝିଅଙ୍କ ଅପେକ୍ଷା ଅଧାରୁ ପାଠ ଛାଡୁଛନ୍ତି ଅଧିକ ପୁଅ

**ପୁରୀ,୧୨/୦୧ ନ୍ୟୁଜ ବ୍ୟୁରୋ**



ପୁରୀ ଜିଲ୍ଲାରେ ଝିଅଙ୍କ ଅପେକ୍ଷା ପୁଅମାନେ ଅଧିକ ସଂଖ୍ୟାରେ ଅଧାରୁ ପାଠ ଛାଡୁଛନ୍ତି । ପ୍ରାଥମିକ, ଉଚ୍ଚ ପ୍ରାଥମିକ ଅପେକ୍ଷା ହାଇସ୍କୁଲ ସ୍ତରରେ ଅଧିକ ବିଦ୍ୟାର୍ଥୀ ପାଠ ଛାଡୁଛନ୍ତି । ସରକାରୀ ଏହି ରିପୋର୍ଟ ଏବେ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗର କାରଣ ହୋଇଛି। ଯଦିଓ ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଡ୍ରପ୍‌ଆଉଟ୍ ବା ପାଠ ଛାଡୁଥିବା ବିଦ୍ୟାର୍ଥୀଙ୍କ ସଂଖ୍ୟାରେ ସୁଧାର ଆସୁଛି । ମାତ୍ର ତାହା ଶୂନ୍ୟ ହୋଇପାରୁନି । ସରକାରୀ ସ୍କୁଲରେ ବ୍ୟାପକ ପ୍ରୋତ୍ସାହନ ଦିଆଯିବା ସତ୍ତ୍ୱେ ପାଠ ପ୍ରତି ବିଦ୍ୟାର୍ଥୀ ବିମୁଖ ହେଉଛନ୍ତି । ପାଠ ଛାଡୁଥିବା ବିଦ୍ୟାର୍ଥୀଙ୍କୁ ସ୍କୁଲ ଆଣିବାରେ ସରକାରଙ୍କ ପଦକ୍ଷେପକୁ ବିଭାଗୀୟ କର୍ତ୍ତୃପକ୍ଷ ସଫଳ କରିନପାରିବା ଜିଲ୍ଲାରେ ସାକ୍ଷରତା ମିଶନକୁ ଶକ୍ତ ଧକ୍କା ଦେଉଛି । ଜିଲ୍ଲାରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ଶୈଳୀ ଉପରେ ମଧ ଏହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ତଥ୍ୟ ମୁତାବକ, ଜିଲ୍ଲାରେ ୨୦୨୪-୨୫ରେ ପ୍ରଥମରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ଡ୍ରପ୍ ଆଉଟ ହାର ୦.୮% ଥିଲା । ଏହା ମଧ୍ୟରେ ୧.୩% ପୁଅ ଓ ୦.୨% ଝିଅ ରହିଥିଲେ । ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଉଚ୍ଚ ପ୍ରାଥମିକ ସ୍ତରରେ ମୋଟ ଡ୍ରପ୍ ଆଉଟ୍ ହାର ୦.୫% ରହିଥିଲା। ଯାହା ଭିତରେ ୦.୬% ପୁଅ ଓ ୦.୫% ଝିଅ ଥିଲେ । ନବମରୁ ଦଶମ ପର୍ଯ୍ୟନ୍ତ ହାଇସ୍କୁଲ ସ୍ତରରେ ଡ୍ରପ୍‌ଆଉଟ୍ ହାର ୭.୯% ରହିଥିଲା। ଯାହା ଭିତରେ ୯.୭% ପୁଅ ରହିଥିବା ବେଳେ ୬% ଝିଅ ରହିଛନ୍ତି । ୨୦୨୩-୨୪ ଆର୍ଥିକ ବର୍ଷକୁ ଦୃଷ୍ଟି ଦେଲେ ପ୍ରାଥମିକ ସ୍କୁଲ ସ୍ତରରେ ୦.୧, ଉଚ୍ଚ ପ୍ରାଥମିକ ସ୍ତରରେ ୦.୧ ଓ ହାଇସ୍କୁଲ ସ୍ତରରେ ୬.୬% ଡ୍ରପ ଆଉଟ୍ ରହିଥିଲା । ହାଇସ୍କୁଲ ସ୍ତରରେ ଡ୍ରପ୍ ଆଉଟ୍‌ଙ୍କ ମଧ୍ୟରେ ୭.୯% ପୁଅ ଓ ୫.୨% ଝିଅ ରହିଥିଲେ । ୨୦୨୨-୨୩କୁ ସମୀକ୍ଷା କଲେ ପ୍ରାଥମିକ ସ୍ତରରେ ୦.୩୪%, ଉଚ୍ଚ ପ୍ରାଥମିକ ସ୍ତରରେ ୧.୧୭% ଓ ହାଇସ୍କୁଲ ସ୍ତରରେ ୧୩.୨୨% ଡ୍ରପ୍‌ଆଉଟ୍ ରହିଥିଲା। ହାଇସ୍କୁଲ ସ୍ତରରେ ପାଠ ଛାଡ଼ିଥିବାଙ୍କ ମଧ୍ୟରେ ୧୪.୮୩% ପୁଅ ଓ ୧୧.୪୮% ଝିଅ ରହିଥିଲେ । ୨୦୨୧-୨୨ରେ ପ୍ରାଥମିକ ସ୍କୁଲସ୍ତରରେ ୦.୧%, ଉଚ୍ଚ ପ୍ରାଥମିକ ସ୍ତରରେ ୭.୧୬%, ହାଇସ୍କୁଲ ସ୍ତରରେ ୨୦.୨୪% ପାଠ ଛାଡ଼ିଥିଲେ । ଉଚ୍ଚ ପ୍ରାଥମିକ ସ୍ତରରେ ପାଠ ଛାଡ଼ିଥିବାଙ୍କ ମଧ୍ୟରେ ୭.୭୪% ପୁଅ ଓ ୬.୫୪% ଝିଅ ପାଠ ଛାଡ଼ିଥିଲେ । ଯେତେବେଳେ କି ହାଇସ୍କୁଲ ସ୍ତରରେ ୨୩.୧୬% ପୁଅ ଓ ୧୭.୦୫% ଝିଅ ପାଠ ଛାଡ଼ିଥିଲେ । ଡ୍ରପ୍‌ଆଉଟ୍ ରୋକିବାକୁ ସରକାର ପୁରୀ ଜିଲ୍ଲାରେ ପ୍ରବେଶ ଉତ୍ସବ ଓ ସଚେତନତା ରଥ ଗଡ଼ାଇବା, ଅଭିଭାବକ-ଶିକ୍ଷକ ସଭା, ମାଧ୍ୟମିକ ଛାତ୍ରଛାତ୍ରୀଙ୍କୁ ସାଇକେଲ ବଣ୍ଟନ, ଛାତ୍ରଛାତ୍ରୀଙ୍କୁ ମାଗଣା ୟୁନିଫର୍ମ, ଏସସି ଓ ଏସଟି ବିଦ୍ୟାର୍ଥୀଙ୍କୁ ମାଗଣା ପାଠ୍ୟ ପୁସ୍ତକ, ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀଙ୍କୁ ରନ୍ଧା ଖାଦ୍ୟ, ସ୍ମାର୍ଟ ଶ୍ରେଣୀ ଗୃହ, ଇ-ଲାଇବ୍ରେରୀ, ସାଇନ୍ସ ଲ୍ୟାବ, ଖେଳପଡ଼ିଆର ଉନ୍ନତି, ବିଭିନ୍ନ କ୍ରୀଡ଼ାର ସୁଯୋଗ, ବିଦ୍ୟାଳୟର ପରିବେଶ ସୁନ୍ଦର ରଖିବା, ଆବଶ୍ୟକ ଆସବାବପତ୍ର ଯୋଗାଇବା, ପରିମଳ ସୁବିଧା ସୁନିଶ୍ଚିତ କରିବା, ଛାତ୍ର ବୃତ୍ତି, ମାତୃଭାଷାଭିତ୍ତିକ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ, କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟ (କେଜିବିଭି)ରେ ପାଠପଢ଼ା ସୁବିଧା, ଉଚ୍ଚ ପ୍ରାଥମିକ ଓ କେଜିବିଭିରେ ସାନିଟାରୀ ଭେଣ୍ଡିଂ ମେସିନ୍, ଲିଙ୍ଗଗତ ଭେଦଭାବ ଦୂରୀକରଣ ଓ କନ୍ୟାସନ୍ତାନ ପାଇଁ ଅନୁକୂଳ ପରିବେଶ କାର୍ଯ୍ୟକ୍ରମ 'ବର୍ଣ୍ଣାଳୀ', ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କୁ ଟ୍ରାଇସାଇକେଲ, ହ୍ୱିଲ୍ ଚେୟାର, ପଠନ ସହାୟତା ଭତ୍ତା, ବ୍ରେଲି, ବଡ଼ ଛାପା ପୁସ୍ତକ, ଫିଜିଓଥେରାପି, ସ୍ୱିଚ୍, ଶୃଙ୍ଖଳା ରାସନ ଘରେ ଦେବା, ବିଦ୍ୟାଳୟର ଉନ୍ନତୀକରଣ, ଧନ୍ଦାମୂଳକ ଶିକ୍ଷା, ବୃତ୍ତିଗତ ଶିକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ, ଆବାସିକ ଛାତ୍ରାବାସ, ପିଏମ୍‌ଶ୍ରୀ ବିଦ୍ୟାଳୟ, ଯାତାୟାତ ଭତ୍ତା, ପ୍ରଥମରୁ ତୃତୀୟ ପର୍ଯ୍ୟନ୍ତ ବିଦ୍ୟାର୍ଥୀଙ୍କ ନିମନ୍ତେ ଓଡ଼ିଆ ଭାଷା ଓ ଗଣତିର ମୌଳିକ ଦକ୍ଷତା ବୃଦ୍ଧି ନିମନ୍ତେ ପୁସ୍ତିକା ଓ ପଠନ ସାମଗ୍ରୀ ବଣ୍ଟନ, ଚତୁର୍ଥରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀଙ୍କୁ ଶିକ୍ଷଣ ଅଭିବୃଦ୍ଧି କାର୍ଯ୍ୟକ୍ରମ, ଆବଶ୍ୟକ ଶିକ୍ଷକ ନିଯୁକ୍ତି ପ୍ରଭୃତି ମାଳମାଳ କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି । ମାତ୍ର ଭିତ୍ତିଭୂମିକୁ ଅନୁଧ୍ୟାନ କଲେ ଜିଲ୍ଲାରେ ମୋଟ ୧୮୯୩ ସରକାରୀ ସ୍କୁଲ୍ ଥିବାବେଳେ ୨୦୦ ସ୍କୁଲର ସୁରକ୍ଷା ପାଚେରି ନାହିଁ, ୬୧ ସ୍କୁଲରେ ପୁଅଙ୍କ ନିମନ୍ତେ ଓ ୩୮ ସ୍କୁଲରେ ଝିଅଙ୍କ ନିମନ୍ତେ ପାଇଖାନା ନାହିଁ, ୨୬୮ ସ୍କୁଲର ଖେଳ ପଡ଼ିଆ ନାହିଁ, ୧୩ ସ୍କୁଲକୁ ବିଦ୍ୟୁତ୍ ସଂଯୋଗ ନାହିଁ, ୧୫୯୫ ସ୍କୁଲରେ କମ୍ପ୍ୟୁଟର ନାହିଁ । ସେହିପରି ୬୪ ପ୍ରାଥମିକ ସ୍କୁଲରେ ଛାତ୍ରଛାତ୍ରୀମାନେ ବସିବାକୁ ସ୍ଥାନ ଅଭାବ ଥିବାରୁ ଗୋଟିଏ ଶ୍ରେଣୀ ଗୃହରେ ପାଠପଢ଼ା ଚାଲିଛି । ସ୍ଥିତି ସ୍ୱାଭାବିକ କରିବା ନିମନ୍ତେ ୬୪ ପ୍ରାଥମିକ ସ୍କୁଲରେ ୭୬ଟି ଶ୍ରେଣୀ ଗୃହ ଆବଶ୍ୟକ। ସେହିପରି ୧୧୯ ଉଚ୍ଚ ପ୍ରାଥମିକ ସ୍କୁଲରେ ୨୧୦ଟି ଶ୍ରେଣୀ ଗୃହ, ୫୬ଟି ହାଇସ୍କୁଲ ନିମନ୍ତେ ୧୭୭ ଶ୍ରେଣୀ ଗୃହ ଆବଶ୍ୟକ। ପ୍ରାଥମିକ ସ୍କୁଲ ସ୍ତରରେ ବରିଷ୍ଠ ପ୍ରଧାନ ଶିକ୍ଷକ ପଦବୀ ସଂଖ୍ୟା ୩୪ ଥିବା ବେଳେ ୧୯, ୬୫୦ ପ୍ରଧାନ ଶିକ୍ଷକ ପଦବୀରୁ ୪୫୬ ଖାଲି, ୬୨୯ ବିଜ୍ଞାନ ଶିକ୍ଷକ ପଦବୀରୁ ୪୦୮ ଖାଲି, ୫୩୮ ବରିଷ୍ଠ ଶିକ୍ଷକ ପଦବୀ ମଧ୍ୟରୁ ୨୮୭ ଖାଲିପଡ଼ିଛି। ପୁରୀ ଜିଲ୍ଲାର ୪ ସ୍ଥାନ ନିମାପଡ଼ା, ଗୋପ, ଅସ୍ତରଙ୍ଗ, କୃଷ୍ଣପ୍ରସାଦ ପ୍ରଭୃତି ସ୍ଥାନରେ ମଣ୍ଡଳ ଶିକ୍ଷାଧିକାରୀ ପଦବୀ ଖାଲି ପଡ଼ିଛି। ୬୦୦ରୁ ଅଧିକ ସରକାରୀ ଶିକ୍ଷା ପ୍ରତିଷ୍ଠାନ ନିଜସ୍ୱ ଲ୍ୟାଣ୍ଡ ରେକର୍ଡ ନାହିଁ। ପୁରୀ ଜିଲ୍ଲାରେ ହାଇସ୍କୁଲକୁ ରୂପାନ୍ତରୀକରଣ ନିମନ୍ତେ ସରକାର ୫ଟି ଯୋଜନାରେ ୩୩୫ ସ୍କୁଲ ନିମନ୍ତେ ୧୬୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ହେଲେ ଭିତ୍ତିଭୂମି ନ ସୁଧୁରିବା ବୁଦ୍ଧିଜୀବୀ ମହଲରେ ଚିନ୍ତାର ବିଷୟ ହୋଇଛି।